


▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-316 ◆FRIDAY ◆15 MAY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୧୬ ◆ଶୁକ୍ରବାର ◆୧୫ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ସାରା ରାଜ୍ୟରେ ତେଲ ଆତଙ୍କ

## ରାଜଧାନୀଠାରୁ ରାଉରକେଲା ଯାଏ ସବୁଠି ପମ୍ପ ବନ୍ଦ





- ବାଇକ୍‌କୁ ୧୦୦, କାର ପିଛା ୫୦୦ ଟଙ୍କାର ତେଲ
- ଗଡ଼ିଲାନି ୨୦୦୦ ବସ୍; ଉପାନ୍ତରେ ସ୍ଥିତି ସଙ୍ଗୀନ
- ଯେଉଁଠି ଖୋଲା; ସେଠି ଲାଗିଛି ଲମ୍ବା ଲାଇନ୍
- ପର୍ଯ୍ୟାପ୍ତ ତେଲ ମହଜୁଦ ଅଛି: ଯୋଗାଣ ସଚିବ

■ ଭୁବନେଶ୍ୱର, ୧୪।୫ (ସମିସ): ରାଜ୍ୟରେ ସମ୍ପ୍ରତି ଦେଖାଦେଇଛି ଗମ୍ଭୀର ତେଲ ସଙ୍କଟ। ଗତ ୪-୫ ଦିନ ହେବ କୋରାପୁଟ, ରାୟଗଡା, କଳାହାଣ୍ଡି, ସୁନ୍ଦରଗଡ଼, ଗଞ୍ଜାମ ଏବଂ ଝାରସୁଗୁଡା ଆଦି ଜିଲାଗୁଡିକରୁ ଆରମ୍ଭ ହୋଇଥିବା ଏହି ସମସ୍ୟା ଏବେ ସାରା ରାଜ୍ୟକୁ ବ୍ୟାପିଗଲାଣି। ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ପାଇଁ ସ୍ଥିତି ଏବେ ଏଭଳି ହୋଇଛି ଯେ, ରାଜଧାନୀଠାରୁ ରାଉରକେଲା ଯାଏ ସବୁଠି ପେଟ୍ରୋଲ ପମ୍ପ ବନ୍ଦ। ରାଜ୍ୟର ପ୍ରାୟ ଅଧିକାଂଶ ଜିଲ୍ଲାରେ ଏବେ ଦେଖାଦେଇଛି ତେଲ ସଙ୍କଟ। ଅନେକ ଟାଙ୍କିରେ ପେଟ୍ରୋଲ ଓ ଡିଜେଲ ନ ଥିବାରୁ ଲାଗିଛି ନୋ ଷ୍ଟକ୍ ବୋର୍ଡ଼। ଆଉ ଯେଉଁଠି କିଛି ମାତ୍ରାରେ ତେଲ ସେଠି ଲାଗିଛି ଗ୍ରାହକଙ୍କ ଅସମ୍ଭାଳ ଭିଡ଼। କୌତୁହଳର ବିଷୟ ହେଉଛି, ରାଜ୍ୟର ଉପାନ୍ତ ଅଞ୍ଚଳରେ ସ୍ଥିତି ସଙ୍ଗୀନ୍। ସେଠାରେ ୭୦%ରୁ ଅଧିକ ପେଟ୍ରୋଲ ପମ୍ପ ବନ୍ଦ। ଡିଜେଲ ଅଭାବରୁ ରାଜ୍ୟ ବର୍ତ୍ତମାନ ୨୦୦୦ ବସ୍ ଚଳାଚଳ ବନ୍ଦ ରହିଛି। ଆଗକୁ ସ୍ଥିତିକୁ ନେଇ ବସ୍ ମାଲିକ ସଂଶୟରେ। ଏଭଳି ସ୍ଥିତିରେ ବସ୍ ଚାଳଚଳ ନେଇ ଅଶାଙ୍କା ଦେଖାଗଲାଣି।

ନିକଟରେ ପ୍ରାଧାନମନ୍ତ୍ରୀ ମଧ୍ୟ ପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନଜରରେ ରଖି ପେଟ୍ରୋଲ ଓ ଡିଜେଲ୍ ଖର୍ଚ୍ଚ ନିୟନ୍ତ୍ରଣ କରିବାକୁ ଦେଶବାସୀଙ୍କୁ ଅପିଲ୍ କରିଥିଲେ। ହେଲେ ଏହା ପରେ ଚାରିଆଡେ ତେଲ ସଙ୍କଟକୁ ନେଇ ଆତଙ୍କ ଖେଳିଯାଇଛି। ଆଗକୁ କାଳେ ତେଲ ମିଳିବନି, ତେଲ ଦର ବଢ଼ିଯିବ, ସେଇ ଆଶଙ୍କାରେ ଅନେକ ସ୍ଥାନରେ ଲୋକେ ଧିକ ମାତ୍ରାରେ ପେଟ୍ରୋଲ ନେଉଥିବାରୁ ଟାଙ୍କି ଗୁଡ଼ିକରେ ଷ୍ଟକ୍ ଶେଷ ହୋଇଯାଉଛି। ରାଜ୍ୟର ଭୁବନେଶ୍ୱର, କଟକ, ବ୍ରହ୍ମପୁର, ପୁରୀ, ରାଉରକେଲା, ବାଲେଶ୍ୱର, ଜୟପୁର, ଅନୁଗୋଳ, ଭଦ୍ରକ, ▶ପୃଷ୍ଠା-୭

# ପାଇକାରୀ ମୁଦ୍ରାସ୍ଫୀତି ୪୨ ମାସରେ ସର୍ବାଧିକ

**ଏପ୍ରିଲରେ ୮.୩%**

### ଆଗକୁ ଅସମ୍ଭାଳ ହେବ ବଜାର ସ୍ଥିତି

### ପୁଣି ବଢ଼ିବ ଖୁଚୁରା ମୁଦ୍ରାସ୍ଫୀତି

■ ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଏପ୍ରିଲ ମାସରେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ଦ୍ରୁତ ବୃଦ୍ଧି ଘଟିଛି। ଦେଶରେ ଏପ୍ରିଲ ମାସରେ ପାଇକାରୀ ମୁଦ୍ରାସ୍ଫୀତି ୮.୩%ରେ ପହଞ୍ଚିଛି, ଯାହା ବର୍ତ୍ତମାନ ସ୍ଥିତିରେ ସର୍ବାଧିକ। ଏହି ବୃଦ୍ଧିର ମୁଖ୍ୟ କାରଣ, ଇନ୍ଧନ ଏବଂ ଅଶୋଧିତ ତୈଳ ମୂଲ୍ୟରେ ହୋଇଥିବା ବୃଦ୍ଧି। ଯାହାର ପ୍ରଭାବ ଅର୍ଥନୀତି ଉପରେ ଦେଖିବାକୁ ମିଳୁଛି। ଏଥିଯୋଗଭୁ ପାଇକାରୀ ମୁଦ୍ରାସ୍ଫୀତି ବର୍ତ୍ତମାନ ୪୨ ମାସରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ପାଇକାରୀ ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୁଦ୍ରାସ୍ଫୀତି ହାର ମାର୍ଚ୍ଚରେ ୩.୮୮%ରୁ ବଢ଼ି ଏପ୍ରିଲରେ ୮.୩% ହୋଇଛି। ଆହୁରି ମଧ୍ୟ ଏହି ତଥ୍ୟ ଖୁଚୁରା ଏବଂ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟରେ ଥିବା ବଡ଼ ପାର୍ଥକ୍ୟକୁ ଦର୍ଶାଉଛି। ବିଶେଷଜ୍ଞ କହିଛନ୍ତି, ବିଶ୍ୱରେ ସାମଗ୍ରୀ ଏବଂ ଶକ୍ତିର ଉଚ୍ଚ ଦାମ୍ ଘରୋଇ ଯୋଗାଣ ଶୃଙ୍ଖଳା ଉପରେ ପ୍ରଭାବ ପକାଉଛି। ଫଳରେ ଏବେ ଉତ୍ପାଦନକାରୀଙ୍କ ଖର୍ଚ୍ଚ ଦ୍ରୁତ ଭାବରେ ବଢ଼ୁଛି। ଯାହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିବା ଆରମ୍ଭ ହୋଇଗଲାଣି। ସରକାରୀ ତଥ୍ୟ ଅନୁସାରେ, ଏପ୍ରିଲ ମାସରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ୩.୪୮%କୁ ବୃଦ୍ଧି ପାଇଛି। ଯେତେବେଳେକି ମାର୍ଚ୍ଚରେ ଏହା ୩.୪୦% ରହିଥିଲା। ଏଥିରେ ସବୁଠାରୁ ବଡ଼ କଥା ହେଉଛି, ୨୦୨୫ ଅକ୍ଟୋବରରେ ଦେଶରେ ▶ପୃଷ୍ଠା-୭

## ଦିଲ୍ଲୀରେ ଲଜ୍ଜା

# ଚଳନ୍ତା ବସ୍‌ରେ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ଦିଲ୍ଲୀର ସରସ୍ୱତୀ ବିହାର ଅଞ୍ଚଳରେ ଏକ ଚଳନ୍ତା ସ୍ଲିପର ବସରେ ଜଣେ ମହିଳାଙ୍କୁ ପ୍ରାୟ ଦୁଇ ଘଣ୍ଟା ଧରି ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ୨୦୧୨ର କୁଖ୍ୟାତ ନିର୍ଭୟା ମାମଲାକୁ ପୁଣି ମନେ ପକାଇ ଦେଇଛି। ପୋଲିସ ଏହି ମାମଲାରେ ବିହାରରୁ ପଞ୍ଜୀକୃତ ହୋଇଥିବା ବସକୁ ଜବତ କରିବା ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମଇ ୧୧ ତାରିଖ ରାତିରେ ଜଣେ ମହିଳା କାମ ସାରି ଫେରୁଥିବା ସମୟରେ ବସର ଜଣେ କର୍ମଚାରୀଙ୍କୁ ସମୟ ପଚାରିଥିଲେ। କିନ୍ତୁ ସେହି ବ୍ୟକ୍ତି ଜଣକ ତାଙ୍କୁ ଜବରଦସ୍ତି ବସ୍ ଭିତରକୁ ଟାଣି ନେଇଥିଲେ। ବସଟି ନାଙ୍ଗଲୋଇ ଆଡ଼କୁ ଯାଉଥିବା ବେଳେ ଚଳନ୍ତା ଗାଡ଼ିରେ ଡ୍ରାଇଭର ଓ ହେଲ୍ପର ମହିଳାଙ୍କୁ ଦୁଇ ଘଣ୍ଟା ଧରି ଯୌନ ନିର୍ଯାତନା ଦେଇଥିଲେ। ବସର କାଚ ସିଲ୍ ଥିବାରୁ ଏବଂ ପରଦା ଲାଗିଥିବାରୁ ବାହାର ଲୋକ କିଛି ଜାଣିପାରି ନଥିଲେ। ସିସିଟିଭି ଫୁଟେଜ୍ ଆଧାରରେ ଦିଲ୍ଲୀ ପୋଲିସ ବସଟିକୁ ଚିହ୍ନଟ କରିଛି। ▶ପୃଷ୍ଠା-୭

# ୩୦ରୁ ଓଡ଼ିଶାରେ ଏସ୍‌ଆଇଆର୍

### ଘର ଘର ବୁଲି ତଥ୍ୟ ଯାଞ୍ଚ କରିବେ ୩୮୧୨୩ ବିଏଲଓ

### ରାଜନୈତିକ ଦଳ ପକ୍ଷରୁ ୨୭୭୨୩ ବୁଥ୍‌ସ୍ତରୀୟ ଏଜେଣ୍ଟ

### ଜୁଲାଇ ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

■ ଭୁବନେଶ୍ୱର, ୧୪।୫ (ସମିସ): ଭାରତୀୟ ନିର୍ବାଚନ ଆୟୋଗ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଭୋଟର ତାଲିକାର ତୃତୀୟ ପର୍ଯ୍ୟାୟ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଓଡ଼ିଶାରେ ଚଳିତ ମାସ ୩୦ ତାରିଖରୁ ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ(ଏସ୍‌ଆଇଆର୍) ଆରମ୍ଭ ହେବା ନେଇ ନିର୍ବାଚନ ଆୟୋଗଙ୍କ ଦ୍ୱାରା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏବେ ଜନଗଣନା ପାଇଁ ଚାଲିଥିବା ଘର ଗଣନା ପ୍ରକ୍ରିୟା ସହ ସମନ୍ୱୟ ରକ୍ଷା କରି ଏହି ଏସ୍‌ଆଇଆର୍ ପାଇଁ ନିର୍ବାଚନ ଆୟୋଗଙ୍କ ଦ୍ୱାରା କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି। ରାଜ୍ୟରେ ଏସ୍‌ଆଇଆର୍ ଅଭିଯାନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ରାଜ୍ୟରେ ପ୍ରାୟ ୩୮୧୨୩ ଜଣ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲଓ) ନିୟୋଜିତ ହୋଇଥିବା ବେଳେ ସେମାନେ ସିଧାସଳଖ ଲୋକଙ୍କ ଘରକୁ ଯାଇ ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ।

ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ, ଚଳିତ ମେ ମାସ ୨୦ରୁ ୨୯ ତାରିଖ ମଧ୍ୟରେ କ୍ଷେତ୍ର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଓ ଆନୁଷଙ୍ଗିକ ମୁଦ୍ରଣ କାର୍ଯ୍ୟ ▶ପୃଷ୍ଠା-୭




# କାଳବୈଶାଖୀର ତାଣ୍ଡବ

## ଉତ୍ତରପ୍ରଦେଶରେ ଶତାଧିକ ମୃତ



ଲକ୍ଷ୍ନୌ, ୧୪।୫(ଏଜେନ୍ସି): ଗ୍ରୀଷ୍ମର ପ୍ରଚଣ୍ଡ ଦାହ ମଧ୍ୟରେ ପ୍ରକୃତିର ଆକସ୍ମାତ ରୁଦ୍ର ରୂପ ସମଗ୍ର ଉତ୍ତର ପ୍ରଦେଶକୁ ସ୍ତବ୍ଧ କରିଦେଇଛି । ଏକ ଶକ୍ତିଶାଳୀ ବା ପ୍ରଳୟଙ୍କରୀ ବାତ୍ୟା ରାଜ୍ୟର ପାଞ୍ଚଟି ଜିଲ୍ଲାରେ ମୃତ୍ୟୁର ବିଭୀଷିକା ରଚନା କରିଛି । ମାତ୍ର କିଛି ମିନିଟର ଏହି କରାଳ ତାଣ୍ଡବରେ ଅଦ୍ୟାବଧି ୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ବହୁ ସମ୍ପତ୍ତି ନଷ୍ଟ ହୋଇଛି । ଗତ ବୁଧବାର ଅପରାହ୍ନରେ ଭାଦୋହୀ, ଫତେପୁର, ବୁଦାଉନ, ଚନ୍ଦୌଲି ଏବଂ ସୋନଭଦ୍ର ଜିଲ୍ଲା ଉପରେ ପ୍ରକୃତିର କୋପ ବର୍ଷିଥିଲା । ଭାଦୋହୀ ଜିଲ୍ଲାରେ ଏହାର ପ୍ରଭାବ ସବୁଠାରୁ ଭୟଙ୍କର ଥିଲା । ଘଣ୍ଟାପ୍ରତି ୫୦ରୁ ୧୦୦ କିଲୋମିଟର ବେଗରେ ପ୍ରବାହିତ ଧୂଳିଝଡ଼ ଓ ବଜ୍ରପାତର ସମ୍ମିଳିତ ପ୍ରକୋପରେ ଶତାଧିକ ବୃକ୍ଷ ଉପୁଡ଼ି ପଡ଼ିବା ସହ ଅନେକ କଞ୍ଚାଘର ଭୁଶୁଡ଼ି ପଡ଼ିଛି । ମୃତକଙ୍କ ମଧ୍ୟରୁ ଅଧିକାଂଶ ଘର କାନ୍ଥ ପଡ଼ି କିମ୍ବା ବଜ୍ରପାତର ଶିକାର ହୋଇଥିବା ଜଣାପଡ଼ିଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଆଗାମୀ ୨୪ ଘଣ୍ଟା ମଧ୍ୟରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ପାଣିପାଗ ବିଶେଷଜ୍ଞଙ୍କ ମତରେ, ଭୂପୃଷ୍ଠର ଅତ୍ୟଧିକ ଉତ୍ତାପ ଏବଂ ବାୟୁମଣ୍ଡଳର ଉପରିଭାଗରେ ଥିବା ଶୀତଳ ବାୟୁ ମଧ୍ୟରେ ସୃଷ୍ଟ ତୀବ୍ର ପାର୍ଥକ୍ୟ ଯୋଗୁଁ ଏହି ଭୟଙ୍କର 'କନଭେକ୍ଟିଭ୍' ବା ପରିଚଳନ ପ୍ରକ୍ରିୟା ସୃଷ୍ଟି ହୋଇଥିଲା । ପଶ୍ଚିମା ପ୍ରଭାବ (ୱେଷ୍ଟର୍ଣ୍ଣ ଡିଷ୍ଟରବାନ୍ସ) ଏବଂ ସ୍ଥାନୀୟ ଚକ୍ରବାତର ମିଶ୍ରଣରେ ଆକାଶରେ ବିଶାଳକାୟ କୃଷ୍ଣମେଘ ସୃଷ୍ଟି ହୋଇ ପ୍ରବଳ ବେଗରେ ନିମ୍ନଗାମୀ ବାୟୁ ପ୍ରବାହ ଘଟାଇଥିଲା, ଯାହା ଭୂପୃଷ୍ଠରେ ଏକ ବିସ୍ଫୋରକ ସ୍ଥିତି ସୃଷ୍ଟି କରିଥିଲା । ବାରମ୍ବାର ମେ' ମାସରେ ଏଭଳି ପ୍ରଳୟଙ୍କରୀ ବାତ୍ୟା ହେବା ପଛରେ ଜଳବାୟୁ ପରିବର୍ତ୍ତନକୁ ଏକ ମୁଖ୍ୟ କାରଣ ଭାବେ ଗ୍ରହଣ କରାଯାଉଛି । ବାୟୁମଣ୍ଡଳର ବୃଦ୍ଧି ପାଉଥିବା ତାପମାତ୍ରା ଏହି ଶକ୍ତିଶାଳୀ ଝଡ଼ ପାଇଁ ଇନ୍ଧନ ସଦୃଶ କାର୍ଯ୍ୟ କରୁଛି । ବିଶେଷ କରି ସିନ୍ଧୁ-ଗଙ୍ଗା ସମତଳ ଅଞ୍ଚଳରେ ଶୁଷ୍କ ବାୟୁ ଏବଂ ଆର୍ଦ୍ରତା ମଧ୍ୟରେ ସଂଘର୍ଷ ଯୋଗୁଁ ଏଭଳି ମରଣାନ୍ତକ ପରିସ୍ଥିତି ବାରମ୍ବାର ଉପୁଜୁଛି । ପ୍ରକୃତିର ଏହି ଆକସ୍ମିକ ପ୍ରଳୟ ମନୁଷ୍ୟ ସମାଜକୁ ପୁଣିଥରେ ସତର୍କ କରାଇ ଦେଇଛି । ସଠିକ ସୂଚନା ସତ୍ତ୍ୱେ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ଦୁର୍ବଳ ଭିତ୍ତିଭୂମି ମୃତ୍ୟୁସଂଖ୍ୟା ବୃଦ୍ଧିର କାରଣ ସାଜିଛି । ବଜ୍ରପାତ ଓ ଝଡ଼ ସମୟରେ ବୃକ୍ଷ ମୂଳେ କିମ୍ବା ଅସୁରକ୍ଷିତ ସ୍ଥାନରେ ଆଶ୍ରୟ ନନେବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ବାରମ୍ବାର ପରାମର୍ଶ ଦିଆଯାଉଛି ।

■ ଛାରଖାର ହେଲା ୫ଟି ଜିଲ୍ଲା
■ ଛପର ସହ ମଣିଷକୁ ବି ଉଡ଼ାଇଲା



## ୧୦ ଦିନର କଳ୍ପନାଜଳ୍ପନାର ଅନ୍ତ

# କେରଳର ନୂଆ ମୁଖ୍ୟମନ୍ତ୍ରୀ ହେବେ ସାଥୀସନ

ତିରୁଅନନ୍ତପୁରମ, ୧୪।୫(ଏଜେନ୍ସି): କେରଳ ରାଜନୀତିରେ ଦୀର୍ଘ ୧୦ ଦିନ ଧରି ଲାଗି ରହିଥିବା ଅନିଶ୍ଚିତତାର କଳାବାଦଲ ଶେଷରେ ଅପସାରିତ ହୋଇଛି । ଗଣତାନ୍ତ୍ରିକ ସାମ୍ମୁଖ୍ୟର ବିପୁଳ ବିଜୟ ପରେ କେରଳର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ କଂଗ୍ରେସ ନେତା ଭି.ଡି. ସାଥୀସନଙ୍କ ନାମ ଉପରେ ଦଳୀୟ ହାଇକମାଣ୍ଡ ମୋହର ମାରିଛନ୍ତି । ଅନ୍ୟତମ ଦାବିଦାର କେସି ବେଣୁଗୋପାଳ ଏବଂ ରମେଶ ଚେନ୍ନିଥାଲାଙ୍କୁ ପଛରେ ପକାଇ ସାଥୀସନ ଶାସନ ଗାଦିରେ ବସିବାକୁ ଯାଉଛନ୍ତି ।



ଗତ କିଛି ଦିନ ଧରି ଦଳ ମଧ୍ୟରେ ଚାଲିଥିବା ଘମାଘୋଟ ଆଲୋଚନା ଓ ପର୍ଯ୍ୟବେକ୍ଷକଙ୍କ ରିପୋର୍ଟ ଆଧାରରେ କଂଗ୍ରେସ ସଭାପତି ଏହି ନିଷ୍ପତ୍ତି ନେଇଛନ୍ତି । ନୂଆଦିଲ୍ଲୀଠାରେ ଦଳ ପକ୍ଷରୁ ବିଧିବଦ୍ଧ ଭାବେ ସାଥୀସନଙ୍କୁ ବିଧାୟକ ଦଳର ନେତା ଘୋଷଣା କରାଯାଇଛି । ସୂଚନାଯୋଗ୍ୟ ଯେ, ସାଥୀସନ ପାରାଭୁର ନିର୍ବାଚନ ମଣ୍ଡଳୀରୁ କ୍ରମାଗତ ଛଅ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ନିଜର ସାଂଗଠନିକ ଦକ୍ଷତା ପ୍ରତିପାଦିତ କରିଛନ୍ତି । ବିଗତ ପାଞ୍ଚ ବର୍ଷ ଧରି ବିରୋଧୀ ଦଳ ନେତା ଭାବେ ଶାସକ ପକ୍ଷକୁ ଘେରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୨୦୨୬ ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟର ୧୦୨ଟି ଆସନରେ ଐତିହାସିକ ସଫଳତା ପଛରେ ସାଥୀସନଙ୍କ ଦୂରଦୃଷ୍ଟିସମ୍ପନ୍ନ ରଣନୀତି ରହିଥିଲା । ଦୁର୍ନୀତି ଏବଂ କୁଶାସନ ବିରୋଧରେ ସେ ଜନମତ ଏକତ୍ରିତ କରିବାରେ ସଫଳ ହୋଇଥିଲେ । ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ ହେବା ପରେ ସାଥୀସନ କହିଛନ୍ତି ଯେ, ଏହା କେରଳ ପାଇଁ ଏକ ନୂତନ ଯୁଗର ଆରମ୍ଭ ଏବଂ ଜନସାଧାରଣଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ଅକ୍ଷରେ ଅକ୍ଷରେ ପାଳନ କରାଯିବ । ଯଦିଓ ଦଳ ମଧ୍ୟରେ କିଛି ବିଧାୟକ ବେଣୁଗୋପାଳଙ୍କ ସପକ୍ଷରେ ଥିଲେ, ତଥାପି ସାଥୀସନଙ୍କ ସାଧାରଣ ଗ୍ରହଣୀୟତାକୁ ଦୃଷ୍ଟିରେ ରଖି ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି । ପରାଜିତ ଦାବିଦାରମାନେ ମଧ୍ୟ ଦଳର ନିଷ୍ପତ୍ତିକୁ ସମ୍ମାନ ଜଣାଇ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ ଦେବେ ବୋଲି ସ୍ପଷ୍ଟ କରିଛନ୍ତି । ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା ସାଥୀସନଙ୍କ ପାଇଁ ଏହି ସଫଳତା ସହଜ ନଥିଲା । ଦୀର୍ଘ ଦଶନ୍ଧିର ବାମପନ୍ଥୀ ଶାସନର ଅନ୍ତ ଘଟାଇ କେରଳରେ ଏକ ସ୍ୱଚ୍ଛ ଓ ପ୍ରଗତିଶୀଳ ପ୍ରଶାସନ ଗଠନ କରିବା ଏବେ ତାଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ । ସମଗ୍ର କେରଳ ଏବେ ଏହି ନୂତନ ଜନନାୟକଙ୍କ ଶପଥ ଗ୍ରହଣ ଉତ୍ସବକୁ ଚାହିଁ ରହିଛି ।

# ୩୦ ମଇରୁ ଏସ୍ଆଇଆର; ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ତାଲିକା

ନୂଆଦିଲ୍ଲୀ, ୧୪।୫(ଏଜେନ୍ସି): ଚଳିତମାସ ୩୦ ତାରିଖରୁ ତୃତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଜି ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିସନ । ଏହି ପର୍ଯ୍ୟାୟରେ ଓଡ଼ିଶା ସମେତ ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍ ହେବ । ତେବେ କେତେକ କାରଣ ଯୋଗୁଁ ବର୍ତ୍ତମାନ ପାଇଁ ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଏବଂ ଲଦାଖକୁ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି । ଜନଗଣନା ସହିତ ଏସ୍ଆଇଆର ପ୍ରକ୍ରିୟା ଏକ ସମୟରେ ଚାଲୁ ରହିବ । ଏହି ପର୍ଯ୍ୟାୟରେ ପ୍ରାୟ ୩ ଲକ୍ଷ ୯୪ ହଜାର ବୁଥ୍ ସ୍ତରୀୟ ଅଧିକାରୀ ଘରକୁ ଘର ବୁଲି ପ୍ରାୟ ୩୬ କୋଟି ୭୩ ଲକ୍ଷ ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ ।

ନିର୍ବାଚନ କମିସନଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିଅନୁଯାୟୀ ଚଳିତ ମଇ ମାସ ୨୦ ତାରିଖରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେବ । ବୁଥ ସ୍ତରୀୟ ଅଧିକାରୀ ବା ବିଏଲଓଙ୍କୁ ତାଲିମ ଦିଆଯିବ । ଏହି ପ୍ରକ୍ରିୟା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ । ମଇ ୩୦ ତାରିଖରୁ ବିଏଲଓ ଘରକୁ ଘର ବୁଲି ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ । ଜୁନ୍ ୨୮ ତାରିଖରେ ଏହି ପ୍ରକ୍ରିୟା ଶେଷ ହେବାପରେ ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା (ଡ୍ରାଫ୍ଟ ରୋଲ୍) ପ୍ରକାଶ ପାଇବ । ଏହା ଉପରେ ଆପତ୍ତି ଅଭିଯୋଗ ପାଇଁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରାଯାଇଛି । ଡ୍ରାଫଟ ରୋଲ ପ୍ରକାଶ ପାଇବା ସହିତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ । ଆପତ୍ତି ଅଭିଯୋଗର ସମାଧାନ ସେପଟେମ୍ବର ୨ ତାରିଖ ପର୍ଯ୍ୟନ୍ତ କରାଯିବ ବୋଲି କମିସନ କହିଛନ୍ତି । ସେପଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

ଜାତୀୟ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଚାଲୁ ରହିଥିବାରୁ ଏବଂ ପାର୍ବତ୍ୟ ଅଞ୍ଚଳରେ ପ୍ରତିକୂଳ ପାଗ ତଥା ବରଫପାତ ଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀର ଏବଂ ଲଦାଖକୁ ବର୍ତ୍ତମାନ ପାଇଁ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି । ଏହି ତିନୋଟି ଅଞ୍ଚଳ ପାଇଁ ପରବର୍ତ୍ତୀ ସମୟରେ ପୃଥକ ଭାବେ କାର୍ଯ୍ୟସୂଚୀ ଜାରି କରାଯିବ । ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ସମସ୍ତ ଯୋଗ୍ୟ ଭୋଟରଙ୍କୁ ଏଥିରେ ସହଯୋଗ କରିବାକୁ ନିବେଦନ କରିଛନ୍ତି । ପ୍ରକାଶଥାଉ କି, ପୂର୍ବରୁ ୧୨ଟି ରାଜ୍ୟରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ସଂଶୋଧନ ସମୟରେ ଉତ୍ତର ପ୍ରଦେଶରୁ ସର୍ବାଧିକ ୨.୦୪ କୋଟି ଏବଂ ପଶ୍ଚିମବଙ୍ଗରୁ ୯୧ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଥିଲା । ତାମିଲନାଡୁରେ ମଧ୍ୟ ୯୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ କଟାଯାଇଛି । ଏହି ସ୍ୱତନ୍ତ୍ର ଅଭିଯାନର ମୂଳ ଲକ୍ଷ୍ୟ ହେଉଛି କେବଳ ପ୍ରକୃତ ଓ ଯୋଗ୍ୟ ଭୋଟରଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବା ଏବଂ ଭୋଟର ତାଲିକାକୁ ସ୍ୱଚ୍ଛ ରଖିବା ।

# ଦିଲ୍ଲୀରେ ସପ୍ତାହକୁ ୨ ଦିନ 'ୱାର୍କ ଫ୍ରମ୍ ହୋମ୍', 'ନୋ କାର୍ ଡେ'

ନୂଆଦିଲ୍ଲୀ, ୧୪।୫(ଏଜେନ୍ସି): ବିଶ୍ୱସ୍ତରୀୟ ଅନିଶ୍ଚିତତା ଏବଂ ଇନ୍ଧନ ସଂରକ୍ଷଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ଦୃଷ୍ଟିରେ ରଖି ଦିଲ୍ଲୀର ବିଜେପି ନେତୃତ୍ୱାଧୀନ ସରକାର ଏକ ବଡ଼ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଗୁରୁବାର ସରକାରୀ କାର୍ଯ୍ୟାଳୟଗୁଡ଼ିକ ପାଇଁ ନୂତନ ନିୟମାବଳୀ ଜାରି କରିଛନ୍ତି, ଯାହା ଆସନ୍ତାକାଲିଠାରୁ କାର୍ଯ୍ୟକାରୀ ହେବ । ସରକାରୀ କର୍ମଚାରୀମାନେ ସପ୍ତାହକୁ ଦୁଇ ଦିନ ଘରୁ କାମ (ଡବ୍ଲ୍ୟୁଏଫ୍ଏଚ୍) କରିବେ । ମୁଖ୍ୟମନ୍ତ୍ରୀ ନିଜର ସରକାରୀ କାରକେଡ୍‌କୁ ୬୦ ପ୍ରତିଶତ ହ୍ରାସ କରିଛନ୍ତି । ବର୍ତ୍ତମାନ ତାଙ୍କ ସହିତ ମାତ୍ର ୪ଟି ଗାଡ଼ି ରହିବ, ଯେଉଁଥିରୁ ୨ଟି ଇଲେକ୍ଟ୍ରିକ୍ ଗାଡ଼ି (ଇଭି) । ପ୍ରତି ସୋମବାରକୁ 'ମଣ୍ଡେ ମେଟ୍ରୋ' ଭାବେ ପାଳନ କରାଯିବ । ସମସ୍ତ ମନ୍ତ୍ରୀ ଏବଂ ସରକାରୀ କର୍ମଚାରୀ ମେଟ୍ରୋରେ ଯାତାୟାତ କରିବେ । ସରକାରୀ କର୍ମଚାରୀଙ୍କ ପାଇଁ ପରିବହନ ଭତ୍ତା ୧୦ ପ୍ରତିଶତ ବୃଦ୍ଧି କରାଯାଇଛି । ଆସନ୍ତା ଏକ ବର୍ଷ ପାଇଁ ସରକାରୀ ବିଦେଶ ଗସ୍ତ ଉପରେ ପ୍ରତିବନ୍ଧକ ଲଗାଯାଇଛି । ସେହିଭଳି ଆସନ୍ତା ୬ ମାସ ପର୍ଯ୍ୟନ୍ତ କୌଣସି ନୂତନ ଗାଡ଼ି କିଣାଯିବ ନାହିଁ । ସରକାରୀ ଅଫିସରେ ଇଉ ର ତାପମାତ୍ରା ୨୪ ରୁ ୨୬ ଡିଗ୍ରୀ ମଧ୍ୟରେ ରଖାଯିବ ଏବଂ ଅନାବଶ୍ୟକ ବିଦ୍ୟୁତ ଖର୍ଚ୍ଚ ରୋକିବା ପାଇଁ 'ମାଷ୍ଟର ସୁଇଚ୍' ଲଗାଯିବ । ସରକାର ଜନସାଧାରଣଙ୍କୁ ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ଗାଡ଼ି ବ୍ୟବହାର ନକରିବାକୁ (ନୋ ଭେଇକିଲ ଡେ) ନିବେଦନ କରିଛନ୍ତି । ଏହି ଅବସରରେ ଦେଶ ଗଠନ ଏବଂ ସଂରକ୍ଷଣ ପାଇଁ ନାଗରିକମାନଙ୍କୁ ଶପଥ ପାଠ କରାଯିବା ସହ ୯୦ ଦିନର ଏକ ସଚେତନତା ଅଭିଯାନ ଚଳାଯିବ । ପ୍ରଧାନମନ୍ତ୍ରୀ ମୋଦୀ ନିକଟରେ ପଶ୍ଚିମ ଏସିଆର ସଂଘର୍ଷ ଯୋଗୁଁ ଭାରତୀୟ ଅର୍ଥନୀତି ଉପରେ ପଡୁଥିବା ପ୍ରଭାବକୁ ରୋକିବା ପାଇଁ ସାଧାରଣ ନାଗରିକଙ୍କୁ ଇନ୍ଧନ ବଞ୍ଚାଇବା ଏବଂ ସାର୍ବଜନୀନ ପରିବହନ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ । ଦିଲ୍ଲୀ ସରକାରଙ୍କ ଏହି ପଦକ୍ଷେପ ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ।

# କ୍ୟୁବା ଅନ୍ଧାର, ହାଭାନାରେ ବ୍ୟାପକ ଜନଆନ୍ଦୋଳନ

ହାଭାନା, ୧୪।୫(ଏଜେନ୍ସି): କ୍ୟୁବାରେ ଇନ୍ଧନ ସଙ୍କଟ ଏବେ ଚରମ ସୀମାରେ ପହଞ୍ଚିଛି । ଦେଶରେ ଡିଜେଲ ଏବଂ ଫୁଏଲ୍ ଅଏଲ୍ ସମ୍ପୂର୍ଣ୍ଣ ଶେଷ ହୋଇଯାଇଥିବା ନେଇ ଶକ୍ତି ମନ୍ତ୍ରୀ ଭିସେଣ୍ଟେ ଡି ଲା ଓ ଲେଭି ସ୍ୱୀକାର କରିଛନ୍ତି । ଏହି କାରଣରୁ ରାଜଧାନୀ ହାଭାନା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ଦିନକୁ ପ୍ରାୟ ୨୨ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ୍ ହେଉଛି । କେବଳ ସ୍ଥାନୀୟ ଗ୍ୟାସ କୂଅଗୁଡ଼ିକୁ ଛାଡ଼ିଦେଲେ ଦେଶରେ ଅନ୍ୟ କୌଣସି ପ୍ରକାରର ଇନ୍ଧନ ନାହିଁ । ଫଳରେ ହସ୍ପିଟାଲ, ସ୍କୁଲ ଏବଂ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଅଚଳ ହୋଇପଡ଼ିଛି । ବିଦ୍ୟୁତ ସଙ୍କଟ ଯୋଗୁଁ ଅତିଷ୍ଠ ହୋଇ ବୁଧବାର ସନ୍ଧ୍ୟାରେ ଶତାଧିକ ଲୋକ ହାଭାନାର ରାସ୍ତାକୁ ଓହ୍ଲାଇଥିଲେ । ସେମାନେ ରାସ୍ତା ଅବରୋଧ କରିବା ସହ ସରକାର ବିରୋଧୀ ସ୍ଲୋଗାନ ଦେଇ ଶୀଘ୍ର ବିଦ୍ୟୁତ ଯୋଗାଣ ପାଇଁ ଦାବି କରିଛନ୍ତି । ଜାନୁଆରୀରୁ ଆରମ୍ଭ ହୋଇଥିବା ଏହି ସଙ୍କଟ ପରଠାରୁ ଏହା ସବୁଠାରୁ ବଡ଼ ବିକ୍ଷୋଭ । କ୍ୟୁବା ରାଷ୍ଟ୍ରପତି ମିଗୁଏଲ୍ ଡିଆଜ୍-କାନେଲ୍ ଏହି ଅବସ୍ଥା ପାଇଁ ଆମେରିକାର ଅର୍ଥନୈତିକ କଟକଣାକୁ ଦାୟୀ କରିଛନ୍ତି । ଅନ୍ୟପଟେ, ଆମେରିକା ୧୦୦ ମିଲିୟନ ଡଲାରର ସହାୟତା ପ୍ରତିଶ୍ରୁତି ଦେଇଛି, କିନ୍ତୁ ଏଥିପାଇଁ କ୍ୟୁବାର କମ୍ୟୁନିଷ୍ଟ ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ସର୍ତ୍ତ ରଖିଛି । ପୂର୍ବରୁ କ୍ୟୁବାକୁ ଭେନେଜୁଏଲା ଏବଂ ମେକ୍ସିକୋ ତେଲ ଯୋଗାଉଥିଲେ । ମାତ୍ର ଆମେରିକାର ଧମକ ଯୋଗୁଁ ସେମାନେ ଯୋଗାଣ ବନ୍ଦ କରିଦେଇଛନ୍ତି । ରୁଷିଆରୁ ଆସିଥିବା ଏକ ତେଲ ଟ୍ୟାଙ୍କର କିଛି ଦିନ ପାଇଁ ଆଶ୍ୱସ୍ତି ଦେଇଥିଲେ ହେଁ ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି । କ୍ୟୁବାର ଅର୍ଥନୀତିର ମୁଖ୍ୟ ଆଧାର ପର୍ଯ୍ୟଟନ ଶିଳ୍ପ ମଧ୍ୟ ଏହି ଶକ୍ତି ସଙ୍କଟ ଯୋଗୁଁ ଗମ୍ଭୀର ଭାବେ ପ୍ରଭାବିତ ହୋଇଛି, ଯାହା ଦେଶର ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି ।

# ଓମାନ୍ ଉପକୂଳରେ ଭାରତୀୟ ଜାହାଜକୁ ଡ୍ରୋନ୍ ମାଡ଼

ନୂଆଦିଲ୍ଲୀ/ଅହମ୍ମଦାବାଦ, ୧୪।୫(ଏଜେନ୍ସି): ଓମାନର ଉତ୍ତର ଉପକୂଳରେ ଏକ ଭାରତୀୟ ପଣ୍ୟବାହୀ ଜାହାଜ 'ହାଜି ଅଲି' ଉପରେ ସନ୍ଦିଗ୍ଧ ଡ୍ରୋନ୍ କିମ୍ବା ମିସାଇଲ୍ ମାଡ଼ ହେବା ଫଳରେ ଏହା ସମୁଦ୍ରରେ ବୁଡ଼ି ଯାଇଛି । ଭାରତ ସରକାର ଏହି ଘଟଣାକୁ ଅତ୍ୟନ୍ତ ନିନ୍ଦନୀୟ ଏବଂ ଅଗ୍ରହଣୀୟ ବୋଲି କହିଛନ୍ତି । ବୁଧବାର ଭୋର ପ୍ରାୟ ୩:୩୦ ସମୟରେ ଓମାନର ଲିମା ନିକଟରେ ଏହି ଆକ୍ରମଣ ହୋଇଥିଲା । ଜାହାଜଟି ସୋମାଲିଆରୁ ଶାରଜା ଅଭିମୁଖେ ଗୋରୁଗାଈ ନେଇ ଯାଉଥିଲା । କୌଣସି ଏକ ବିସ୍ଫୋରକ ବସ୍ତୁ (ସମ୍ଭବତଃ ଡ୍ରୋନ୍) ବାଜିବା ପରେ ଜାହାଜରେ ନିଆଁ ଲାଗିଯାଇଥିଲା । ଏହାପରେ ଜାହାଜଟି ନିଜର ସନ୍ତୁଳନ ହରାଇ ସମୁଦ୍ରରେ ବୁଡ଼ି ଯାଇଥିଲା । ଜାହାଜରେ ଥିବା ୧୪ ଜଣ ଭାରତୀୟ ନାବିକ ତୁରନ୍ତ ଲାଇଫ୍ ବୋଟ୍ ସାହାଯ୍ୟରେ ବାହାରକୁ ଆସିଥିଲେ । ଓମାନ କୋଷ୍ଟଗାର୍ଡ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଦୀବା ବନ୍ଦରକୁ ନେଇଛନ୍ତି । ସମସ୍ତ ନାବିକ ସୁରକ୍ଷିତ ଥିବା ଜାହାଜ ମାଲିକ ନିଶ୍ଚିତ କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ଏହି ଆକ୍ରମଣକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି । ମନ୍ତ୍ରଣାଳୟ କହିଛି ଯେ, ବାଣିଜ୍ୟିକ ଜାହାଜ ଏବଂ ସାଧାରଣ ନାବିକମାନଙ୍କୁ ଟାର୍ଗେଟ୍ କରାଯିବା ଆଦୌ ଗ୍ରହଣୀୟ ନୁହେଁ । ଏହା ସମୁଦ୍ରରେ ମୁକ୍ତ ପରିବହନ ଏବଂ ବାଣିଜ୍ୟ ପାଇଁ ଏକ ବଡ଼ ବିପଦ । ଇରାନ୍ ଏବଂ ଆମେରିକା ମଧ୍ୟରେ ହର୍ମୁଜ୍ ପ୍ରଣାଳୀରେ ଲାଗି ରହିଥିବା ଉତ୍ତେଜନା କାରଣରୁ ଏହି ଅଞ୍ଚଳରେ ସାଧାରଣ ଜାହାଜଗୁଡ଼ିକ ବିପଦ ମଧ୍ୟରେ ରହିଛନ୍ତି । ଗତ ଏକ ସପ୍ତାହ ମଧ୍ୟରେ ଗୁଜରାଟର ଏହା ଦ୍ୱିତୀୟ ଜାହାଜ ଯାହା ଏହି ଅଞ୍ଚଳରେ ଦୁର୍ଘଟଣାର ଶିକାର ହୋଇଛି । ଭାରତୀୟ ନାବିକ ସଂଘ ସରକାରଙ୍କୁ ଅନୁରୋଧ କରିଛି ଯେ, ସେମାନଙ୍କୁ ଶୀଘ୍ର ଦେଶକୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରାଯାଉ । ବର୍ତ୍ତମାନ ଓମାନ ପ୍ରଶାସନ ଏହି ଘଟଣାର ଅଧିକ ତଦନ୍ତ କରୁଛି ।

**ବୁଡ଼ିଗଲା 'ହାଜି ଅଲି', ୧୪ ନାବିକ ସୁରକ୍ଷିତ**

# ୧୨ ଘଣ୍ଟା ଜେରା ପରେ ଖେରାଙ୍କୁ ଦ୍ୱିତୀୟ ଦିନ ପାଇଁ ପଚରାଉଚରା

ଗୌହାଟୀ, ୧୪।୫(ଏଜେନ୍ସି): ବରିଷ୍ଠ କଂଗ୍ରେସ ନେତା ପବନ ଖେରା ଆଜି ଦ୍ୱିତୀୟ ଦିନ ପାଇଁ ଆସାମ ପୋଲିସର କ୍ରାଇମ ବ୍ରାଞ୍ଚ ନିକଟରେ ହାଜର ହୋଇଛନ୍ତି । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପତ୍ନୀ ରିନିକି ଭୂୟାଁ ଶର୍ମାଙ୍କ ସହ ଜଡ଼ିତ ଏକ ପାସପୋର୍ଟ ବିବାଦ ମାମଲାରେ ଗତକାଲି ତାଙ୍କୁ ଦୀର୍ଘ ୧୨ ଘଣ୍ଟା ଧରି ଜେରା କରାଯାଇଥିଲା । ରିନିକି ଭୂୟାଁ ଶର୍ମାଙ୍କ ପାଖରେ ତିନୋଟି ପାସପୋର୍ଟ ଏବଂ ଅନେକ ବିଦେଶୀ ସମ୍ପତ୍ତି ଥିବା ନେଇ ପବନ ଖେରା ଏକ ସାମ୍ବାଦିକ ସମ୍ମିଳନୀରେ ଜାଲ୍ ଦସ୍ତାବିଜ୍ ଉପସ୍ଥାପନ କରିଥିବା ଅଭିଯୋଗ ହୋଇଛି । ପଚରାଉଚରା ପରେ ଖେରା କହିଛନ୍ତି ଯେ, ସେ ଜଣେ ଆଇନ ମାନୁଥିବା ନାଗରିକ ଏବଂ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି । ପୋଲିସ ମାଗିଥିବା କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଦାଖଲ କରିବା ପାଇଁ ସେ ପୁଣିଥରେ ହାଜର ହେବେ । କଂଗ୍ରେସ ନେତା ଗୌରବ ଗୋଗୋଇ କ୍ରାଇମ ବ୍ରାଞ୍ଚ ଅଫିସରେ ପହଞ୍ଚି ଖେରାଙ୍କୁ ସମର୍ଥନ ଜଣାଇଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ପରିବାରର ବେଆଇନ ସମ୍ପତ୍ତି ବିଷୟରେ ଚର୍ଚ୍ଚା ବନ୍ଦ କରିବା ପାଇଁ ଏହି ଏଫ୍ଆଇଆର୍ ଏକ ମାଧ୍ୟମ । ବିରୋଧୀ ନେତାଙ୍କ ସ୍ୱର ଚାପିବା ପାଇଁ କେନ୍ଦ୍ରୀୟ ଏଜେନ୍ସି ଏବଂ ପୋଲିସର ଅପବ୍ୟବହାର କରାଯାଉଛି ବୋଲି ସେ କହିଛନ୍ତି । ଏହି ଅବସରରେ କଂଗ୍ରେସ ଆସାମର ଏନ୍ଆରସି ପ୍ରକ୍ରିୟା, ୬ଟି ସମୁଦାୟକୁ ଜନଜାତି ମାନ୍ୟତା ପ୍ରଦାନରେ ବିଳମ୍ବ ଏବଂ ସମାନ ନାଗରିକ ସଂହିତା (ୟୁସିସି) କୁ ନେଇ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଛି । ୟୁସିସି ମାଧ୍ୟମରେ ଆଦିବାସୀଙ୍କ ପରମ୍ପରା ଏବଂ ସାମାଜିକ ବ୍ୟବସ୍ଥା ଦୁର୍ବଳ ହେବାର ଆଶଙ୍କା ରହିଛି ବୋଲି ଦଳ କହିଛି ।



# ଅସନ୍ତୋଷ ଝାଡ଼ିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୪।୫(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର (ଇସି) ମାନଙ୍କ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଚୟନ କମିଟିର ସ୍ୱଚ୍ଛତାକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ବିଚାରପତି ଦୀପଙ୍କର ଦତ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ପ୍ରକ୍ରିୟାରେ କାର୍ଯ୍ୟପାଳିକାର ଅତ୍ୟଧିକ ପ୍ରଭାବକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଜଷ୍ଟିସ୍ ଦତ୍ତ ପ୍ରଶ୍ନ କରିଥିଲେ ଯେ, ଯଦି ଉଇଓ ନିର୍ଦ୍ଦେଶକ ଚୟନ କମିଟିରେ ସୁପ୍ରିମକୋର୍ଟଙ୍କ ମୁଖ୍ୟ ବିଚାରପତି (ସିଜେଆଇ) ସଦସ୍ୟ ରହିପାରୁଛନ୍ତି, ତେବେ ଗଣତନ୍ତ୍ରର ମୂଳଦୁଆ ଏବଂ ସ୍ୱଚ୍ଛ ନିର୍ବାଚନ ପରିଚାଳନା କରୁଥିବା ନିର୍ବାଚନ କମିଶନରଙ୍କ ଚୟନ କମିଟିରେ କାହିଁକି ଜଣେ ସ୍ୱାଧୀନ ସଦସ୍ୟ ନାହାନ୍ତି? ବର୍ତ୍ତମାନର ନିୟମ ଅନୁଯାୟୀ, ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଜଣେ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା ରୁହନ୍ତି । କୋର୍ଟ କହିଛନ୍ତି ଯେ ଏଭଳି ସ୍ଥିତିରେ ନିଷ୍ପତ୍ତି ସ୍ୱାଭାବିକ ଭାବେ ୨:୧ ବହୁମତରେ ହେବ, କାରଣ କ୍ୟାବିନେଟ୍ ମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ଯିବାର ସମ୍ଭାବନା କମ୍ । ଏହାଦ୍ୱାରା ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ନିୟନ୍ତ୍ରଣରେ ରହିଯାଉଛି । କୋର୍ଟ ପଚାରିଥିଲେ ଯେ କମିଟିରେ ଜଣେ ସ୍ୱାଧୀନ ସଦସ୍ୟଙ୍କ ପରିବର୍ତ୍ତ? କେବଳ ମନ୍ତ୍ରଣାଳୟର ସଦସ୍ୟଙ୍କୁ କାହିଁକି ରଖାଯାଇଛି? ଜଷ୍ଟିସ୍ ଦତ୍ତ କହିଛନ୍ତି ଯେ ସଂସଦ ପାଖରେ ଆଇନ ପ୍ରଣୟନ କରିବାର କ୍ଷମତା ଅଛି, କିନ୍ତୁ ସୁପ୍ରିମକୋର୍ଟ ହେଉଛନ୍ତି ଶେଷ ବିଚାରପତି ଏବଂ ଆଇନର ବ୍ୟାଖ୍ୟା କରିବାର ଅଧିକାର କୋର୍ଟଙ୍କ ପାଖରେ ରହିଛି । ଆଟର୍ଣ୍ଣି ଜେନେରାଲ୍ ଆର ଭେଙ୍କଟରମଣିଙ୍କୁ ଏହି ପ୍ରସଙ୍ଗରେ କଡ଼ା ପ୍ରଶ୍ନ କରି କୋର୍ଟ କହିଛନ୍ତି ଯେ ଏଭଳି ବ୍ୟବସ୍ଥା ଦ୍ୱାରା 'ସବୁକିଛି କାର୍ଯ୍ୟପାଳିକା ନିୟନ୍ତ୍ରଣ କରୁଥିବା' ଭଳି ମନେ ହେଉଛି । ନିର୍ବାଚନ କମିଶନରଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି କିପରି ସମ୍ପୂର୍ଣ୍ଣ ନିରପେକ୍ଷ ହେବ, ତାହାକୁ ନେଇ କୋର୍ଟ ଏହି ଶୁଣାଣି କରୁଛନ୍ତି ।

■ ନିର୍ବାଚନ କମିସନର ଚୟନ ପ୍ରକ୍ରିୟାରୁ ପ୍ରଧାନ ବିଚାରପତି ବାଦ୍ କାହିଁକି?
■ ସବୁକିଛି ନିୟନ୍ତ୍ରଣ କରୁଛି କାର୍ଯ୍ୟପାଳିକା

# ନିର୍ବାଚନ ପରେ ଏସ୍ଆଇଆର ଚଡ଼କ

## ଭୋଟର ତାଲିକାରୁ ବାଦ୍ ପଡ଼ିଲେ ମିଳିବନି ସରକାରୀ ସୁବିଧା

ନୂଆଦିଲ୍ଲୀ, ୧୪।୫(ଏଜେନ୍ସି): ନିର୍ବାଚନ କମିଶନଙ୍କ ଦ୍ୱାରା ପରିଚାଳିତ ବିଶେଷ ଗହନ ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟା ଏବେ କେବଳ ଭୋଟର ତାଲିକାରେ ସୀମିତ ନ ରହି ସରକାରୀ ଯୋଜନାର ସ୍ୱଚ୍ଛତା ପାଇଁ ବ୍ୟବହୃତ ହେବାକୁ ଯାଉଛି । ପଶ୍ଚିମବଙ୍ଗ ଓ ବିହାର ସରକାର ଏହି ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତିମାନଙ୍କୁ ସମସ୍ତ ସରକାରୀ ସୁବିଧା ଓ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ନିକଟରେ ଅନୁଷ୍ଠିତ ଏହି ସଂଶୋଧନ ପ୍ରକ୍ରିୟାରେ ଲକ୍ଷ ଲକ୍ଷ ମୃତ, ନକଲି ଏବଂ ଅଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ହଟାଇ ଦିଆଯାଇଛି । ବିହାରରେ ପ୍ରାୟ ୬୫ ଲକ୍ଷ ଏବଂ ପଶ୍ଚିମବଙ୍ଗରେ ପ୍ରାୟ ୯୧ ଲକ୍ଷ ନାମ କଟାଯାଇଛି । ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ସ୍ପଷ୍ଟ କରିଛନ୍ତି ଯେ ଯେଉଁମାନଙ୍କ ନାମ ଭୋଟର ତାଲିକାରୁ କଟିଛି, ସେମାନଙ୍କୁ ଆଉ ସରକାରୀ ରାସନ କିମ୍ବା ଅନ୍ୟାନ୍ୟ ଆର୍ଥିକ ସହାୟତା ମିଳିବ ନାହିଁ । ଏପରିକି ସେମାନଙ୍କ ବ୍ୟାଙ୍କ ଖାତା ମଧ୍ୟ ରଦ୍ଦ କରାଯାଇପାରେ । ସେହିପରି ପଶ୍ଚିମବଙ୍ଗର ନବନିର୍ବାଚିତ ବିଜେପି ସରକାର ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ କୌଣସି ଅନୁପ୍ରବେଶକାରୀ କିମ୍ବା ଅଣ-ଭାରତୀୟଙ୍କୁ ଜନସାଧାରଣଙ୍କ ଟିକସ ଅର୍ଥରେ ଚାଲୁଥିବା ଯୋଜନାର ଲାଭ ଉଠାଇବାକୁ ଦିଆଯିବ ନାହିଁ ।

**୫୧.୫୩ ଲକ୍ଷ ସରକାରୀ ଟଙ୍କା ଆତ୍ମସାତ୍**

## ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀ ଗିରଫ

କଟକ,୧୪।୫(ସମିସ): କଟକ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟରେ ଘଟିଥିବା ଏକ ବଡ଼ଧରଣର ସରକାରୀ ଅର୍ଥ ତୋଷରପାତର ପର୍ଦ୍ଦାଫାସ କରିଛି ଭିଜିଲାନ୍ସ। ପ୍ରାୟ ୫୧.୫୩ ଲକ୍ଷ ଟଙ୍କା ସରକାରୀ ପାଣ୍ଠି ଆତ୍ମସାତ୍ କରିଥିବା ଅଭିଯୋଗରେ ଭିଜିଲାନ୍ସ ଆଜି କାର୍ଯ୍ୟାଳୟର କର୍ମଚାରୀ ସୁଭାଷ ଚନ୍ଦ୍ର ସାହୁଙ୍କୁ ଗିରଫ କରିଛି। ଅଭିଯୁକ୍ତ ସୁଭାଷ କଟକ ଡିଇଓ କାର୍ଯ୍ୟାଳୟର ଆକାଉଣ୍ଟସ୍ ସେକ୍ସନ୍‌ରେ ଥିବା ବେଳେ ଏଚ୍‌ଆରଏମ୍‌ଏସ୍ ଏବଂ ଆଇଏଫ୍‌ଏମ୍‌ଏସ୍



ପୋର୍ଟାଲ୍ ପରିଚାଳନା ଦାୟିତ୍ୱରେ ଥିଲେ। ଏହି ସମୟରେ ସେ କାର୍ଯ୍ୟାଳୟର ଡିଡିଓ (ଡ୍ରଇଂ ଆଣ୍ଡ ଡିସ୍‌ବର୍ସିଂ ଅଫିସର୍)ଙ୍କ ଲଗ-ଇନ୍ ଆଇଡି ବ୍ୟବହାର କରିଥିଲେ। ସରକାରୀ ଏଆରଏମଏସ ପୋର୍ଟାଲ୍‌ରେ ସେ ୪ଜଣ ବାହାର ବ୍ୟକ୍ତିଙ୍କ ନାମକୁ ସରକାରୀ କର୍ମଚାରୀ ଭାବେ ଦର୍ଶାଇ ଦରମା ପାଇବାକୁ ଯୋଗ୍ୟ କର୍ମଚାରୀ ଭାବେ ଅନ୍ତର୍ଭୁକ୍ତ କରିଥିଲେ। ସେହି ବ୍ୟକ୍ତିମାନଙ୍କ ନାମରେ ଦରମା ବାବଦକୁ ଟଙ୍କା ଆସିବା ପରେ, ସେହିଦିନ ହିଁ ସମସ୍ତ ଅର୍ଥ ସୁଭାଷ ନିଜ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିନେଇଥିଲେ। ଗତ ୨୦୧୮ ଡିସେମ୍ବର ୩୧ରୁ ୨୦୨୧ ଅକ୍ଟୋବର ୧୬ ମଧ୍ୟରେ ମୋଟ ୫୧ଲକ୍ଷ ୫୩ ହଜାର ୬୪୦ ଟଙ୍କାର ବେଆଇନ କାରବାର ହୋଇଥିଲା। ଭିଜିଲାନ୍ସର ତଦନ୍ତ ଅନୁସାରେ, ଏହି ଦୁର୍ନୀତି ଏକ ଅତ୍ୟାଧୁନିକ ଡିଜିଟାଲ୍ ପଦ୍ଧତିରେ କରାଯାଇଥିଲା। ଦରମା ବଣ୍ଟନ ରେକର୍ଡରେ ଅନିୟମିତତା ଦେଖାଦେବା ପରେ ଭିଜିଲାନ୍ସରେ ଅଭିଯୋଗ କରାଯାଇଥିଲା। ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ତୈଳ ସଙ୍କଟ ପାଇଁ ଗଡ଼ିପାରିଲାନି ୨ ହଜାର ଘରୋଇ ବସ୍

- ଦିନ ତମାମ ବନ୍ଦ ରହିଲା ଅଧିକାଂଶ ପେଟ୍ରୋଲ ପମ୍ପ
- ସାବିତ୍ରୀ ପୂର୍ବରୁ ଲୋକେ ହୀନସ୍ତା

କଟକ, ୧୪।୫ (ସମିସ): ଆଉ ଦିନକ ପରେ ସାବିତ୍ରୀ ବ୍ରତ ପଡୁଥିବା ବେଳେ ଆଜି ଗାଡ଼ିରେ ପେଟ୍ରୋଲ –ଡିଜେଲ ପକାଇବା ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସାବିତ୍ରୀ କିଣାକିଣି ଅବା ସାବିତ୍ରୀଭାର ନେଇ ଲୋକେ ଘରୁ ବାହାରି ଆସି ବାଟରେ ଥିବା ଟାଙ୍କିରେ ତେଲ ପକାଇବା ପାଇଁ ଚିନ୍ତା କରିଥିଲେ। ହେଲେ ଆଜି କଟକ ସହର ସମେତ ବିଭିନ୍ନ ସ୍ଥାନରେ ଥିବା ତେଲ ଟାଙ୍କିରେ ତୈଳ ସଙ୍କଟ ଜନିତ ସମସ୍ୟା ପାଇଁ ସେମାନେ ହନ୍ତସନ୍ତ ହୋଇଥିବା ପରିଲକ୍ଷିତ ହୋଇଛି। ଏପରିକି, ବାଟରେ ତେଲ ସରିଯିବାରୁ ଶତାଧିକ ଲୋକ ଗାଡ଼ି ଗଡ଼ାଇ ଗଡ଼ାଇ ଯାଉଥିବା ଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସେହିଭଳି ତୈଳ ସଙ୍କଟକୁ ନେଇ ଚିନ୍ତାରେ ପଡିଛନ୍ତି ରାଜ୍ୟର ଘରୋଇ ବସ୍ ମାଲିକ। ଏବେ ରାଜ୍ୟରେ ମୋଟ ୧୪ହଜାର ଘରୋଇ ବସ୍ ଚାଲିଥିବା ବେଳେ ତେଲ ନ ମିଳିବାରୁ ପ୍ରାୟ ୨୦୦୦ ବସ୍ ଆଜି ଚଳାଚଳ କରିପାରିନଥିବା ଜଣାପଡ଼ିଛି।




ଗ୍ରାମାଞ୍ଚଳରେ ତେଲ ନ ମିଳିବାରୁ ବସ୍‌ଗୁଡ଼ିକ ଆସିପାରୁନାହିଁ ବୋଲି କହିଛନ୍ତି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ଏଭଳି ସ୍ଥିତି ଲାଗି ରହିଲେ, ଆଉ ୫-୬ ଦିନରେ ବସ୍ ଚଳାଚଳ ବନ୍ଦ ହୋଇଯିବାର ଆଶଙ୍କା ଉପୁଜିଛି। ସରକାର ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାକୁ ସେ ନିବେଦନ କରିଛନ୍ତି। ପବ୍ଲିକ୍ ଟ୍ରାନ୍ସପୋର୍ଟ ପାଇଁ କାର୍ଡ ବ୍ୟବସ୍ଥା କରି ଡିଜେଲ ଦେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

ଗତ ତିନି-ଚାରି ଦିନ ହେବ, ଓଡ଼ିଶାର ଉପାନ୍ତ କେତେକ ସ୍ଥାନରେ ପେଟ୍ରୋଲ ଏବଂ ଡିଜେଲ ସଂକଟ ଦେଖାଦେଇଥିଲା। ଆଜି କଟକ ସହରରେ ଦିନ ୧୧ଟା ପରଠାରୁ ତେଲ ମିଳିନଥିଲା। ସହରରେ ୩୦ରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ଏଥିମଧ୍ୟରୁ ୭୦ପ୍ରତିଶତ ପେଟ୍ରୋଲ ପମ୍ପ ଦିନ ୨ଟା ପରଠାରୁ ବନ୍ଦ ହୋଇଯାଇଥିଲା। ଯେଉଁ ହାତଗଣତି କେତୋଟି ଖୋଲାଥିଲା, ସେଗୁଡ଼ିକରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଥିଲା। ଜରୁରୀ କାମ ପାଇଁ ଘରୁ ବାହାରିଥିବା ଲୋକମାନେ ତେଲ ପାଇଁ ପେଟ୍ରୋଲ ପମ୍ପଗୁଡ଼ିକରେ ଭିଡ଼ ଜମାଇଥିଲେ। ପରେ ଅନେକ ସ୍ଥାନରେ ଷ୍ଟକ୍ ଶେଷ ହୋଇଯାଇଥିବା ଖବର ମିଳିଛି। ତେବେ ସରକାର ଏହାକୁ ଖଣ୍ଡନ କରିବା ସହ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ତେଲ ମହଜୁଦ ଥିବା ନେଇ ସଫେଇ ଦେଉଥିବା ବେଳେ ବାସ୍ତବରେ ଯୋଗାଣ ବିଭାଗ ନିରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଥିଲା।

କଟକର କିଛି ପେଟ୍ରୋଲ ପମ୍ପରେ ତେଲ ସରିଯିବା ପରେ ବାରିକେଡ୍ ଲଗାଯାଇଥିବା ଦେଖିବାକୁ ମିଳିଛି। ଭିଡ଼ ନିୟନ୍ତ୍ରଣ କରିବା ପାଇଁ କିଛି ଡିଲର୍ ତେଲ ଦୁଇଚକିଆ ଯାନ ପାଇଁ ସର୍ବାଧିକ ୨୦୦ଟଙ୍କା ଓ ଚାରି ଚକିଆ ଯାନ ପାଇଁ ସର୍ବାଧିକ ୧,୦୦୦ ଟଙ୍କାର ତେଲ ଦେଇଥିଲେ।

ପେଟ୍ରୋଲ ପମ୍ପ କର୍ମଚାରୀଙ୍କ କହିବା ଅନୁସାରେ, ପୂର୍ବରୁ ତେଲ ପକାଇବାକୁ ୫ ମିନିଟ୍ ଲାଗୁଥିବା ବେଳେ ଏବେ ଏକ ଘଣ୍ଟାରୁ ଅଧିକ ସମୟ ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ଏହାକୁ ନେଇ ଗ୍ରାହକ ଏବଂ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ମଧ୍ୟ ହେଉଛି। ଅବଶ୍ୟ ବିଗତ ତିନି ଦିନରେ ତେଲ ବିକ୍ରିରେ ୫୦% ବୃଦ୍ଧି ଘଟିଛି ବୋଲି ଡିଲର୍‌ମାନେ କହୁଛନ୍ତି। ତୈଳ କମ୍ପାନୀଗୁଡ଼ିକ ପୂର୍ବରୁ ୩-୪ ଦିନର ଷ୍ଟକ୍ ରଖିବାକୁ କହୁଥିବା ବେଳେ ଏବେ ମାତ୍ର ୨ଦିନର ଷ୍ଟକ୍ ରଖିବାକୁ କହୁଛନ୍ତି, ଯାହାକି ସମସ୍ୟାକୁ ବଢ଼ାଇଦେଉଛି।

### ମାଲ ପରିବହନ ବାଧାପ୍ରାପ୍ତ

ତୈଳ କମ୍ପାନୀଗୁଡ଼ିକର ମନମାନି ପାଇଁ ଡିଜେଲ ଅଭାବ ସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ମାଲ ପରିବହନ କେତେକାଂଶରେ ବାଧାପ୍ରାପ୍ତ ହୋଇଛି ବୋଲି କହିଛନ୍ତି ଅଲ୍ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସର ଅଧ୍ୟକ୍ଷ ରବିନାରାୟଣ ଶତପଥୀ। ଶ୍ରୀ ଶତପଥୀ କହିଛନ୍ତି ଯେ ତେଲ ମହଜୁଦ ଥିଲେ ବି ଟାଙ୍କିଗୁଡ଼ିକୁ କମ୍ପାନୀ ପକ୍ଷରୁ ଯୋଗାଣ ମନମାନି ଢଙ୍ଗରେ କରାଯାଉଛି। ଟ୍ରକ୍ ଓ ଅନ୍ୟ ମାଲବାହୀ ଭାରୀଯାନରେ ଅତିକମରେ ୫-୬ ହଜାର ଟଙ୍କାର ଡିଜେଲ ପଡ଼ିଥାଏ। ଏବେ ବିଭିନ୍ନ ଟାଙ୍କିରେ ଏହାକୁ ନିୟନ୍ତ୍ରିତ କରାଯାଇ ୧ ହଜାର ଟଙ୍କାର ଦିଆଯାଉଛି। ଫଳରେ ମାଲବାହୀ ଗାଡ଼ିଗୁଡ଼ିକ ଗଡ଼ିବା ଧୀରେଧୀରେ ବନ୍ଦ ହେଲାଣି। ଆଉ ତିନି ଚାରି ଦିନ ଏଭଳି ସ୍ଥିତି ଲାଗି ରହିଲେ, ଓଡ଼ିଶାକୁ ବାହାରୁ ଆସୁଥିବା ଅଣ୍ଡା, ଖାଇବା ତେଲ, ଡାଲି, ଔଷଧ ଓ ପନିପରିବା ଭଳି ଅତି ଆବଶ୍ୟକ ସାମଗ୍ରୀ ଆମଦାନୀ ବନ୍ଦ ହୋଇଯିବ ବୋଲି ସେ କହିଛନ୍ତି।



ବାଲେଶ୍ୱର ଜିଲ୍ଲାର ନବଗଠିତ ବିଜେଡି ଟିମ୍ ଆଜି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ସଂଗଠନକୁ ସୁଦୃଢ଼ କରିବା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି

**ବାଲିଅନ୍ତା ଭିଡ଼ ହତ୍ୟା ମାମଲା**

## ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୪।୫ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣଙ୍କ ହେଲେ, ରଣଜିତ ପାତ୍ର ଓରଫ୍ ଚିନୁ (୨୪)। ସେ କଟକ ସଦର ଥାନା ଗଙ୍ଗେଶ୍ୱରଗଡ଼ା ଅଞ୍ଚଳରେ ରହୁନ୍ତି। ଚିନୁକୁ କ୍ରାଇମ୍‌ବ୍ରାଞ୍ଚ ଭିଡ଼ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇଛି। କ୍ରାଇମବ୍ରାଞ୍ଚ ସୂଚନାନୁସାରେ, ଚିନୁ ଜିଆର୍‌ପି କନ୍‌ଷ୍ଟେବଲ ସୌମ୍ୟରଞ୍ଜନଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ନିର୍ଦ୍ଦୟ ଭାବେ ଲଗାତାର ପିଟି ଚାଲିଥିଲା। ସୌମ୍ୟ ବନ୍ଧା ହୋଇଥିଲା ବେଳେ ସେ ଏଭଳି ଆକ୍ରମଣ କରିଥିଲା। ଚିନୁ ଗିରଫ ହେବା ପରେ ଏହି ମାମଲାରେ ଗିରଫଦାରୀ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ପୂର୍ବରୁ ୧୧ଜଣଙ୍କୁ କମିଶନରେଟ୍ ପୁଲିସ ଗିରଫ କରିଥିଲା ବେଳେ କ୍ରାଇମ୍‌ବ୍ରାଞ୍ଚ ୨ଜଣଙ୍କୁ ଗିରଫ କରିଛି। ଗିରଫଦାରୀ ସଂଖ୍ୟା ଆଗକୁ ବଢ଼ିବ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସୂଚନା ଦେଇଛି। ଏହି ମାମଲାରେ ଆହୁରି ୧୨ରୁ ୧୩ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ମଧ୍ୟ ଗିରଫ କରାଯିବ। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ଗୁମର ଖୋଲିଲା ତଥ୍ୟ ଅନୁସନ୍ଧାନ ରିପୋର୍ଟ**

## ଜିତୁ ମୁଣ୍ଡାଙ୍କୁ ମିଳୁ ନ ଥିଲା ରାସନ କି ଭତ୍ତା

- ବାୟୋମେଟ୍ରିକ୍ ବାହାନାରେ ଫାଙ୍କିଥିଲା ପ୍ରଶାସନ
- ସବୁ କାମକୁ ଆଗେଇ ନେଲା ଭଉଣୀର କଙ୍କାଳ

ଭୁବନେଶ୍ୱର,୧୪।୫(ସମିସ): କେନ୍ଦୁଝରର ଭଉଣୀ କଙ୍କାଳ ବୋହି ଚର୍ଚ୍ଚାକୁ ଆସିଥିବା ଜିତୁ ମୁଣ୍ଡାଙ୍କ ପ୍ରତି ପ୍ରଶାସନିକ ଅବହେଳାର ତାଲିକା ଫର୍ଦ୍ଦ ପରେ ଫର୍ଦ୍ଦ ଲମ୍ବି ଚାଲିଛି। କିପରି ଜିତୁ ମୁଣ୍ଡା ମାସ ମାସ ଧରି ବ୍ୟବସ୍ଥାଗତ ଅବହେଳାର ସମ୍ମୁଖୀନ ହୋଇଥିଲେ, ତାହା ପୁଣି ଥରେ ରାଜ୍ୟବାସୀଙ୍କୁ ଚକିତ କରିଛି। ଜଣେ ଗରିବ ଆଦିବାସୀ ସବୁ ଦିଗରୁ ଯୋଗ୍ୟ ହୋଇଥିଲେ ମଧ୍ୟ ତାଙ୍କୁ କିପରି ବାୟୋମେଟ୍ରିକ୍ ବାହାନାରେ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ୍ ଓ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ଦିଆଯାଉ ନ ଥିଲା ତାହା ଏବେ ସାମନାକୁ ଆସିଛି। ରାଜ୍ୟର ଦୁଇ ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନ 'ଖାଦ୍ୟ ଅଧିକାର ଅଭିଯାନ' ଓ 'ରିଥିଙ୍କ ଆଧାର' ପକ୍ଷରୁ ଗଠିତ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଦ୍ୱାରା ସଂଗୃହିତ ତଥ୍ୟ ଅନୁଯାୟୀ, କେନ୍ଦୁଝର ଜିଲ୍ଲାର ଡିଆନାଳି ଗ୍ରାମର ଆଦିବାସୀ ଜିତୁ ମୁଣ୍ଡାଙ୍କୁ ୨୭ ଏପ୍ରିଲ୍ ୨୦୨୬ରେ ତାଙ୍କ ସ୍ୱର୍ଗତ ଭଉଣୀ କାଲ୍‌ରା ମୁଣ୍ଡାଙ୍କ କଙ୍କାଳ ଧରି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ତାଙ୍କ ଖାତାରେ ଜମା ଥିବା ଅର୍ଥ ଉଠାଇବା ପାଇଁ ଯାଇଥିଲେ। ପୂର୍ବରୁ ସରକାର ମୁଣ୍ଡା ପରିବାରକୁ ସମ୍ପୂର୍ଣ୍ଣ ଅବହେଳା କରିଥିବା ବେଳେ ଭୂମିହୀନ ବିଧବା କାଲ୍‌ରା ମୁଣ୍ଡା ଓ ତାଙ୍କ ଭାଇ ଜିତୁ, ଦୁହେଁ ବୟସ୍କ ଓ ଅସୁସ୍ଥ ଥିବା ସତ୍ତ୍ୱେ ତାଙ୍କୁ କୌଣସି ସହାୟତା କରାଯାଇ ନ ଥିଲା। ସେମାନେ ଦୁଇଟି ବଳଦ ବିକ୍ରି କରି ବହୁ ପରିଶ୍ରମରେ ଜମା କରିଥିବା ୧୯,୬୦୦ ଟଙ୍କା ପାଇବାକୁ ଶେଷରେ ଜିତୁଙ୍କୁ ଏଭଳି ଚରମ ପଦକ୍ଷେପ ନେବାକୁ ପଡ଼ିଥିଲା। ଏହା ପଛର କାରଣ ଭାବେ କାଲରା ମୁଣ୍ଡାଙ୍କ ମୃତ୍ୟୁ ୨୬ ଜାନୁଆରୀ ୨୦୨୬ ରେ ହେବା ପରେ ସ୍ଥାନୀୟ ଅଧିକାରୀମାନଙ୍କୁ ମୃତ୍ୟୁ ବିଷୟରେ ଜଣାଇବା ସତ୍ତ୍ୱେ ତାଙ୍କ ମୃତ୍ୟୁ ପ୍ରମାଣପତ୍ରକୁ ତିନି ମାସରୁ ଅଧିକ ସମୟ ପାଇଁ ରୋକ ରଖାଯାଇଥିଲା ବୋଲି ଦର୍ଶାଯାଇଛି। ଏହାସହିତ ଜିତୁ ମୁଣ୍ଡାଙ୍କ ପରିଚୟ, ବାସସ୍ଥାନ, ବୟସ ଏବଂ ଅଭାବଗ୍ରସ୍ତତା ଗାଁରେ ଜଣାଶୁଣା ଥିଲେ ମଧ୍ୟ ସେ ତାଙ୍କର ବାୟୋମେଟ୍ରିକ୍ସ-ସଂଲଗ୍ନ ଆଧାର ପରିଚୟପତ୍ର ଦେଖାଇ ପାରି ନଥିବାରୁ ତାଙ୍କୁ ରାସନ କାର୍ଡ ଏବଂ ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ପ୍ରଦାନ କରାଯାଇ ନ ଥିଲା। ମାତ୍ର ଏହି ଘଟଣା ଘଟିବାର କିଛି ଦିନ ମଧ୍ୟରେ ହିଁ ମୃତ୍ୟୁ ପ୍ରମାଣପତ୍ର, ରାସନ କାର୍ଡ, ଭତ୍ତା ଓ ବ୍ୟାଙ୍କ ସମ୍ବନ୍ଧୀୟ ସହାୟତାର ପ୍ରକ୍ରିୟା ତ୍ୱରିତ ବେଗରେ କରାଯାଇଥିଲା।

'ଖାଦ୍ୟ ଅଧିକାର ଅଭିଯାନ' ଓ 'ରିଥିଙ୍କ ଆଧାର' ଏହି ଘଟଣାରେ କ୍ଷେତ୍ରସ୍ତରକୁ ଯାଇ ବିସ୍ତୃତ ତଥ୍ୟ ସଂଗ୍ରହ କରିବା ପରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏହି ଘଟଣାରେ ନିରପେକ୍ଷ ନ୍ୟାୟିକ ଏବଂ ପ୍ରଶାସନିକ ତଦନ୍ତ ଆବଶ୍ୟକତା ରହିଛି। କାଲରା ମୁଣ୍ଡାଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ସହ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅଧିକାରୀଙ୍କ ଆଚରଣ ଓ ଜିତୁ ମୁଣ୍ଡାଙ୍କ ଖାଦ୍ୟ ସୁରକ୍ଷା ଏବଂ ପେନସନ ଅଧିକାରରୁ ବଞ୍ଚିତ କରିବା ଘଟଣାରେ ଦାୟି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହାସହିତ ଆଧାର ଆଧାରିତ ପ୍ରକ୍ରିୟା ପାଇଁ ରାସନ, ପେନସନ ଓ ଅନ୍ୟାନ୍ୟ କଲ୍ୟାଣକାରୀ ସୁବିଧାରୁ ଯେମିତି କେହି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତୁ, ଏନେଇ ରାଜ୍ୟବ୍ୟାପୀ ଜରୁରୀକାଳୀନ ନିର୍ଦ୍ଦେଶନାମା ଜାରି କରାଯିବାର ଆବଶ୍ୟକତା ରହିଛି ବୋଲି ସଂଗଠନ କହିଛି। ପେନସନଭୋଗୀ, ରାସନ କାର୍ଡଧାରୀ, ବୃଦ୍ଧ, ବିଧବା ଏବଂ ଦୁର୍ବଳ ବର୍ଗଙ୍କ ସହ ଜଡ଼ିତ ସମସ୍ତ ମାମଲାର ସାତ ଦିନ ମଧ୍ୟରେ ମୃତ୍ୟୁ ପଞ୍ଜୀକରଣ ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ ବାଧ୍ୟତାମୂଳକ କରାଯିବାକୁ ମଧ୍ୟ ଦାବି ହୋଇଛି। ବଡ଼ କଥା ହେଉଛି ବର୍ତ୍ତମାନ ଜିତୁ ମୁଣ୍ଡାଙ୍କ ପରିବାରରେ ଅନ୍ୟ ଗମ୍ଭୀର ଭାବେ ଅପପୁଷ୍ଟ ସଦସ୍ୟମାନେ ରହିଛନ୍ତି। ତେଣୁ ତାଙ୍କ ପରିବାରର ବଞ୍ଚିଥିବା ସଦସ୍ୟମାନଙ୍କ ପାଇଁ ଖାଦ୍ୟ ସୁରକ୍ଷା, ପେନ୍‌ସନ, ସ୍ୱାସ୍ଥ୍ୟ ସେବା ଓ ଆବାସ ସହାୟତା ତ୍ୱରିତ ଭାବେ ଜାରି କରିବାକୁ ଦାବି ହୋଇଛି।

**ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ**

## ନିରାଡ଼ମ୍ବର ଭାବେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**୧୨ରୁ ୨୧ ଜୁନ୍ ପର୍ଯ୍ୟନ୍ତ ପାଳନ କରାଯିବ, ଉତ୍ସବ ପରିବର୍ତ୍ତେ ତଥ୍ୟ ପ୍ରସାର ଉପରେ ଅଧିକ ଫୋକସ**

ଭୁବନେଶ୍ୱର,୧୪।୫(ସମିସ): ଆସନ୍ତା ୧୨ ତାରିଖରେ ରାଜ୍ୟରେ ବିଜେପି ସରକାରକୁ ୨ ବର୍ଷ ପୂରଣ ହେବାକୁ ଯାଉଛି। ଏହି ପ୍ରରିପେକ୍ଷୀରେ ଗୁରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଛି। ସେଥିପାଇଁ ଏହି ଉତ୍ସବକୁ ନିରାଡମ୍ବର ଭାବେ ପାଳନ କରାଯିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବ୍ୟାପକ ଉତ୍ସବ ପାଳନ ବଦଳରେ ୨ ବର୍ଷର ଉପଲବ୍‌ଧି ଉପରେ ଅଧିକ ଫୋକସ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସରକାରଙ୍କ ଏହି ଉପଲବ୍‌ଧି ହେଉଛି ଲୋକଙ୍କ ପାଇଁ। ତେଣୁ ଏହି ସଫଳତା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିପାଇଁ ପ୍ରିଣ୍ଟ, ଇଲୋକ୍ଟ୍ରୋନିକ୍ସ, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉପଲବ୍‌ଧିର ପ୍ରସାର ସହିତ ପୁସ୍ତିକା ପ୍ରକାଶନ କରାଯିବ। ବୈଠକରୁ ଜଣାଯାଇଛି ଯେ ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗର ସଫଳତାକୁ ସନ୍ନିବେଶିତ କରି ଶକ୍ତି ଓଡ଼ିଶା, ସମୃଦ୍ଧ କୃଷି ଓଡ଼ିଶା, ସୁସ୍ଥ ଓଡ଼ିଶା, ନିର୍ମାଣ ଓଡ଼ିଶା, ଉତ୍କର୍ଷ ଓଡ଼ିଶା, ଜନଶକ୍ତି ଓଡ଼ିଶା ଏବଂ କୌଶଳ ଓଡ଼ିଶା ଆଦି ଏହି ୭ଟି ଥିମ୍‌ରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ଏଥିସହିତ ୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ସରକାରଙ୍କ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଗୁଡିକ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ୍ ରହିବ। ବିଭାଗୀୟ ମନ୍ତ୍ରୀମାନେ ୨ ବର୍ଷ ମଧ୍ୟରେ ନିଜ ନିଜ ବିଭାଗରେ ହାସଲ ହୋଇଥିବା ସଫଳତା ବିଷୟରେ ସାମ୍ବାଦିକ ସମ୍ମିଳନୀ କରିବା ସହିତ ବିଭାଗ ଗୁଡିକର ସଫଳତା ସମ୍ପର୍କିତ ଲିଫଲେଟ୍, ପୁସ୍ତିକା ପ୍ରକାଶନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ମାଧ୍ୟମରେ ରାଜ୍ୟର ସମୃଦ୍ଧି ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଆମର ଯେଉଁ ଆଭିମୁଖ୍ୟ ରହିଛି, ତାହା ଲୋକଙ୍କ ପାଖରେ ପହଞ୍ଚାଇବାରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରମତୀ ପ୍ରଭାତୀ ପରିଡା, ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

**ରାଜ୍ୟରେ ହୁଗୁଳା ଆଇନଶୃଙ୍ଖଳା**

## ଏସ୍‌ପି ଅଫିସ ଆଗରେ ଗର୍ଜିଲା ବିଜେଡି

ପୁରୀ,୧୪।୫(ସମିସ): ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରଠାରୁ ବିଗିଡ଼ିବାରେ ଲାଗିଛି ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା। ପୁଲିସକୁ ଡର ନାହିଁ କି ଆଇନକୁ ବି ଭୟ ନାହିଁ। ଉପରମୁହାଁ ଅପରାଧୀ। ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଛି ଛାତିଥରା ଚିତ୍ର। ହଣାକଟା, ଗୁଳିମାଡ଼, ଦୁଷ୍କର୍ମ, ଗଣଦୁଷ୍କର୍ମ, ବର୍ବରତା, ନିର୍ମମ ହତ୍ୟା ଭଳି ଖବର ଶିରୋନାମା ପାଲଟୁଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ମହିଳାଙ୍କ ସୁରକ୍ଷା ଏବେ ଚିନ୍ତାଜନକ। ନିକଟରେ ରାଜ୍ୟରେ ଏମିତି କିଛି ଲୋମଟାଙ୍କୁରା ଅପରାଧ ଘଟିଛି ଯାହା ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ଗଣମାଧ୍ୟମରେ ବି ଚର୍ଚ୍ଚା ହେଉଛି। ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ପୁଲିସ କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା, କଣାସରେ ଯୁବକଙ୍କୁ ମାଛକଟା ପନିକିରେ ହାଣି ଗାଡ଼ି ମଡ଼ାଇବା, ଗଞ୍ଜାମରେ ଗର୍ଭବତୀ ମହିଳାଙ୍କୁ ହତ୍ୟା, ନୟାଗଡ଼ରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ନିର୍ମମ ହତ୍ୟା, ଆଉ ଜଣେ ଯୁବକଙ୍କୁ ହତ୍ୟା କରି ପୋଡ଼ିଦେବା ଘଟଣା ଆଇନ ଶୃଙ୍ଖଳାର ଚରମ ଅଧୋଗତିକୁ ପଦାରେ ପକାଇଛି। ଏବେ ଅଶାନ୍ତି ନିଆଁରେ ଜଳୁଛି ଶାନ୍ତିପ୍ରିୟ ଓଡ଼ିଶା। ମହିଳାଙ୍କ ଉପରେ ଯୌନ ନିର୍ଯାତନା ବଢ଼ିଚାଲିଛି। ରାସ୍ତାରେ ଯିବାକୁ



- ଅଟକାଇବା ବେଳେ ପୁଲିସ-ବିଜେଡି କର୍ମୀ ଠେଲାପେଲା
- ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ, ବିଜେପି ନେତୃତ୍ୱଙ୍କ କୁଶପୁତ୍ତଳିକା ଦାହ

ଭୟ କରୁଛନ୍ତି ସାଧାରଣ ଜନତା। ପୁରୀ ଜିଲ୍ଲାରେ ବି ସମାନ ସ୍ଥିତି। ପୁଲିସକୁ ଆଉ ଭୟ କରୁନାହାନ୍ତି ଅପରାଧୀ। ଖୋଲାଖୋଲି ଖଣ୍ଡା, ଭୁଜାଲି ବୁଲୁଛି। ଦୁଷ୍କର୍ମ, ନିର୍ଯାତନା, ଗଣଦୁଷ୍କର୍ମ ବି ବଢ଼ିଚାଲିଛି। ରାଜ୍ୟ ଏବଂ ଜିଲ୍ଲାରେ ବିଫଳ ଆଇନ ଶୃଙ୍ଖଳା ବିରୋଧରେ ଗୁରୁବାର ପୁରୀ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସୁଭାଷ ବୋଷ ଛକରେ ଶହଶହ ଦଳୀୟ କର୍ମୀ ଓ ନେତୃବୃନ୍ଦ ପଦଯାତ୍ରାରେ ଏସ୍‌ପି ଅଫିସ ଅଭିମୁଖେ ବାହାରିଥିଲେ। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ମୋହନ ସରକାର ବିରୋଧରେ ସ୍ଲୋଗାନ ଦେଇ ରାସ୍ତା କମ୍ପାଇ ଦେଇଥିଲେ। ଏସ୍‌ପି ଅଫିସ୍‌ର ପ୍ରାୟ ୧୦୦ ମିଟର ପୂର୍ବରୁ ପୁଲିସ ବ୍ୟାରିକେଡ୍ ପକାଇ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ ବିଜେଡି ନେତା ଓ କର୍ମୀ ମାନି ନ ଥିଲେ। ପୁଲିସ ବ୍ୟାରିକେଡ୍ ଭାଙ୍ଗି ସେମାନେ ଆଗକୁ ମାଡ଼ି ଚାଲିଥିଲେ। ଏହି ସମୟରେ ପୁଲିସ ଓ ବିଜେଡି କର୍ମୀଙ୍କ ମଧ୍ୟରେ କିଛି ସମୟ ଠେଲାପେଲା ହୋଇଥିଲା। ପରେ ବିଜେଡି କର୍ମୀ ଏସ୍‌ପି ଅଫିସ ସମ୍ମୁଖରେ ପହଞ୍ଚି ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପି ନେତୃତ୍ୱଙ୍କ ଫଟୋଚିତ୍ର ଥିବା କୁଶପୁତ୍ତଳିକା ଦାହ କରିଥିଲେ। ପରେ ବିଜେଡିର ଏକ ପ୍ରତିନିଧି ଦଳ ଏସ୍‌ପି ପ୍ରତୀକ୍ ସିଂଙ୍କୁ ସାକ୍ଷାତ୍ କରି ରାଜ୍ୟରେ ଧରାଶାୟୀ ହୋଇଥିବା ଆଇନ ଶୃଙ୍ଖଳା ବିଷୟରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

ବିଜେଡି ପକ୍ଷରୁ କୁହାଯାଇଛି ଯେ, ରାଜ୍ୟରେ ଦିନକୁ ଦିନ ଅପରାଧ ବୃଦ୍ଧି ପାଉଥିବାବେଳେ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ସରକାର ଗୁରୁତ୍ୱ ଦେଉନାହାନ୍ତି। ମହିଳା ନିର୍ଯାତନା, ଚୋରି, ଲୁଟ୍ ଓ ହତ୍ୟା ଭଳି ଘଟଣା ବୃଦ୍ଧି ପାଉଥିବାରୁ ସାଧାରଣ ଜନତା ଭୟଭୀତ ଅବସ୍ଥାରେ ଅଛନ୍ତି। ନିକଟରେ ରାଜ୍ୟ ଏବଂ ପୁରୀ ଜିଲ୍ଲାରେ ଘଟିଥିବା କିଛି ଅପରାଧର ଦୃଷ୍ଟାନ୍ତ ଦେଇଥିଲେ ପ୍ରତିନିଧି।

## ଭିଜିଲାନ୍ସ ଜାଲରେ କାଡା କନିଷ୍ଠ ଯନ୍ତ୍ରୀ

ଭଦ୍ରକ/ହାଟଡିହୀ, ୧୪।୫ (ସମିସ): ଭଦ୍ରକ କାଡା (କମାଣ୍ଡ ଏରିଆ ଡେଭଲପ୍‌ମେଣ୍ଟ ଡିଭିଜନ ବା ସିଏଡିଏ) ଡିଭିଜନର ଇଞ୍ଜିନିୟର ବିଜୟ କୁମାର ମହାନ୍ତିଙ୍କ ଘରେ ଗୁରୁବାର ସକାଳେ ଭିଜିଲାନ୍ସ ଚଢ଼ଉ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଚଢ଼ଉ ହୋଇଥିବା ବେଳେ ତାଙ୍କର ବିପୁଳ ସମ୍ପତ୍ତି ଠାବ କରାଯାଇଛି।



ସୂଚନାଯୋଗ୍ୟ, ଭଦ୍ରକ ସହର ଉପକଣ୍ଠ ଆରଡି ଛକ ସାମରାଇପୁରଠାରେ ୩୫୦୦ ବର୍ଗଫୁଟ୍‌ର ୩ମହଲା କୋଠା, ଭଦ୍ରକ ନରୀପୁରସ୍ଥିତ କାଡା ଅଫିସ୍ (କମାଣ୍ଡ ଏରିଆ ଡେଭଲପ୍‌ମେଣ୍ଟ ଡିଭିଜନ) କାର୍ଯ୍ୟାଳୟ ସହ ତାଙ୍କ ପୈତୃକ ଘର ବାଲେଶ୍ୱର ବସ୍ତା ନରସିଂଡିଆସ୍ଥିତ ୨୬୦୦ ବର୍ଗଫୁଟ୍‌ର ଦୁଇମହଲା କୋଠା ଘରେ ଏକସଙ୍ଗେ ଭିଜିଲାନ୍ସ ଚଢ଼ଉ କରିଥିଲା। ଭଦ୍ରକ ଭିଜିଲାନ୍ସ ୟୁନିଟ୍ ଡିଏସ୍‌ପି ଦୁଷ୍ମନ୍ତ ନାୟକଙ୍କ ନେତୃତ୍ୱରେ ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍ ଦ୍ୱାରା ଚଢ଼ଉ ଜାରି ରହିଥିଲା। ସେହିଭଳି କନିଷ୍ଠ ଯନ୍ତ୍ରୀ ବିଜୟ ମହାନ୍ତିଙ୍କ ଭୁବନେଶ୍ୱର ମଳିପଡ଼ାରେ ଥିବା ସମ୍ପର୍କୀୟଙ୍କ ଘରେ ଓ କେନ୍ଦୁଝରସ୍ଥିତ କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ ହୋଇଥିଲା। ପୂର୍ତ୍ତ ବିଭାଗ ଯନ୍ତ୍ରୀମାନଙ୍କୁ ନେଇ ତାଙ୍କ ଭଦ୍ରକ ଆରଡ଼ି ଛକସ୍ଥିତ ୩ ମହଲା କୋଠାଘରକୁ ମାପଚୁପ କରାଯାଇ ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି।

ଭିଜିଲାନ୍ସ ବିଭାଗ ସୂଚନାନୁଯାୟୀ, ଯନ୍ତ୍ରୀ ଶ୍ରୀ ମହାନ୍ତିଙ୍କ ନାମରେ ୭ଟି ମୂଲ୍ୟବାନ ପ୍ଲଟ୍(ଜମି) ରହିଛି। ସେଗୁଡ଼ିକ ମଧ୍ୟରେ ଭଦ୍ରକ, ଭୁବନେଶ୍ୱର ଉପକଣ୍ଠ, ବସ୍ତା ଓ ରାସଗୋବିନ୍ଦପୁରରେ ମୋଟ ୭ଟି ପ୍ଲଟ୍ ଠାବ ହୋଇଛି। ଭିଜିଲାନ୍ସ ସୂଚନା ଅନୁସାରେ, ଭଦ୍ରକ ସମରାଇପୁରରେ ପ୍ରାୟ ୩୫୦୦ ବର୍ଗଫୁଟ୍ ଅଞ୍ଚଳରେ ଥିବା ଏକ ୩ ମହଲା ବିଲ୍ଡିଂ ଓ ବାଲେଶ୍ୱର ଜିଲ୍ଲା ବସ୍ତା ନରସିଂହଡିହାରେ ଗାଁରେ ପ୍ରାୟ ୨୬୦୦ ବର୍ଗଫୁଟ୍ ବିଶିଷ୍ଟ ଏକ ୨ ମହଲା ଘର ଚିହ୍ନଟ କରାଯାଇଛି। ଏହାଛଡ଼ା ଚଢ଼ଉ ସମୟରେ ନଗଦ ୧ ଲକ୍ଷ ୭୩ ହଜାର ୧୮୦ ଟଙ୍କା, ୩୫୦ ଗ୍ରାମ୍ ସୁନା ଅଳଙ୍କାର, ୧୯ ଲକ୍ଷ ୪୬ ହଜାର ୩୭୧ ଟଙ୍କାର ବ୍ୟାଙ୍କ ଜମା, ୩ଟି ଦୁଇଚକିଆ ଯାନ ଓ ପ୍ରାୟ ୮ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଜବତ ହୋଇଛି।

ବାଲେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ୪ଟି ଭିଜିଲାନ୍ସ ଟିମ୍ ଏକାସାଥୀରେ ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱରର ୪ଟି ସ୍ଥାନରେ ଚଢ଼ଉ କରିଥିଲେ। ଏହି ଟିମ୍‌ରେ ୪ ଜଣ ଡିଏସ୍‌ପି, ୪ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ୍ ଥିଲେ। ଶ୍ରୀ ମହାନ୍ତି ୨୦୧୧ରେ ମାସିକ ୧୩,୫୦୦ ଟଙ୍କା ବେତନରେ ଚୁକ୍ତିଭିତ୍ତିକ ଜୁନିଅର ଇଞ୍ଜିନିୟର ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ପରେ ସେ ଢେଙ୍କାନାଳ ଓ ଭଦ୍ରକ ସିଏଡି ବିଭାଗରେ କାର୍ଯ୍ୟ କରିଥିଲେ ଏବଂ ୨୦୨୧ରେ ନିୟମିତ ହୋଇଥିଲେ। ଗତ ୬ବର୍ଷ ହେବ ଭଦ୍ରକ ଓ କେନ୍ଦୁଝର ଜିଲ୍ଲା କାଡା ଅଫିସରେ ଇନ୍‌ଚାର୍ଜ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ।

କପ୍ତିପଦା ବ୍ଲକ୍‌ର ୨୭ଟି ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

# ଭିତ୍ତିଭୂମିର ବିକାଶ ଓ ସ୍ୱତନ୍ତ୍ର ଗୃହ ନିର୍ମାଣ ଦାବି

ବାରିପଦା/ଶରତ, ୧୪।୫(ସମିସ)



ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ତଥା ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ କପ୍ତିପଦା ବ୍ଲକରେ ୨୭ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ଓ ଭିତ୍ତିଭୂମି ନ ଥିବା ନେଇ ଶରତ ବିକାଶ ମଞ୍ଚ ପକ୍ଷରୁ ଅଭିଯୋଗ କରାଯିବା ସହିତ ସମ୍ପୃକ୍ତ କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ନିମନ୍ତେ ଅର୍ଥ ଅନୁମୋଦନ ଦାବିରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଞ୍ଚ ସଭାପତି ଗାମାଏ ରିମିଲ ସିଂ ଗୋଇପାଇ ଓ ଯୁଗ୍ମସମ୍ପାଦକ ଜାମାଦାର ବାଲମୁଚୁଙ୍କ ଦ୍ୱାରା ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ଜରିଆରେ ପ୍ରଦାନ କରାଯାଇଛି।

ମଞ୍ଚ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତର ଦୋମୁହାଣି, ହେସେଲଗୁଟୁ, ବୁଧୁସାହି ଓ ରଜତନଗର-ହୁଡିସାହି, ଶରତ ପଞ୍ଚାୟତର ଜିତୁସାହି, ସେଲାଏପୋଖରୀ, ପୁରୁଣାପାଣି ହୁଡିସାହି, ସରଡିହା ପଞ୍ଚାୟତର ଭଣ୍ଡାର ହାଟସାହି, ପଦ୍ମପୋଖରୀ ପଞ୍ଚାୟତର ଜୁର୍କୀ, ରାମଚନ୍ଦ୍ରପୁର ପଞ୍ଚାୟତର କେନ୍ଦୁଗୋଠ, ଭାଗବନ୍ଦ ଓ ବାସୁସାହି, ନୋଟ ପଞ୍ଚାୟତର ନୋଟ ହୁଡିସାହି, ଲାବଣ୍ୟଦେଇପୁର ପଞ୍ଚାୟତର କାନକୁମୁରା, ଗାଡାସାହି ଓ ମାହାରାସାହି, ଦେଓ୍ୱାନବାହାଳୀ ପଞ୍ଚାୟତର ପାଞ୍ଚସାହି, ବଡଖଲାଡି ପଞ୍ଚାୟତର ଦୁର୍ଗାପୁର, ଜଡିଦା ପଞ୍ଚାୟତର ଘୁଣ୍ଟିବିଲ, କୋଲ୍‌ହସାହି ଓ ରାଇକାଳିଆ, ଜେଏସ ଜାମଡିହା ପଞ୍ଚାୟତର କଣ୍ଟାଗୋଡ଼ି ଓ ହିଲ୍ ବ୍ଲକ-୪, କଳମଗୋଡିଆ ପଞ୍ଚାୟତର କୂପସାହି, ତେଣ୍ଡା ଓ ସୁଡ଼ଙ୍ଗ, କପ୍ତିପଦା ପଞ୍ଚାୟତର ତେନ୍ତୁଳିସାହି ଆଦି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଭିତ୍ତିଭୂମି ଓ ଗୃହ ନାହିଁ। ଉପରଲିଖିତ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଭିତ୍ତିଭୂମି ଓ ଗୃହ ନ ଥିବାରୁ କେତେକ ଅଙ୍ଗନବାଡି କୁଟା ନଡ଼ାଛପର ଘରେ ଚାଲୁଛି ତ, ଆଉ କେଉଁଠି କୁନି କୁନି ପିଲାଙ୍କୁ ଗଛ ମୂଳେ ଅତ୍ୟନ୍ତ ଦୟନୀୟ ଭାବେ ପାଠପଢ଼ା ଯାଉଛି। ଅଙ୍ଗନୱାଡି କେନ୍ଦ୍ର ଗୃହ ନ ଥିବାରୁ କର୍ମୀମାନେ କେନ୍ଦ୍ର ନିମନ୍ତେ ଆସୁଥିବା ଅଣ୍ଡା, ଛତୁଆ ଲଡୁ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ରଖିବାକୁ ଅସୁବିଧା ଭୋଗୁଛନ୍ତି। କୁଟା ନଡ଼ା ଛପର ଘରେ ହିଁ ଗର୍ଭବତୀ ମହିଳାଙ୍କୁ ଟିକାକରଣ କରାଯାଉଥିବା ଦୃଶ୍ୟ ମନକୁ ବ୍ୟଥିତ କରୁଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗଛ ମୂଳେ ପିଲାଙ୍କୁ ପାଠପଢ଼ା ଯାଉଛି। ଯାହା ସେମାନଙ୍କୁ ଅଧିକାରରୁ ବଞ୍ଚିତ କରାଯାଉଛି। ଅଙ୍ଗନବାଡି କେନ୍ଦ୍ରର ବିକାଶ ନିମନ୍ତେ ଅର୍ଥ ଅନୁମୋଦନ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଗଲେ କପ୍ତିପଦା ବ୍ଲକ ଓ ଶରତ ଅଞ୍ଚଳରେ ପ୍ରାକ-ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିବା ସହିତ ଉତ୍ତମ ଶିକ୍ଷଣୀୟ ପରିବେଶ ସୃଷ୍ଟି ହୋଇପାରିବ ବୋଲି ଦର୍ଶାଯାଇଛି।

**ଶରତ ବିକାଶ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ

## ଅନନ୍ୟା ଜିଲ୍ଲା ଓଏଭି ଟପ୍ପର



**ବାରିପଦା, ୧୪।୫(ସମିସ):** ରାଣୀଭୋଳ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ପଟ୍ଟନାୟକ ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଜିଲ୍ଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଅନନ୍ୟା ୯୨.୪୦ ପ୍ରତିଶତ ନମ୍ବର ରଖିଥିବାବେଳେ ସେ ନିଜ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବାପା ଡ ସନ୍ଦୀପ ପଟ୍ଟନାୟକ, ମାଆ ସଙ୍ଗୀତା, ପରିବାରର ଗୁରୁଜନଙ୍କୁ ଏହି ସଫଳତାର ଶ୍ରେୟ ଦେଇଛନ୍ତି। ପୂର୍ବରୁ ଦଶମ ଶ୍ରେଣୀରେ ଅନନ୍ୟା ୯୫ ପ୍ରତିଶତ ନମ୍ବର ରଖି ସୁନାମ ଅର୍ଜନ କରିଥିଲେ। ଆଗକୁ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବେ ବୋଲି ଅନନ୍ୟା କହିଛନ୍ତିନ।



**ରାଇରଙ୍ଗପୁର:** ସିବିଏସ୍‌ଇ ପରିଚାଳିତ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲ୍ଲାର ବହଳଦା ବ୍ଲକ ଅନ୍ତର୍ଗତ ଝାଡଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ମୋଟ ୮୦ ପ୍ରତିଶତ ସଫଳତା ମିଳିଛି। ବିଦ୍ୟାଳୟରୁ ୨୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୬ ଜଣ ପରୀକ୍ଷାର୍ଥୀ ଉତ୍ତିର୍ଣ୍ଣ ହୋଇଛନ୍ତି। ଏହି ଦ୍ୱାଦଶ ପରୀକ୍ଷାରେ ସୂରଦା ଗ୍ରାମର ମାନସ କୁମାର ବାରିକ ଓ ରୀନା ବାରିକଙ୍କ ଝିଅ ପ୍ରିୟା ବାରିକ କୃତିତ୍ୱ ଅର୍ଜନ କରିଛନ୍ତି। ୮୭.୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇ ଗୌରବ ଆଣିଛନ୍ତି। ଏ ନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

**କରଞ୍ଜିଆ:** ସିବିଏସଇ ଦ୍ୱାଦଶ ପରୀକ୍ଷାରେ ତାଟୋସ୍ଥ ଆଦର୍ଶ ଆବାସିକ ବିଦ୍ୟାଳୟ ଛାତ୍ରଛାତ୍ରୀ ସଫଳ ହୋଇଛନ୍ତି। ଆଦିବାସୀ ବହୁଳ ଅଞ୍ଚଳରେ ଅବସ୍ଥିତ ଏହି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀ ଚଳିତ ବର୍ଷ ଉଲ୍ଲେଖନୀୟ ସଫଳତା ଅର୍ଜନ କରି ଶିକ୍ଷା କ୍ଷେତ୍ରରେ ଏକ ନୂତନ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ବିଦ୍ୟାଳୟର ୫୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୫୨ ଜଣ କୃତକାର୍ଯ୍ୟ ହୋଇ ୮୯.୬୫ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଅନ୍ୟପଟେ ୬ ଜଣ ଛାତ୍ରଛାତ୍ରୀ କମ୍ପାର୍ଟମେଣ୍ଟାଲ ପାଇଥିବା ଜଣାପଡ଼ିଛି। ବିଦ୍ୟାଳୟର ଏହି ଫଳାଫଳ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ସୃଷ୍ଟି କରିଛି। ଅସିଭ ଆଲାମ ୯୪୨ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଥିବାବେଳେ ଫୁଲମଣି ମୁର୍ମୁ ୮୯୪ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କାଜଲ ଦାସ ୮୬୪ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଏ ନେଇ ବିଦ୍ୟାଳୟର ଅଧ୍ୟକ୍ଷ ଏମ.ଡି. ଜାଫର ଆଲାମ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଷ୍ଠାପୂର୍ଣ୍ଣ ଶିକ୍ଷାଦାନ ଓ ଅଭିଭାବକଙ୍କ ସହଯୋଗ ଯୋଗୁଁ ଏଭଳି ସଫଳତା ସମ୍ଭବ ହୋଇପାରିଥିବା କହି ସନ୍ତୋଷ ପ୍ରକାଶ କରିଛନ୍ତି।

**ବେତନଟୀ:** ସିବିଏସଇ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସର୍ବଶାସ୍ଥ ଦିବ୍ୟଜ୍ୟୋତି କନଭେଣ୍ଟ ହାୟର ସେକେଣ୍ଡରୀ ସ୍କୁଲର ୩ ଜଣ ୮୦ ପ୍ରତିଶତରୁ





ଅଧିକ ନମ୍ବର ରଖିଛନ୍ତି। ବିଦ୍ୟାଳୟର ଲିନେଟ ବେହେରା ୮୫. ୪ ପ୍ରତିଶତ, ଦୀପ୍ତେନ୍ଦୁ ଶେଖର ସାମଲ ୮୨ ପ୍ରତିଶତ ଓ କିଷାନ ବେହେରା ୮୧ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷା ଶିଷ୍ଟର ଶ୍ୟାନି. ଭି. ଯୋସେଫ ଶୁଭେଚ୍ଛା ଜଣାଇବା ସହ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



**ମୋରଡା:** ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା ମୋରଡାସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ବିଦ୍ୟାଳୟର ମୋଟ ୭୭.୭ ପ୍ରତିଶତ ଛାତ୍ରୀଛାତ୍ର ପାସ କରିଛନ୍ତି। ବିଦ୍ୟାଳୟର ଛାତ୍ର ବିବେକାନନ୍ଦ ମହାନ୍ତ ସର୍ବାଧିକ ୯୨.୪୦ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର ସହିତ ମୟୂରଭଞ୍ଜ ଜିଲ୍ଲା ଓଏଭି ସମୂହର ଯୁଗ୍ମ ଟପ୍ପର ହୋଇଛନ୍ତି। ସେହିପରି ତନୁଶ୍ରୀ ସି ଓ ଅନ୍ୱେଷା ପ୍ରିୟଦର୍ଶିନୀ ସିଂ ଯଥାକ୍ରମେ ୮୭.୪୦ ଓ ୮୦. ୪୦ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଓ ତୃତୀୟରେ ଅଛନ୍ତି।

ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ

## ଓଡ଼ିଆ ଝିଅ ଝାଡ଼ଖଣ୍ଡରେ ଟପ୍ପର



**ବାରିପଦା, ୧୪।୫(ସମିସ):** ସର୍ବଭାରତୀୟ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଓଡ଼ିଆ ଝିଅ ଝାଡ଼ଖଣ୍ଡ ରାଜ୍ୟରେ ଟପ୍ପର ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ବାରିପଦା ମୁନସିବନ୍ଧ ନିବାସୀ ଅଜିତ କୁମାର ପାଲବାବୁ ଓ ଲୀଳା ପାଲବାବୁଙ୍କ ଝିଅ ପ୍ରିୟା ପାଲବାବୁ ବାଣିଜ୍ୟରେ ୯୯.୪୦ ପ୍ରତିଶତ ନମ୍ବର ରଖି ଝାଡ଼ଖଣ୍ଡ ରାଜ୍ୟରେ ଟପ୍ପର ହୋଇଛନ୍ତି। ସେ ବୋକାରୋସ୍ଥ ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରୀ। ସେ ଆକାଉଣ୍ଟାନ୍ସି, ବିଜିନେସ ଷ୍ଟଡି ଓ ପେଣ୍ଟିଂ ବିଷୟ ଓ ସମସ୍ତ ପ୍ରାକ୍ଟିକାଲ ପରୀକ୍ଷାରେ ଶତପ୍ରତିଶତ ନମ୍ବର ରଖିଛନ୍ତି। ଭବିଷ୍ୟତରେ ଚାଟାର୍ଡ ଆକାଉଣ୍ଟାଣ୍ଟ ହେବେ ବୋଲି 'ସକାଳ'କୁ କହିଛନ୍ତି।

## ପୋଖରୀରେ ବୁଡ଼ି ମତ୍ସ୍ୟଜୀବୀ ମୃତ

ବେତନଟୀ, ୧୪।୫(ସମିସ): **ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଥାନା ଅନ୍ତର୍ଗତ** ମାନଗୋବିନ୍ଦପୁର ଗ୍ରାମର ଦାସିଆଣୀ ପୋଖରୀରେ ମାଛ ଧରିବା ସମୟରେ ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ହେଉଛନ୍ତି ବୈଶିଙ୍ଗା ଥାନା ଗଡ଼ଦେଉଳିଆ ଗ୍ରାମର ମଙ୍ଗତ ମାଝୀ (୩୬)। ବୁଧବାର ସକାଳେ ଗଡ଼ଦେଉଳିଆ ଗ୍ରାମର କେତେକ ମତ୍ସ୍ୟଜୀବୀ ମାନଗୋବିନ୍ଦପୁର ଗ୍ରାମର ପୋଖରୀରେ ମାଛ ଧରୁଥିଲେ। ଜାଲ ବିଛାଉଥିବା ସମୟରେ ଗଭୀର ପାଣିରେ ମଙ୍ଗତଙ୍କ ଗୋଡ଼ ଜାଲରେ ଛନ୍ଦି ଯାଇଥିଲା। ଦୀର୍ଘ ସମୟ ଧରି ସେ ଉପରକୁ ନ ଉଠିବାରୁ ସହଯୋଗୀ ପାଣିରେ ବୁଡ଼ି ଖୋଜାଖୋଜି କରି ଜାଲରୁ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ମାଣତ୍ରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାଣତ୍ରୀ ଫାଣ୍ଡି ଅଧିକାରୀ ପହଞ୍ଚି ୨୨/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

## ୧୮ ରେ ମିଳିତ ଜନଅଭିଯୋଗ ଶୁଣାଣି

**କରଞ୍ଜିଆ, ୧୪।୫(ସମିସ):** ପାଞ୍ଚପୀଢ଼ ଉପଖଣ୍ଡରେ ଆସନ୍ତା ୧୮ ତାରିଖରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ପାଞ୍ଚପୀଢ ଉପଜିଲ୍ଲାପାଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସକାଳ ୭ ଘଟିକା ସମୟରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ଶୁଣାଣି ଶିବିରରେ ସାଧାରଣ ଲୋକ ନିଜର ବିଭିନ୍ନ ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ସିଧାସଳଖ ଭାବେ ଜିଲ୍ଲା ପ୍ରଶାସନ ନିକଟରେ ଉପସ୍ଥାପନ କରିପାରିବେ। ଜନସାଧାରଣଙ୍କ ଅବଗତି ନିମନ୍ତେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି।

## ବେଗୁନାବିନ୍ଧାରେ ଚବିଶ ପ୍ରହର ନାମଯଜ୍ଞ

**ଶୁକୁଳି, ୧୪।୫(ସମିସ):** ଶୁକୁଳି ବ୍ଲକ ଅନ୍ତର୍ଗତ ବେଗୁନାବିନ୍ଧା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦିନ ଶୁଭ ଅଧିବାସ କରାଯାଇ ବୁଧବାର ଦିନଠାରୁ ଶୁଭ ଅମୃତ ବେଳାରେ ନାମଯଜ୍ଞ ଆରମ୍ଭ ହୋଇଛି। ଏହି ଯଜ୍ଞରେ ମୟୂରଭଞ୍ଜ ଜିଲ୍ଲାରୁ କୁମାରଡିହା (ବାରିପଦା), ଦେଉଳା (ଖୁଣ୍ଟା), ଲୁଣିଆ(ଶୁଳିଆପଦା), ଗୁହାଳଡିହି (ବାରିପଦା) ଓ କେନ୍ଦୁଝର ଜିଲ୍ଲାର କଇଣ୍ଡା (ତୁରୁମୁଙ୍ଗା) ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଛନ୍ତି। ଏହି ନାମଯଜ୍ଞ ଆସନ୍ତା ଶନିବାର ଦିନ ଶେଷ ହେବ।

ରାସଗୋବିନ୍ଦପୁର ରେଞ୍ଜରେ ହାତୀ ଆତଙ୍କ

## ଭାଙ୍ଗିଲା ଦୋକାନ ଘର, ନଷ୍ଟ କଲା ଫସଲ

**ରାସଗୋବିନ୍ଦପୁର, ୧୪।୫(ସମିସ):** ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଭୁକ୍ତ ବନାଞ୍ଚଳରେ ହାତୀ ଉପଦ୍ରବ କମୁନାହିଁ। ବନବିଭାଗର ନିଦ ହଜାଇ ଦେଇଛି ହାତୀ। ଯେତେ ଘଉଡାଇଲେ ସୁଦ୍ଧା ହାତୀ ଅଭୟାରଣ୍ୟକୁ ଯିବାକୁ ଚାହୁଁନାହିଁ। କେତେବେଳେ ଫସଲ ନଷ୍ଟ କରି ଘରଦ୍ୱାର ଭାଙ୍ଗୁଛି ତ କେତେବେଳେ କାହାର ଜୀବନ ଯାଉଛି। ମଣିଷ ହାତୀର ବାଗୁଡ଼ି ଖେଳରେ ଅନେକ ଧନଜୀବନ ହାନି ଘଟୁଛି। ଗତକାଲି ରାତିରେ ଏକ ଦନ୍ତା ହାତୀ ଆଦର୍ସ ବିଦ୍ୟାଳୟ ନିକଟରେ ମହୁଲିଆ ଗ୍ରାମର ରବି ନାଏକଙ୍କ ତେଜରାତୀ ଦୋକାନ ଘରକୁ ସମ୍ପୂର୍ଣ ଭାଙ୍ଗି ଦୋକାନରେ ଥିବା ଜିନିଷ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ପରେ ଆଉ କିଛି ହାତୀ ପଲ ମହୁଲିଆ ଗ୍ରାମର ଚାଷ ଜମିରେ ପଶି ଖରାଟିଆ ଧାନ ଚାଷ ନଷ୍ଟ କରିଥିବା ଦେଖିବାକୁ ମିଳିଛି। ଲୋକେ ଘୋଉଡ଼ାଇବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ଘୋଉଡାଇ ପାରିନଥିଲେ। ଏ ପଟେ ବନ ବିଭାଗ ହାତୀ ଗତି ବିଧିର ଟେର୍ ପାଉ ନ ଥିବାବେଳେ ହାତୀ ଘଉଡା ଅପରେସନ ଫେଲ୍ ମାରୁଛି। ତେବେ କ୍ଷୟକ୍ଷତିର ତଦନ୍ତ କରି ଉପଯୁକ୍ତ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି।



# ଦ୍ୱିତୀୟ ଶ୍ରୀକ୍ଷେତ୍ର ପୂଜକ ପଣ୍ଡିତ ଅରୁଣ ମିଶ୍ରଙ୍କୁ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସେବା ଶିରୋମଣି ସମ୍ମାନ



**ବାରିପଦା, ୧୪।୫(ସମିସ):** ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ ଭାରତ ପକ୍ଷରୁ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ଐକ୍ୟ ସମ୍ମିଳନୀ ଓ ସନଦ ପ୍ରଦାନ ସମାରୋହରେ ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେ ମହାପ୍ରଭୁଙ୍କ ପୂଜାପଣ୍ଡା ପଣ୍ଡିତ ଅରୁଣ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ ଶ୍ରୀ ମିଶ୍ରଙ୍କୁ ତାଙ୍କର ନିଷ୍ଠାପର ସେବା ଓ ଅବଦାନ ପାଇଁ ସମ୍ମାନଜନକ 'ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସେବା ଶିରୋମଣି ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ଏହି ସମାରୋହରେ ପଣ୍ଡିତ ଅରୁଣ କୁମାର ମିଶ୍ରଙ୍କ ସମେତ ବିଶିଷ୍ଟ ବ୍ୟକ୍ତିତ୍ୱ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର, ଡାକ୍ତର ଚନ୍ଦ୍ରମଣି ଜେନା ଓ ଇଂ ରଶ୍ମିରଞ୍ଜନ ରାୟଙ୍କୁ ମଧ୍ୟ ବିଭିନ୍ନ ବର୍ଗରେ ସମ୍ମାନିତ କରାଯାଇଥିଲା। ଶ୍ରୀ ମିଶ୍ରଙ୍କୁ ମାନପତ୍ର, ସନଦ, ଶ୍ରୀଜଗନ୍ନାଥଙ୍କ ପ୍ରସାଦୀ ଖଣ୍ଡୁଆ ପାଟବସ୍ତ୍ର ଓ ସ୍ମାରକୀ ପ୍ରଦାନ ପୂର୍ବକ ବରେଣ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗ ଦେଇଥିବାବେଳେ ମନୋରଞ୍ଜନ ପାଣିଗ୍ରାହୀ (ଆଇଆରଏସ) ମୁଖ୍ୟଅତିଥି ଓ ଦେବେନ୍ଦ୍ର କୁମାର ପ୍ରଧାନ (ଆଇଏଏସ) ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହି ସମ୍ମାନିତ ପ୍ରତିଭାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପଣ୍ଡିତ ଅରୁଣ କୁମାର ମିଶ୍ରଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

## ବାଉଁଶତୋଫା ନର୍ଥ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂରେ କ୍ୟାମ୍ପସ ପ୍ଲେସ୍‌ମେଣ୍ଟ



**ରାସଗୋବିନ୍ଦପୁର, ୧୪।୫(ସମିସ):** ମୟୂରଭଞ୍ଜ ଜିଲ୍ଲାର ବାଉଁଶତୋଫାସ୍ଥ ନର୍ଥ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂରେ କ୍ୟାମ୍ପସ ପ୍ଲେସମେଣ୍ଟ ପ୍ରକ୍ରିୟା ଆୟୋଜିତ ହୋଇଥିଲା। ଭାରତର ଖ୍ୟାତନାମା କମ୍ପାନୀ ଗୁଜରାଟର 'ମଦର୍ସ' ପକ୍ଷରୁ ଏହି ପ୍ଲେସମେଣ୍ଟ ଡ୍ରାଇଭ୍ ଅନୁଷ୍ଠିତ ହୋଇଥିଲା। କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ କୁରନାଲ ଘାଟେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସାକ୍ଷାତକାର ନେଇଥିଲେ। ଏହି କ୍ୟାମ୍ପସ ପ୍ଲେସମେଣ୍ଟରେ ଅନୁଷ୍ଠାନର ବିଭିନ୍ନ ବିଭାଗର ଅନ୍ତିମ ବର୍ଷର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅଧ୍ୟକ୍ଷ ଇଂ. ସୁଶୀଲ କୁମାର ଧଳ ଓ ଉପାଧ୍ୟକ୍ଷ ଅସିତ କୁମାର ଧଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରକ୍ରିୟାରେ ପ୍ଲେସମେଣ୍ଟ ଇନ୍‌ଚାର୍ଜ ଲକ୍ଷ୍ମୀକାନ୍ତ ପଣ୍ଡା ଓ ସ୍ନେହାଶିଷ ଘୋଷମହାପାତ୍ର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କ୍ୟାମ୍ପସ ପ୍ରକ୍ରିୟାର ସୁଚାରୁ ପରିଚାଳନା ପାଇଁ କେୟା ଡେସ୍କ ଡାଇରେକ୍ଟର ପରମେଶ୍ୱର ବାରିକ, ଗଣେଶ ନାରାୟଣ ପ୍ରହରାଜ ଓ ପଞ୍ଚାନନ ବେହେରା ସହଯୋଗ କରିଥିଲେ। ମନୋନୀତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ପରିଚାଳନା କର୍ତ୍ତୃପକ୍ଷ ଶୁଭେଚ୍ଛା ଜଣାଇଛନ୍ତି।

୬ ମାସ ହେବ ନାବାଳିକା ନିଖୋଜ

## ଉଦ୍ଧାର କରିବାକୁ ଏସ୍‌ପିଙ୍କୁ ପରିବାରର ନିବେଦନ

**ରାଇରଙ୍ଗପୁର, ୧୪।୫(ସମିସ):** ଦୀର୍ଘ ୬ ମାସ ହେବ ନାବାଳିକାର କୌଣସି ଖୋଜ ଖବର ମିଳୁନି। ଥାନାରେ ଅଭିଯୋଗ ସତ୍ତ୍ୱେ ନାବାଳିକାକୁ ଖୋଜିବାରେ ପୁଲିସ ବିଫଳ ହୋଇଛି। ଯାହାକୁ ନେଇ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ଭେଟି ନାବାଳିକାକୁ ଉଦ୍ଧାର ନିମନ୍ତେ ନିବେଦନ କରିଛନ୍ତି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଇଟିଣ୍ଡା ଗ୍ରାମର ନାବାଳିକଙ୍କୁ ଅପହରଣ କରାଯାଇଥିଲା। ନାବାଳିକାଙ୍କ ପରିବାର ଖୋଜାଖୋଜି ପରେ ଖବର ନ ପାଇ ୨୬।୧୦।୨୦୨୫ରେ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ପୁଲିସ ହାତ ଖାଲି ରହିଛି। ଗତ ୪ ମାସ ପୂର୍ବେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ରଙ୍କ ରାଇରଙ୍ଗପୁର ଗସ୍ତ ସମୟରେ ତାଙ୍କୁ ପରିବାର ଲୋକେ ଭେଟି ଗୁହାରି କରିଥିଲେ। କିନ୍ତୁ ନାବାଳିକା ଉଦ୍ଧାର ହୋଇ ନ ପାରିବାରୁ ପରିବାର ଲୋକେ ନିରାଶ ହୋଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗ ଜଣାଇଛନ୍ତି। ନାବାଳିକାକୁ ଉଦ୍ଧାର ନିମନ୍ତେ ଏସପି ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ୪ ଦିନ ମଧ୍ୟରେ ଉଦ୍ଧାର ନେଇ କୌଣସି ପଦକ୍ଷେପ ଗ୍ରହଣ ନ କଲେ ପରିବାର ଲୋକେ ରାଇରଙ୍ଗପୁର ଟାଉନ ଥାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ବାରିପଦା ଷ୍ଟେସନ ବଜାର ହାଟ ଉଚ୍ଛେଦ ପାଇଁ ଚେତାବନୀ

ବାରିପଦା, ୧୪।୫(ସମିସ)



**ଆଜି ବ୍ୟବସାୟୀଙ୍କ ପାଇଁ ଅନ୍ତିମ ସୁଯୋଗ**

ବାରିପଦା ସହରର ସବୁଠୁ ବ୍ୟସ୍ତବହୁଳ ଷ୍ଟେସନ ବଜାର ହାଟ ନୂଆ ରୂପ ନେବ। ୨୮ କୋଟି ଟଙ୍କା ବ୍ୟୟରେ ଏହାର ଉନ୍ନତୀକରଣ ପାଇଁ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଜାନୁଆରୀ ୨୮ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହାଟର ଉନ୍ନତୀକରଣ ସହ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ମନ୍ତ୍ରୀ ଡଃ ମହାପାତ୍ର ନିଜ ପ୍ରତିକ୍ରିୟାରେ ସ୍ଥାନୀୟ ଚାଷୀଙ୍କ ସୁବିଧା ପାଇଁ ମଧ୍ୟ ଏଠାରେ ଏକ କୃଷକ ବଜାର ନିର୍ମାଣ କରାଯିବ ବୋଲି ସେତେବେଳେ ସୂଚନା ଦେଇଥିଲେ। ସେ ପର୍ଯ୍ୟନ୍ତ ହାଟ ଅସ୍ଥାୟୀ ଭାବେ ତକତପୁରଠାରେ ଥିବା ଆରଏମସି ହାଟରେ କାର୍ଯ୍ୟ କରିବ। ପ୍ରଥମେ ଉଚ୍ଛେଦ କାର୍ଯ୍ୟ ଜାନୁଆରୀ ୨୦ ତାରିଖରେ ଧାର୍ଯ୍ୟ କରାଯାଇଥିଲା। ବ୍ୟବସାୟୀ ସମୟ ମାଗିବାରୁ ସ୍ଥଗିତ ରଖାଯାଇଥିଲା। ତେବେ ବାରିପଦା ପୌରପାଳିକାର ନିର୍ବାହୀ ଅଧିକାରୀ ଶୁକ୍ରବାର ସୁଦ୍ଧା ବ୍ୟବସାୟୀଙ୍କୁ ନିଜେ ହଟିଯାଅ, ନ ହେଲେ ହଟାଇ ଦିଆଯିବ ବୋଲି କହିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଏବେ ଷ୍ଟେସନ ବଜାରରୁ ଉଚ୍ଛେଦର କଳା ବାଦଲ ଘେରି ରହିଛି। ଶୁକ୍ରବାର ସୁଦ୍ଧା ବ୍ୟବସାୟୀମାନେ ନିଜ ନିଜର ଦୋକାନ ଉଠାଇ ନେବାକୁ ମାଇକ୍ ଯୋଗେ କରାଯାଇଛି କଡ଼ା ଚେତାବନୀ। ପୌରପାଳିକାର ଏହି ଘୋଷଣା ବ୍ୟବସାୟୀଙ୍କ ନିଦ ହଜାଇ ଦେଇଛି। ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଜାଗା ଖାଲି ନ ହୁଏ, ତେବେ ପୌର କର୍ତ୍ତୃପକ୍ଷ ବଳପୂର୍ବକ ଉଚ୍ଛେଦ କରିବେ। ଏହି ସମୟରେ ଯଦି କୌଣସି ସାମଗ୍ରୀ ଭଙ୍ଗାରୁଜା ହୁଏ ବା ନଷ୍ଟ ହୁଏ, ତେବେ ତା'ର ଭରଣା କରାଯିବ ନାହିଁ। ବର୍ଷ ବର୍ଷ ଧରି ଏଠାରେ ବ୍ୟବସାୟ କରି ପରିବାର ପୋଷୁଥିବା ଛୋଟ ଛୋଟ ବ୍ୟବସାୟୀ ଏବେ ଚିନ୍ତାରେ। ଅସ୍ଥାୟୀ ସ୍ଥାନକୁ ଯିବା ପାଇଁ ନିର୍ଦ୍ଦେଶ ତ ମିଳିଛି, କିନ୍ତୁ କିଭଳି ରହିବ ସେଠାକାର ଭିତ୍ତିଭୂମି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାରିପଦା ପୌରପାଳିକା ପକ୍ଷରୁ ସ୍ଥାନୀୟ ଷ୍ଟେସନ ବଜାର ହାଟର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ହାଟ ପରିସରରେ ଦୀର୍ଘ ଦିନ ଧରି ବ୍ୟବସାୟ କରି ଆସୁଥିବା ବ୍ୟବସାୟୀମାନଙ୍କୁ ସେଠାରୁ ହଟିଯିବା ପାଇଁ ପୌର ପ୍ରଶାସନ ପକ୍ଷରୁ ଶେଷ ଚେତାବନୀ ଦିଆଯାଇଛି। ପୌର କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଷ୍ଟେସନ ବଜାର ହାଟର ଆଧୁନିକୀକରଣ ଓ ଉନ୍ନୟନ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ହାଟରେ ଥିବା ସମସ୍ତ ଅସ୍ଥାୟୀ ଦୋକାନ ଓ କ୍ୟାବିନଗୁଡ଼ିକୁ ପୂର୍ବ ନିର୍ଦ୍ଧାରିତ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶକୁ ଅତ୍ୟନ୍ତ ଜରୁରୀ ମନେ କରିବାକୁ ବାରିପଦା ପୌରପାଳିକାର ନିର୍ବାହୀ ଅଧିକାରୀ ଦେବି ପ୍ରସାଦ ରାଉତ ସୂଚନା ଦେଇଛନ୍ତି।

## ଟ୍ରକକୁ ଧକ୍କାଦେଲା ଡିଜେ ଗାଡ଼ି, ଚାଳକ ମୃତ

ଜଳେଶ୍ୱର, ୧୪।୫ (ସମିସ): ୧୬ନଂ ଜାତୀୟ ରାଜପଥ କଡରେ ଛିଡା ହୋଇଥିବା ଟ୍ରକକୁ ଧକ୍କାଦେଲା ଡିଜେ ସାଉଣ୍ଡ ଗାଡି, ଘଟଣା ସ୍ଥଳରେ ଡ୍ରାଇଭରର ମୃତ୍ୟୁ। ସୂଚନାନୁଯାୟୀ ଜଳେଶ୍ୱର ବ୍ଲକ ସରଡିହା ଗ୍ରାମର ବ୍ରଜହରୀ ଦାସ (୬୬)ନାମକ ବ୍ୟକ୍ତି ଦୀର୍ଘଦିନ ଧରି ଗାଁ ଅର୍ମଦ୍ଧା ସ୍ଥିତ ବଧିମୁହଁ ଗ୍ରାମରେ ବାସ କରିବା ସହିତ ଟେଣ୍ଟ ବ୍ୟବସାୟ ସହିତ ମା' ତାରିଣୀ ନାମକ ଡିଜେ ସାଉଣ୍ଡ ବ୍ୟବସାୟ କରିଆସୁଥିଲେ। ଗତ ରାତ୍ରିରେ ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍ପୋ ଅଞ୍ଚଳକୁ ଏକ ବିବାହ ବ୍ରତରେ ଡିଜେ ଭଡାନେଇ ଯାଇଥିଲେ। ରାତ୍ରି ୩ଟା ସମୟରେ ଡିଜେ ଗାଡିକୁ ନିଜେ ଚଲାଇ ଗାଁ ଅମର୍ଦ୍ଧା ଫେରୁଥିବା ସମୟରେ ଜଳେଶ୍ୱର ନିକଟ ୧୬ନଂ ଜାତୀୟ ରାଜପଥର ସାଇରାମ ହୋଟେଲ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରକକୁ ପଛରୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଖବର ପାଇଁ ଜଳେଶ୍ୱର ପୁଲିସ ଓ ରାଜପଥ ପେଟ୍ରୋଲିଂ ଗାଡି ପହଞ୍ଚି ମୃତଦେହକୁ ଉଦ୍ଧାର କରି ସ୍ଥାନୀୟ ଜି.କେ. ଭଟ୍ଟର ହସପିଟାଲ ନେଇଯାଇଥିଲେ। ଏଥିନେଇ ଜଳେଶ୍ୱର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହୋଟେଲ, ମଦ ଦୋକାନ ଓ ପେଟ୍ରୋଲ ପମ୍ପ ସମ୍ମୁଖରେ ଗାଡି ପାର୍କିଂ ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟିବା ସହିତ ଧନଜୀବନର କ୍ଷୟକ୍ଷତି ଘଟୁଛି ମାତ୍ର ଏଥିପ୍ରତି ରାଜପଥ କର୍ତ୍ତୃପକ୍ଷ ବା ପୁଲିସ ପ୍ରଶାସନ କୌଣସୀ ପଦକ୍ଷେପ ନନେବା ଚିନ୍ତାର ବିଷୟ ପାଲଟିଛି।

## ସାର୍ବଜନୀନ ମା' ଶୀତଳାଙ୍କ ବାର୍ଷିକ ପୂଜା ଉଦ୍‌ଯାପିତ

କାଳିପଦା, ୧୪।୫ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ମୁଧୁପୁରା ପଞ୍ଚାୟତର ଚୌଧୁରୀକୁଦ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ମାଆ ଶୀତଳାଙ୍କ ସାର୍ବଜନୀନ ବାର୍ଷିକ ପୂଜା ଉଦଯାପିତ ହୋଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ପ୍ରତି ବର୍ଷ ପରି ଚଳିତ ବର୍ଷ ପୂଜକ ନିରଞ୍ଜନ ପାଠୀ ଏବଂ ତପନ କୁମାର ପାଠୀଙ୍କ ତତ୍ତ୍ୱାବଧାନରେ ମାଆ ଶୀତଳାଙ୍କ ବାର୍ଷିକ ପୂଜା ମଙ୍ଗଳବାରଠାରୁ ଯଥା ରୀତି ନୀତିରେ ଆରମ୍ଭ ହୋଇ ବୁଧବାର ପୂର୍ଣ୍ଣ ଆହୂତି ଓ ଅପରାଜିତା ମାର୍ଜନା ପରେ ମାଆଙ୍କ ପୂଜା ଅର୍ଚ୍ଚନା ସମାପନ ହୋଇଥିଲା। ମଙ୍ଗଳବାର ଓ ବୁଧବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିତଳା ମଙ୍ଗଳ ପରିବେଷଣ ହୋଇଥିବା ବେଳେ ଗୁରୁବାର ରାତିରେ ନାଟକ ମଞ୍ଚସ୍ଥ ହୋଇଥଲା। ପୂଜା କମିଟିର ସଭାପତି ବସନ୍ତ ଦଣ୍ଡପାଟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୀତଳା ମାତାଙ୍କ ପୂଜାର୍ଚ୍ଚନାରେ ମହେଶ୍ୱର ସାହୁ, ହରେକୃଷ୍ଣ ଜେନା, ବାବାଜୀ ସାହୁ, ଶମ୍ଭୁନାଥ ସାହୁ, ଅରବିନ୍ଦ ରାଉତ, ସରୋଜ ଦଣ୍ଡପାଟ, ପ୍ରଦୀପ ଦଣ୍ଡପାଟ, ନାରାୟଣ ପ୍ରମାଣିକ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମାପନ ହୋଥିଲା।

## ମଡର୍ଣ୍ଣ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୧୪।୫(ସମିସ): ସିବିଏସଇ ଅଧୀନରେ ପରିଚାଳିତ ଅଖିଳ ଭାରତୀୟ ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ (ଦ୍ୱାଦଶ ଶ୍ରେଣୀ) ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମଡର୍ଣ୍ଣ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ଅଧକ୍ଷା ନୀତା ଖଣ୍ଡେଲୱାଲ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ୧୦ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି। ଦତ୍ତାତ୍ରୟା ବିଶୋଇ ୯୫ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ସାଚି ଶିଭାଙ୍ଗୀ ୯୩.୮୦ ପ୍ରତିଶତ ନମ୍ବର ରଖିଛନ୍ତି। ତୃତୀୟ ସ୍ଥାନରେ ଏମ୍ ଏସ୍ କାବ୍ୟମ କ୍ରୀଷ୍ଣନମ୍ ୯୩.୨୦ ପ୍ରତିଶତ ନମ୍ବର ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରଜ୍ଞା ପାରମିତା ପୃଷ୍ଟି, ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରିୟଙ୍କା ବୋଷ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ଉପାଧ୍ୟକ୍ଷ ରଞ୍ଜନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ ସାହୁଙ୍କ ବିୟୋଗ



ରେମୁଣା, ୧୪।୫(ସମିସ): ରେମୁଣାର ଜଣେ ଲୋକପ୍ରିୟ ସମାଜସେବୀ ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ୬୪ ବର୍ଷରେ ଗତକାଲି ରାତି ୧୨ ଟାରେ କଟକ ବଡ ଡାକ୍ତରଖାନାରେ ବିୟୋଗ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ କରାଯାଇଥିବା ବେଳେ ରାତି ୧୨ ଟାରେ ତାଙ୍କର ବିୟୋଗ ହୋଇଯାଇଛି। ଆଜି ସନ୍ଧ୍ୟା ୫ ଟାରେ ରେମୁଣା ସ୍ଥିତ ରୁଦ୍ରପୁର ଗ୍ରାମସ୍ଥ ନିଜ ବାସଭବନକୁ ତାଙ୍କ ମରଶରୀର ଆସି ପହଞ୍ଚିବାରୁ ରେମୁଣାର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସୁଧାଂଶୁ ପରିଡ଼ା, ସମାଜସେବୀ ଶତ୍ରୁଘ୍ନ ମଲ୍ଲିକ, ଗଣେଶ ଚନ୍ଦ୍ର କମିଳା, ବିଦ୍ୟାଧର ଜେନା, ଡ଼. ତ୍ରିଲୋଚନ ସାହୁ, ବିରେଶ ଚନ୍ଦ୍ର ଷଡ଼ଙ୍ଗୀ, ଗିରିଶ କୁମାର ଷଡ଼ଙ୍ଗୀ, , ପ୍ରଶାନ୍ତ ବରାଳ, ଆୟେସନ ଖାଁ ଏବଂ ରେମୁଣାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା, ବିଭିନ୍ନ ସଂଘଠନର କର୍ମକର୍ତ୍ତାଙ୍କ ସହିତ ରେମୁଣା ବାସୀ ଓ ଗ୍ରାମବାସୀ ପକ୍ଷରୁ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ତାଙ୍କ ଆତ୍ମାର ସଦଗତି କାମନା କରିବା ସହିତ ଶୋକାକୁଳ ପରିବାର ଏବଂ ଆତ୍ମୀୟମାନଙ୍କୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ସାହୁ ରେମୁଣା ବ୍ଲକର ପ୍ରାକ୍ତନ ଉପାଧ୍ୟକ୍ଷ ଥିଲେ ପରେ ରେମୁଣା କଲେଜର ବରିଷ୍ଟ ସଦଶ୍ୟ ତଥା ସମ୍ପାଦକ ଭାବେ କଲେଜ କାର୍ଯ୍ୟରେ ସମ୍ପାଦନା କରିଥିଲେ। ରେମୁଣା ସମବାୟ ସମିତିର ପୂର୍ବତନ ସଭାପତି ଥିଲେ। ଏତତବ୍ୟତୀତ ରେମୁଣାର ବିଭିନ୍ନ ଶିକ୍ଷାନୁଷ୍ଠାନ, ଯୁବସଂଗଠନ ମାନଙ୍କରେ ନିୟୋଜିତରହି ସାମାଜିକ କାର୍ଯ୍ୟରେ ଅଗ୍ରଣୀ ଭୂମିକା ଅର୍ଜନ କରିଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ମନ୍ଦିର ଛକ ବୈକୁଣ୍ଠ ଦ୍ୱାର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଠିକାଦାରଙ୍କ କବ୍‌ଜାରେ ମାର୍କୋଣା ଗ୍ରାମ୍ୟ ଉନ୍ନୟନ ବିଭାଗ

### ୫ ଲକ୍ଷ ଟଙ୍କାର କାମ କରି ୧୨ ଲକ୍ଷ ଉଠାଇବାକୁ ଉଦ୍ୟମ

ଖଇରା, ୧୪।୫ (ସମିସ)



ବାଲେଶ୍ୱର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ-୨ ଅନ୍ତର୍ଗତ ମାର୍କୋଣା ସବ୍‌ଡିଭିଜନରେ ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ଏହି ଉପଖଣ୍ଡ ଏବେ କିଛି ଠିକାଦାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ନିକଟରେ ସ୍ୱିଟଅପ ବା ୫ଲକ୍ଷର ଆୱାର୍ଡ କାମରେ ୪୦ଲକ୍ଷ ଟଙ୍କା ର ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ପରେ ମାର୍ଚ୍ଚ ୩୧ ପୂର୍ବରୁ ଖଇରା ବାହାରର ଜଣେ କନିଷ୍ଠଯନ୍ତ୍ରୀଙ୍କ ମାଧ୍ୟମରେ ତରବରିଆ ଭାବେ ବିଲ ଉଠାଇ ନିଆଯିବା ପରେ ଏବେ ଏସଆର ଟେଣ୍ଡର କାମରେ ମଧ୍ୟ ବଡ ଧରଣର ଦୁର୍ନୀତି କରାଯାଉଥିବା ଅଭିଯୋଗ ହୋଇଛି। ମାତ୍ର ୫ଲକ୍ଷ ଟଙ୍କାର କାମକରି ୧୨ଲକ୍ଷ ଅର୍ଥ ହଡପପାଇଁ ଉଦ୍ୟମ କରାଯାଇଛି। ତଳିଆ ଯନ୍ତ୍ରୀଙ୍କ ଉପରେ ଚାପ ସୃଷ୍ଟି କରାଯାଉଛି।

ଖଇରା ବ୍ଲକର ଶ୍ୟାମସୁନ୍ଦରପୁର ଓ ଗୋବିନ୍ଦପୁର ସଂଯୋଗ କରୁଥିବା ପାଣିସାଉଁଳି ଶ୍ରୀରାମପୁର ରାସ୍ତା ଆରମ୍ଭରେ ଥିବା ପୋଲ ନିକଟରେ ୨ପାର୍ଶ୍ୱର କଂକ୍ରିଟ ପାଚେରୀ ନିର୍ମାଣ ପାଇଁ ପାଖାପାଖି ୧୨ଲକ୍ଷ(ଜିଏସଟି ସହ) ଟଙ୍କା ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନରେ ୬ଇଞ୍ଚ ବାଲି, ମେଣ୍ଟାଲ ବେସରେ ୬ଇଞ୍ଚ କଂକ୍ରିଟ ଢଳେଇ ଦେବା ପରେ କଂକ୍ରିଟ ପାଚେରୀ ଉଠିବା କଥା। ଜଳ ନିଷ୍କାସନକୁ ଦୃଷ୍ଟିରେ ରଖି ରାସ୍ତା ଉଚ୍ଚତା ଠାରୁ ପାଚେରି ଉଚ୍ଚତା କମ ରଖାଯିବା କଥା। ହେଲେ ଠିକାଦାର ଫାଉଣ୍ଡେସନ ଠାରୁ ଆରମ୍ଭ କରି ପାଚେରୀର ମାନ, ମାଟି ଫିଲିଂ ଭଳି ସବୁ ଭାଗରେ ଏଷ୍ଟିମେଟକୁ ଉଲ୍ଲଂଘନ କରିଥିବା କୁହାଯାଉଛି।। ହେଲେ ୩ମାସ ଧରି ଚାଲିଥିବା ତୃଟିପୁର୍ଣ କାର୍ଯ୍ୟ ଯାଞ୍ଚ ଅଧିକାରୀଙ୍କ ଆଖିରେ ନପଡ଼ିବାକୁ ନେଇ ବର୍ତ୍ତମାନ ଡିଭିଜନରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ଠିକାଦାର ପାଚେରୀ ଉଚ୍ଚତାକୁ ରାସ୍ତା ଉଚ୍ଚତାରୁ ୨ଫୁଟ ଅଧିକ କରିଥିବାରୁ ଏହା ଏବେ ଜଳନିଷ୍କାସନରେ ବାଧା ସୃଷ୍ଟି କରିବା ଆଶଙ୍କା ଦେଖାଦେଇଛି। ଏହିଭଳି ଦୁର୍ନୀତି ପାଇଁ ଖଇରା ସବଡିଭିଜନର ସହକାରୀ ଯନ୍ତ୍ରୀ ପଦବୀକୁ ଖାଲି କରି ରଖାଯାଇ ଅନ୍ୟ ସହକାରୀ ଯନ୍ତ୍ରୀଙ୍କୁ ଖଇରା ଦାୟିତ୍ୱ ଦିଆଯାଉଥିବା ନେଇ ଆଲୋଚନା ହେଉଛି। ବିସ୍ମୟର କଥା ଯେ ଡିଭିଜନ ଯନ୍ତ୍ରୀ ଓ ଠିକାଦାରଙ୍କ ସହମତିରେ ଏହି କାର୍ଯ୍ୟରେ ମଧ୍ୟ ଡେଭିଏସନ କରାଯାଇ ଅଧିକ ୨ଲକ୍ଷ ଟଙ୍କା ଉଠାଯିବାକୁ କାଗଜପତ୍ରରେ ପ୍ରସ୍ତୁତି ଚାଲିଛି।

ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ ସେଠୀଙ୍କ ପ୍ରତିକ୍ରିୟା ନିଆଯିବାରେ ଅଧିକ ଉଚ୍ଚ ହୋଇଥିବା ଅଂଶକୁ ଭଙ୍ଗା ନ ଯାଇ ଜଳ ନିଷ୍କାସନ ପାଇଁ ସେଠାରେ ଅନ୍ୟ ଏକ କଲଭର୍ଟ କରାଯିବା ସହ ମାଟି ପଡ଼ିଥିବା ଅଂଶକୁ କଂକ୍ରିଟ କରିବା ପରେ ଠିକାଦାରଙ୍କୁ ସମ୍ପୂର୍ଣ୍ଣ ବିଲ ପୈଠ କରାଯିବ ବୋଲି କହିଛନ୍ତି। ୨ବର୍ଷ ମଧ୍ୟରେ ମାର୍କୋଣା ଉପଖଣ୍ଡରେ ଏହିଭଳି ଭାବେ ୩୦କୋଟି ରୁ ଊର୍ଦ୍ଧ୍ୱ ଟଙ୍କାର ଜାଲିଆତି ହୋଇଥିବା ନେଇ ଅଭିଯୋଗ ହେଉଥିବାରୁ ଭିଜିଲାନ୍ସ ତଦନ୍ତ କରି ଦୁର୍ନୀତିର ପର୍ଦ୍ଦାଫାସ କରିବାକୁ ରୁଡିଙ୍ଗିଆ, ପାଣିସାଉଁଳି, ଶ୍ରୀରାମପୁର ଓ କଖାରୁଆ ଗ୍ରାମର ଅଧିବାସୀମାନେ ଦାବି କରିଛନ୍ତି।

## କନିଷ୍ଠଯନ୍ତ୍ରୀଙ୍କ ବସ୍ତାସ୍ଥିତ ବାସଭବନରେ ଭିଜିଲାନ୍ସ ଚଢ଼ଉ

ବସ୍ତା ବ୍ଲକ, ୧୪।୫ (ସମିସ): ଭଦ୍ରକ ଜିଲ୍ଲା କାଡା ଡିଭିଜନର କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ମହାନ୍ତିଙ୍କ ଉପରେ ଭିଜିଲାନ୍ସ ଚଢ଼ାଉ ହୋଇଥିବା ବେଳେ ତାଙ୍କ ପୈତୃକ ଘର ବସ୍ତା ବ୍ଲକ ଇଡଦା ପଞ୍ଚାୟତ ନସିଂଡିହ ଗ୍ରାମରେ ମଧ୍ୟ ଚଢ଼ାଉ ହୋଇଥିବା ଦେଖିବାକୁ ମିଳିଛି। ଗୁରୁବାର ଆୟ ବହିର୍ଭୁତ ସମ୍ପତି ଠୁଳ କରିବା ଅଭିଯୋଗରେ ଯନ୍ତ୍ରୀ ବିଜୟଙ୍କ ୭ ଟି ସ୍ଥାନରେ ଏକା ସଙ୍ଗେ ଚଢ଼ାଉ ଜାରି ରହି ଥିବା ଭିଜିଲାନ୍ସ ଟିମ୍ ସୂଚନା ଦେଇଥିଲେ। ସିଂଳା ଥାନା ଅନ୍ତର୍ଗତ ନରସିଂହଡିହ ସ୍ଥିତ ପୈତୃକ ବାସଭବନରେ ବାଲେଶ୍ୱର ଓ ବାରିପଦାର ୧୦ ଜଣିଆ ଭିଜିଲାନ୍ସ ଟିମ୍ ର କର୍ମଚାରୀ ଚଢଉରେ ସାମିଲ ହୋଇଥିଲେ। ତେବେ ତାଙ୍କ ପୈତୃକ ବାସଭବନରୁ ସେମିତି କିଛି ପାଇନଥିବା କୁହା ଯାଉଛି। କେବଳ ଏକ ଦୁଇ ମହଲା କୋଠା ଘର ଥିବା ବେଳେ ତାର ମୂଲ୍ୟ ଆକଳନ ପାଇଁ ବିଭାଗୀୟ ଏକ୍ସପର୍ଟ ଓ ଜାଗା ନିରୂପଣ ପାଇଁ ସ୍ଥାନିୟ ରାଜସ୍ୱ ଅଧିକାରୀଙ୍କୁ ଦିଆ ଯାଇଥିବା ଭିଜିଲାନ୍ସ ଅଧିକାରୀ ଶ୍ରୀ ସ୍ୱାଇଁ ଗଣମାଧ୍ୟମକୁ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି।



## ନାଳର ପୁନରୁଦ୍ଧାର ନାଁରେ ହରିଲୁଟ୍ ଅଭିଯୋଗ



ଲଙ୍ଗଳେଶ୍ୱର, ୧୪।୫(ସମିସ): ବାଲିଆପାଳ ବ୍ଲକର ବିଭିନ୍ନ ନାଳର ପୁନରୁଦ୍ଧାର ସହିତ କୋଷ୍ଟ୍ କେନାଲ କୁ ଲାଗି ଦୁଇଟି ପାସି ନାଳ ଉପରେ ଦୁଇଟି ପାଦ ଚଲା ପୋଲ ନିର୍ମାଣ ଜଳ ସମ୍ପଦ ବିଭାଗ ତରଫରୁ କାର୍ଯ୍ୟ ଚାଲିଛି। ମଧୁପୁରା ପଞ୍ଚାୟତ ର ପଞ୍ଚୁରୁଖି ପାସି ନାଳ, ଡେମୁରିଆ ନାଳ, ବାଇ ଟେଙ୍ଗରି ନାଳ, କିଆଁଗାଡିଆ ନାଳର ପୁନରୁଦ୍ଧାର ସହ କୋଷ୍ଟ କେନାଲ ପାଖରେ ବଳରାମପୁର ଏବଂ ସୁନରୁଇକୁ ସଂଯୋଗ କରୁଥିବା ରାସ୍ତା ଉପରେ ଦୁଇଟି ପାଦ ଚଲା ପୋଲ ନିର୍ମାଣ ଚାଲିଛି। କିନ୍ତୁ ପୋଲ ଦୁଇଟି ଆଠ ଦଶ କିମି ଦୂର ବିଲ ପାଖ ନିର୍ଜନ ସ୍ଥାନରେ ହେଉଥିବାରୁ ଲୋକଙ୍କ ଦୃଷ୍ଟି ଗୋଚର ହୋଇପାରୁନାହିଁ। ତେଣୁ କମ ଦାମ ଲୁହା ରଡ ସହିତ ନିମ୍ନ ମାନର ବାଲି ଚିପ୍ସ ସିମେଣ୍ଟ ଦେଇ ନିମ୍ନମାନର ନିର୍ମାଣ କାର୍ଯ୍ୟ ଚାଲିଛି।ଆଉ ମାସେ ପରେ ବର୍ଷା ଋତୁ ଆସିଯିବ କିନ୍ତୁ ଏଯାଏ ନାଳ ପୁନରୁଦ୍ଧାର କାର୍ଯ୍ୟ ହୋଇନାହିଁ। କେବଳ ବାଇଟେଙ୍ଗିରି ନାଳ ରେ ଘାସ ସଫା କଲା ଭଳି ତାଡି ଦିଆଯାଇଛି। ଅଢେଇ କୋଟି ଟଙ୍କାର ଏଇ ପ୍ରକଳ୍ପକୁ ବୈକୁଣ୍ଠ ନାଥ ବାରିକ ନାମରେ ଟେଣ୍ଡର ଅଛି। ଆସନ୍ତା ଅକ୍ଟୋବର ମାସରେ କାମ ସରିବାର ଅବଧି ସରିବ।ତେବେ ନିମ୍ନ ମାନର କାର୍ଯ୍ୟ ସହିତ ମନ୍ଥର ଗତି ସଧାରଣ ରେ ଉଦବେଗ ଦେଖାଯାଇଛି। ଖୁବ୍‌ଶୀଘ୍ର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ କରିବାକୁ ଦୃଢ଼ ଦାବି ହେଉଛି। ଏ ବାବଦରେ ଏଷ୍ଟିମେଟର ହିମାଂଶୁ ମହାନ୍ତି ସହିତ ଯୋଗା ଯୋଗ କରିବାରୁ ସେ କାର୍ଯ୍ୟରେ ତଦାରଖ କରାଯିବ ବୋଲି କହିଥିଲେ।

## 'ସାଇନ୍‌ସ ଆୱାରନେସ୍ ଫୋରମ୍'ର ପ୍ରତିଷ୍ଠା ଦିବସ

ବାଲେଶ୍ୱର, ୧୪।୫ (ସମିସ): ମଣିଷ ସମାଜର ମଙ୍ଗଳ ସହ ପ୍ରକୃତି ଓ ପରିବେଶର ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ସୃଷ୍ଟି ହୋଇଥିବା 'ସାଇନ୍ସ ଏୱାରନେସ୍ ଫୋରମ୍'ର ପ୍ରଥମ ଜନ୍ମଦିନ ଉତ୍ସବ ସ୍ଥାନୀୟ ବାଗବୃନ୍ଦାବନ 'ଶ୍ରୀ ଶିକ୍ଷା' କକ୍ଷରେ ଅନୁଷ୍ଠିତ ହୋଇଯାଇଛି।



କେନ୍ଦ୍ରୀୟ ବିଦ୍ୟାଳୟ (୨)ର ନବମ ଶ୍ରେଣୀର ଛାତ୍ରୀ ଏ.ଆର. ହଂସିନି ବୈଜ୍ଞାନିକ ଆଇନଷ୍ଟାଇନ୍‌ଙ୍କ ଫଟୋଚିତ୍ର ନିକଟରେ 'ବିଜ୍ଞାନ ପ୍ରଦୀପ' ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। 'ସାଇନ୍ସ ଏୱାରନେସ୍ ଫୋରୋମ୍'ର ମୁଖ୍ୟ କବି ପ୍ରଶାନ୍ତ ଦାସ ଉତ୍ସବ ପରିଚାଳନା କରି ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଲେ ଯେ, ବିଜ୍ଞାନର ଉପଯୁକ୍ତ ବ୍ୟବହାର ପୃଥିବୀ, ପ୍ରକୃତି, ପରିବେଶକୁ ସୁରକ୍ଷା ରକ୍ଷା କରି ମଣିଷ ସମାଜର ମଙ୍ଗଳର କାରଣ ହେବ ଓ ଦ୍ରବ୍ୟର ପୁନଃ ବ୍ୟବହାରକୁ ଦୃଷ୍ଟି ଦେଲେ ଦଲେ ବହୁ ସମସ୍ୟାର ସମାଧାନ ହୋଇଯିବ'। ଉକ୍ତ ବିଷୟରେ ଛାତ୍ରଛାତ୍ରୀଙ୍କ ଭିତରେ ସଚେତନ୍ତା ସୃଷ୍ଟି କରିବା ପାଇଁ 'ଫୋରୋମ୍' ବିଭିନ୍ନ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେବ। ଅତିଥି ଭାବେ ଝାଡ଼େଶ୍ୱର ବିଜ୍ଞାନ ବିଦ୍ୟାଳୟର ଅଧ୍ୟକ୍ଷ ତଥା 'ଫୋରମ' ସଭାପତି ଡ. ସମର ବଲ୍ଲଭ ଭୋଇ, ଆବାହକ, ବିଜ୍ଞାନ ଲେଖକ ଓ ଶିକ୍ଷକ ପଦ୍ମଲୋଚନ ପ୍ରଧାନ ଯୋଗଦାନ କରି ବର୍ତ୍ତମାନ ସମୟରେ ବିଜ୍ଞାନର ବ୍ୟବହାର ନକରାତ୍ମକ ପ୍ରଭାବ ପ୍ରକୃତି ଓ ପରିବେଶକୁ ଦୂଷିତ କରି ପୃଥିବୀରେ ବାସ କରୁଥିବା ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି'। 'ଫୋରମ୍'ର ସମ୍ପାଦକ ସାଇ ଶିଶୁ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ମଧୁସୂଦନ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ 'ବିଦ୍ୟାର୍ଥୀ ଫାଉଣ୍ଡେସନ୍'ର ପ୍ରତିଷ୍ଠାତା ବିପ୍ଳବ ଦାସ ମହାପାତ୍ର ଯୋଗ ଦେଇଥିଲେ। ଶେଷରେ ମେଧାବୀ ବିଜ୍ଞାନ ଛାତ୍ର ଓ 'ଫୋରମ୍'ର ସଂଯୋଜକ ରାଧାବଲ୍ଲଭ ଦଳାଇ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଧାରିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଓ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ଓ ଅବଦୁଲ୍ କାଲାମ୍‌ଙ୍କ ଜୟନ୍ତୀରେ ଜଣେ ବିଜ୍ଞାନ ଲେଖକ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ।

## ଗାଡ଼ି ଯାଞ୍ଚ କଡ଼ାକଡ଼ି

କାଳିପଦା, ୧୪।୫(ସମିସ): ବାଲିଆପାଳ ଅଞ୍ଚଳରେ ଅସାମାଜିକ କାର୍ଯ୍ୟରେ ରୋକ ଲଗାଇବା ପାଇଁ ଏସପିଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ରାତି ଏଗାରଟାରୁ ଭୋର ତିନିଟା ଯାଏ ବିଭିନ୍ନ ସ୍ଥାନକୁ ବ୍ଲକିଂ କରି ଯାନବାହାନ ଚେକିଙ୍ଗକୁ ପୁଲିସ ଜୋରଦାର କରାଯାଇଥିଲା। ବାଲିଆପାଳ ଥାନା ଆଇଆଇସି ସାଲଖାନ ମୁର୍ମୁଙ୍କ ତତ୍ତ୍ୱାବଧାନରେ ତିନିଟି ଟିମ ପ୍ରସ୍ତୁତ କରାଯାଇ ବାଲିଆପାଳ ଜଗନ୍ନାଥ ମନ୍ଦିର ସମ୍ମୁଖ, ବ୍ଲକ ଛକ, କାଳିପଦା ବଜାର, ଦେଭୋଗ ଛକ ସହିତ ଛୋଟ ଖାନପୁର ଛକ ନିକଟରେ ବ୍ଲକିଙ୍ଗ କରି ସମସ୍ତ ପ୍ରକାର ଯାନବାହାନକୁ ଚେକିଂ କରାଯାଇ ଥିଲା। ଏଏସଆଇ ପ୍ରେମ ପ୍ରତାପ ବାହୀନି ପତି, କେଶବ ଚନ୍ଦ୍ର ବେଶ୍ରାଙ୍କ ସହିତ ବାଲିଆପାଳ ଥାନା ଅଧିନରେ ଥିବା ସମସ୍ତ ହୋମଗାର୍ଡ ବ୍ଲକିଂରେ ସହଯୋଗ କରିଥିଲେ।

## ବାଂଲାଦେଶୀ ରୋହିଙ୍ଗା ଚମ୍ପଟ!

କାଳିପଦା, ୧୪।୫(ସମିସ): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ବାସୁଦେବପୁର ସରକାରୀ ଜାଗାରେ କେତେ ବର୍ଷ ହେବ କେତେକ ରୋହିଙ୍ଗା ବାଂଲାଦେଶୀ ବେଆଇନ ଭାବେ ଘର କରି ରହି ଆସୁଛନ୍ତି। ଏମାନେ ଦିନରେ ସାଇକେଲ କେତେକ ମଟର ସାଇକେଲରେ ଷ୍ଟେସନରୀ ସାମଗ୍ରୀ ଫେରିକରି ଗାଁ ଗାଁରେ ବିକ୍ରି କରି ଆସନ୍ତି। ଦିନରେ ଫେରି ରାତିକୁ ଛୋଟ ମୋଟ ଚୋରି ସହ ଏମାନେ ସମ୍ପୃକ୍ତ ଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରନ୍ତି। ଏମାନେ ସ୍ଥାନୀୟ ନେତାଙ୍କୁ ଓ ରାଜସ୍ୱ ଅଧିକାରୀଙ୍କୁ ହାତକରି ବେଆଇନ ପଟ୍ଟା ମଧ୍ୟ ହାତେଇ ଅଛନ୍ତି। ତେବେ କେଉଁ ପରିସ୍ଥିତିରେ ଏମାନଙ୍କୁ ସରକାରୀ ଜାଗାର ପଟ୍ଟା ମିଳିଲା ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇ ଥିବା ବେଳେ ତାହା ତଦନ୍ତ ସାପେକ୍ଷ ପରି ମନେ ହୁଏ। ଗଲା କେତେଦିନ ତଳେ ଏସ ଆଇ ଆର ସର୍ଭେ ହୋଇଥିଲା। ସର୍ଭେରୁ ବେଆଇନ ପଟ୍ଟା ଜଣା ପଡ଼ିବାରୁ ରୋହିଙ୍ଗା ମାନଙ୍କ ଭିତରେ କୋକୁଆ ଭୟ ସୃଷ୍ଟି ହୋଇଛି। ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି ର ସରକାର ହେବାରୁ ପାଖା ପାଖି ଅର୍ଦ୍ଧାଧିକ ରୋହିଙ୍ଗା ବଙ୍ଗଳା ଦେଶୀ ବାସୁଦେବପୁର ଛାଡି ଅନ୍ୟତ୍ର ଚମ୍ପଟ ମାରିଛନ୍ତି। କୁଆଡେ ଏମାନେ ଆନ୍ଧ୍ର ପ୍ରଦେଶ ଓ ତାମିଲନାଡୁ ମୁହାଁ ହୋଇ ଥିବା ଏକ ବିଶେଷ ସୂତ୍ରରୁ ଜଣା ପଡ଼ିଛି। ପ୍ରଶାସନ ଏଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ବାସୁଦେବପୁର ଗ୍ରାମର ମଦନ କୁମାର ବେହେରା, ଗୁଣ ନିଧି ସାହୁ, ଦୁଷ୍ମନ୍ତ କୁମାର ଯାଦବ, ଘନ ଶ୍ୟାମ ଦେହୁରୀ, ମୁକୁନ୍ଦ ମୁରାରୀ ବାରିକ, ସନାତନ ବିନ୍ଧାଣୀ, ସୁବଳ କୁମାର ଜେନା, ପର୍ଶୁରାମ ନାଥ, ସୁମନ୍ତ କୁମାର ଧଳ, ବୈରାଗୀ ଚରଣ ଭୂୟାଁ ପ୍ରମୁଖ ଦୃଢ ଦାବି କରିଛନ୍ତି। ତେବେ ଲୋକଙ୍କ ଠୁ ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

## ବାଲେଶ୍ୱରୀ ଜଉକଣ୍ଢେଇ ବାହାଘରର ତୃତୀୟ ସନ୍ଧ୍ୟା

ବାଲେଶ୍ୱର, ୧୪।୫(ସମିସ): ବାଲେଶ୍ୱରୀ ଜଉକଣ୍ଢେଇ ବାହାଘରର ତୃତୀୟ ସନ୍ଧ୍ୟାରେ ବର ବାଇମୁଣ୍ଡି ଦାସ ତାଙ୍କର ନବ ବିବାହିତା ପତ୍ନୀ ମଣିଙ୍କୁ ନେଇ ଖ୍ରୀଷ୍ଟିଆନ ପଡ଼ିଆକୁ ଫେରି ଆସିଛନ୍ତି ଓ ବୋହୂ ବେଦୀରେ ଉଭୟେ ସମସ୍ତଙ୍କୁ ଦର୍ଶନ ଦେଉଛନ୍ତି। ନବବଧୂର ମୁହଁକୁ ଦେଖି ବାଲେଶ୍ୱର ଓ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଦର୍ଶନାର୍ଥୀ ମୁହଁଚାହାଁ ବାକ୍ସରେ ମୁହଁଚାହାଁ ପ୍ରଦାନ କରୁଛନ୍ତି। ନବବଧୂର ଆଗମନରେ ଶାଶୁଘରର ଶତାଧିକ ମହିଳା ପାଦରେ ଅଳତା ନାଇଁ ସ୍ୱାଗତ କରିଥିଲେ। ଡ଼ଃ କାଳିକିଙ୍କର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ସନ୍ଧ୍ୟା ଅଧିବେଶନରେ ସଭାପତିତ୍ୱ ଆସନ ଅଳଙ୍କୃତ କରିଥିଲେ ଇଂ ହୃଷୀକେଶ ସାହୁ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲେଖକ ତଥା ଭୋଗରାଇର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଗୌତମବୁଦ୍ଧ ଦାସ ଯୋଗଦେଇ କହିଲେ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର କମିଟି ଆଜି ଓଡ଼ିଶାର ପ୍ରମୁଖ ଗଣପର୍ବ ଭାବରେ ନିଜକୁ ସ୍ଥାପିତ କରିପାରିଛି ଏଥିପାଇଁ ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ଧନ୍ୟବାଦର ପାତ୍ର। ଆମ ବାଲେଶ୍ୱର ହେଲା ଫକୀରମୋହନଙ୍କ ମାଟି ଓ ସ୍ୱାଭିମାନର ମାଟି। ଏ ମାଟିର ଲୋକକଳା, ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ ଅନନ୍ୟ'। ମୁଖ୍ୟବକ୍ତା ଭାବରେ କବି ପ୍ରଶାନ୍ତ ଦାସ କହିଲେ ଯେ ଲୋକ କଳା ଓ ଲୋକ ସଂସ୍କୃତିର ସୌନ୍ଦର୍ଯ୍ୟରୁ ସୁନ୍ଦର ହୁଏ ଆମର ଏ ସମାଜ ଯେଉଁ ବାର୍ତ୍ତା ଦେଉଛି ଆମର ଗର୍ବ ଓ ଗୌରବ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବ'। ବାହାଘର କମିଟି ସଦସ୍ୟ ଚନ୍ଦନା ସ୍ୱାଇଁ ମଞ୍ଚ ଆହ୍ୱାନ କରିଥିଲାବେଳେ ରାଜେଶ କୁମାର ଗିରି ଜଉକଣ୍ଢେଇ ବାହାଘର ଉତ୍ସବର ଆଭିମୁଖ୍ୟ ପ୍ରକାଶ କରିଥିଲେ। ଲକ୍ଷ୍ମୀନାରାୟଣ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ। ଭଦ୍ରକର ମୋଗଲ ତାମସା, ଏଡ଼ିଏସ ଫେସନ ଶୋ, ଶଙ୍କର ନୃତ୍ୟ ଏକାଡେମୀ, ମାଆ ମଙ୍ଗଳା ନୃତ୍ୟ ଆଦି ଅନୁଷ୍ଠାନର ଶିଳ୍ପୀମାନଙ୍କର ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା।

## ଆଦିବାସୀଙ୍କ ଜମି ହଡ଼ପ ଉଦ୍ୟମ ବିଫଳ

# ସ୍ଥିତାବସ୍ଥା ବଜାୟ ରଖିବାକୁ କୋର୍ଟଙ୍କ ନିର୍ଦ୍ଦେଶ

କାଳିପଦା, ୧୪।୫ (ସମିସ)

ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଦେଉଳା ଗ୍ରାମର ୧୦ ନିରୀହ ଆଦିବାସୀ ପରିବାରର ଘର, ଘର ବାଡ଼ି, ଚାଷ ଜମି ଏହିପରି ମୋଟ ଅଢେଇ ଏକର ଜାଗାକୁ କେତେକ ମୁଷ୍ଟିମେୟ ଲୋକ ମିଛ ଦଲିଲ, ପଟ୍ଟା କରି ହଡପ କରିବାକୁ ଉଦ୍ୟମ କରିଥିଲେ। ଏହି ମୁଷ୍ଟିମେୟ ଲୋକମାନେ ବିଭିନ୍ନ ସ୍ତରରେ ଚାପ ପକାଇ ସେମାନଙ୍କୁ ଭୋଗ ଦଖଲରୁ ଉଚ୍ଛେଦ କରିବା ପାଇଁ ଅର୍ଥ ଦେଇ ଲୋକ ବଳ ଠୁଳ କରିଥିଲେ। ଏହାକୁ କେନ୍ଦ୍ର କରି ସେଠାରେ ଦୀର୍ଘ ଦିନ ହେବ ଉତ୍ତେଜନା ଲାଗି ରହିଥିଲା। ପରେ ସ୍ଥିତିବାନ ଜାଗାର ମାଲିକ ମୁନି ବିନ୍ଧାଣୀ ଓଗେର ଓଡ଼ିଶା ହାଇକୋର୍ଟର ଏକ ନିର୍ଦ୍ଦେଶ ମୂଳେ ଗତ ମାର୍ଚ୍ଚ ମାସ ୨୪ ତାରିଖ ଦିନ ବାଲେଶ୍ୱର ସିନିୟର ଡିଭିଜନ ସିଭିଲ ଜଜ କୋର୍ଟରେ ନ୍ୟାୟ ପାଇଁ ଏକ ମାମଲା ରୁଜୁ କରିଥିଲେ। କୋର୍ଟ ଗଲା ୨ ତାରିଖ ଦିନ ଏହାର ଶୁଣାଣି କରି ୧୧ ତାରିଖ ଦିନ ଆଇ ଏ ନଂ ୧୧୭/୨୬ ( ସି ଆଇ ଏସ ନଂ ୧୬୭/୨୬) ମୂଳେ ଏକ ନିର୍ଦ୍ଦେଶ ଜାରି କରି ଜାଗାର ସ୍ଥାୟୀ ସ୍ଥିତାବସ୍ଥା ବଜାୟ ରଖିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟେ ଚାରି ପିଢ଼ି ଧରି ଏହି ୧୦ ପରିବାର ଏହି ସବୁ ଜାଗାକୁ ଭୋଗ ଦଖଲ କରି ଆସୁଥିଲେ। ଜମିଦାରୀ ପ୍ରଥା ଉଚ୍ଛେଦ ପରେ ଏମାନଙ୍କ ପୂର୍ବ ପୁରୁଷ ଗାଗଲ ବିନ୍ଧାଣୀ, ପିତା ମଧୁ ବିନ୍ଧାଣୀ, ଦେଉଳା ଜମିଦାର ମୁଖଦା ମଣୀ ମହାଶୟ, ସ୍ୱାମୀ ଶିବ ନାରାୟଣ ମହାଶୟ ସାବକ ଖତିୟାନ ନଂ ୮୧୧, ବର୍ତ୍ତମାନ ଖତିୟାନ ୬୧୨, ପ୍ଲଟ ନଂ ୧୭୮୮, ୧୭୮୯, ୧୭୯୪, ୧୭୯୫ ଓ ୧୭୯୬ କୁ ଉକ୍ତ ପ୍ରଜାଙ୍କୁ ଜମିଦାରୀ ଆଇନ ୧୯୫୧ ଉଚ୍ଛେଦ ପରେ ଜମିଦାର ଅଙ୍ଗନ ନାମା ପଟ୍ଟା ପ୍ରଦାନ କରିଥିଲେ। ପ୍ରଜାମାନେ ଜମିଦାରଙ୍କ ନାମରେ ଖଜଣା କାଟି ଉକ୍ତ ଜାଗାକୁ ଦଖଲ କରି ଆସୁଥିଲେ। ସେତେବେଳେ ଉକ୍ତ ପ୍ଲଟ କୁ ପ୍ରଜାଙ୍କ ନାମରେ ନାମଜାରୀ କରିବାକୁ ଏକ ସରକାରୀ ନୋଟିସ ମଧ୍ୟ ଆସିଥିଲା। ମାତ୍ର ଅପାଠୁଆ ଆଦିବାସୀ ମାନେ ଉକ୍ତ ନୋଟିସକୁ ବୁଝି ନ ପାରି ଅଣ ଦେଖା କରିଥିଲେ। ଉକ୍ତ ପ୍ଲଟ ଉପରେ ଆଦିବାସୀଙ୍କୁ ଦିଆ ଯାଇଥିବା ସରକାରୀ ଆବାସ ଗୃହ, ବିଦ୍ୟୁତ, ରାସ୍ତା ଆଦି ନାନାଦି ସୁବିଧା ସୁଯୋଗ ମିଳି ସାରିଛି। ମାତ୍ର ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ୨୦୨୧ ମସିହା ସେପ୍ଟେମ୍ବର ୨୨ ତାରିଖ ସୁରେନ୍ଦ୍ର ନାରାୟଣ ରାୟ ନାମକ ଜଣେ ବ୍ୟକ୍ତି ଉକ୍ତ ପ୍ଲଟର ଉତ୍ତରାଧିକାରୀର ପରିଚୟ ପ୍ରଦାନ କରି ଉକ୍ତ ଜାଗାକୁ ବିକ୍ରି କରିବା କେତେ ଦୂର ଯୁକ୍ତି ଯୁକ୍ତ। ସେ ମୁଖଦା ମଣୀଙ୍କ ଅଣ ନାତିର ପରିଚୟ ଦେଇ ଛନ୍ତି। ତାଙ୍କର ବର୍ତ୍ତମାନ ଠିକଣା ଏ -୧୦୪, ଲେକ ଗାର୍ଡେନ, ପଶ୍ଚିମ ବଙ୍ଗ। ଅରୁଣ କୁମାର ଚାଟାର୍ଜୀ। ଉକ୍ତ ବିକ୍ରୟ ଦଲିଲକୁ ଏକ ଜେନେରାଲ ପାୱାର ଅଫ ଅଟର୍ଣ୍ଣି ମାଧ୍ୟମ ରେ ବିକ୍ରି କରିଥିବା ଏବଂ ପାୱାର ଅଫ ଆଟର୍ଣ୍ଣି ୧୯୮୮ ମସିହାରେ ହୋଇଥିବା ଜଣା ପଡ଼ିଛି। ମାତ୍ର ପ୍ରଶ୍ନ ଉଠେ ଯେ ଜମିଦାରୀ ପ୍ରଥା ଉଚ୍ଛେଦ ପରେ ତାଙ୍କ ଅଣ ନାତୀଙ୍କ ପାଖକୁ ବିକ୍ରି ପାଇଁ ଅଧିକାର ଆସିଲା କୁଆଡୁ ? ଯଦି ସେ ଜୀବିତ ଅଛନ୍ତି ତେବେ ବିକ୍ରି ସମୟରେ ଅନୁପସ୍ଥିତ କାହିଁକି ଥିଲେ ? ୮୦ ବର୍ଷ ଧରି ସେ ଖଜଣା କାହିଁକି ଦେଉ ନ ଥିଲେ ? ପ୍ଲଟ ରେ ନିର୍ମାଣ ଥିବା ଦଲିଲକୁ ଲୁଚାଇ ପାୱାର ଅଫ ଆଟର୍ଣ୍ଣି ଯଦି ତାଙ୍କ ପାଖରେ ଥିଲା, ସୁରେନ୍ଦ୍ର ନାରାୟଣ ରାୟଙ୍କ ଦସ୍ତଖତ କାହିଁକି ହେଲା ? କଲିକତାରେ ରହି ଏକ ଏଫିଡେଭିଟ କରି ରେଜେଷ୍ଟ୍ରି କେମିତି ଅଜ୍ଞାତ ସ୍ଥାନରେ କଲେ ? ବିକ୍ରେତାଙ୍କ ଦସ୍ତଖତକୁ କଲିକତାରେ ବାଲିଆପାଳର ସବ ରେଜିଷ୍ଟ୍ରାର କିପରି ଯାଞ୍ଚ କଲେ ? ଏପରି ଅନେକ ପ୍ରଶ୍ନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସୌଭାଗିନୀ ମିଶ୍ର ପାଇଲେ 'ସୁକନ୍ୟା ସାରସ୍ୱତ ସମ୍ମାନ'



ବାଲେଶ୍ୱର, ୧୪।୫(ସମିସ): କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର ସଦସ୍ୟ ପୁରୀ ନାଗବସ୍ତ ନୋଡ଼ାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ତଥା ସାହିତ୍ୟ ପତ୍ରିକା ସ୍ୱପ୍ନଦୀପର ସମ୍ପାଦିକା ସୌଭାଗିନୀ ମିଶ୍ରକୁ 'ସୁକନ୍ୟା ସାରସ୍ୱତ ସମ୍ମାନ' ପ୍ରଦାନ କରାଗଲା। ଦୀନକୃଷ୍ଣ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ବ୍ରଜେନ୍ଦ୍ର ନାଥ ଗିରି ଏହି ସମ୍ମାନ ପ୍ରଦାନ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଶ୍ରୀମତୀ ମିଶ୍ର ବିଶିଷ୍ଟ ସାହିତ୍ୟିକ ଡଃ କାଳିକିଙ୍କରଙ୍କ ସହଧର୍ମିଣୀ। ଶ୍ରୀମତୀ ମିଶ୍ରଙ୍କୁ ଏହି ସାରସ୍ୱତ ସମ୍ମାନ ତାଙ୍କର ଶାଶୁଘର ଗାଁ ବାଲେଶ୍ୱରରେ ପ୍ରଦାନ କରାଯାଇଥିବାରୁ ସେ ଅତ୍ୟନ୍ତ ଗର୍ବିତ ଓ ଆନନ୍ଦିତ ବୋଲି କହିଥିଲେ। ସୌଭାଗିନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଗୋଟିଏ ଅଙ୍ଗଦାନ ନିଷ୍ପତ୍ତି ସର୍ବାଧିକ ଆଠଟି ଜୀବନ ବଞ୍ଚାଇ ପାରେ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ଅନେକ ଜୀବନର ସାହାରା ହୋଇପାରେ।

-ବାରାକ୍ ଓବାମା

## ଆଗକୁ ଅସମ୍ଭାଳ

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରତ୍ୟକ୍ଷ ପ୍ରଭାବ ଏବେ ଭାରତର ପ୍ରାୟ ସବୁଦେଶରେ ଅନୁଭୂତ ହେଲାଣି। ଲାଗୁଛି ସତେଯେମିତି ଭାରତରେ ଯୁଦ୍ଧଜନିତ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ଇନ୍ଧନ ବଜାରରେ ହାହାକାର ଅବସ୍ଥା। ଅନେକ ପେଟ୍ରୋଲ୍ ପମ୍ପ ବନ୍ଦ ହୋଇସାରିଥିବା ବେଳେ ଆଉ କେତେକରେ କଳାବଜାରୀ ହେଉଥିବା ଅଭିଯୋଗ ହେଉଛି। ସାମ୍ପ୍ରତିକ ପରିସ୍ଥିତିରେ ମୋଟରଯାନ ଜନଜୀବନର ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇସାରିଥିବାରୁ ପେଟ୍ରୋଲ୍ ଡିଜେଲ୍ ବିନା ଜୀବନଯାତ୍ରା ଅଚଳ ହେବାକୁ ଯାଉଛି। ଏହାପୂର୍ବରୁ ଏଲ୍‌ପିଜି ଗ୍ୟାସ୍ ଯୋଗାଣ ହ୍ରାସ ଯୋଗୁଁ ଯେଉଁଳି ଖାଦ୍ୟ ସାମଗ୍ରୀ ମୂଲ୍ୟ ଅହେତୁକ ଭାବେ ବଢ଼ିଯାଇଥିଲା ସମାନ ସ୍ଥିତି ଏବେ ପେଟ୍ରୋଲ୍ ଡିଜେଲ୍ ସଙ୍କଟରୁ ଜନ୍ମ ନେଇଛି। କେତେକ ପେଟ୍ରୋଲ୍ ପମ୍ପ ମାଲିକଙ୍କ କହିବା ଅନୁଯାୟୀ ଖୁବ୍‌ଶୀଘ୍ର ପେଟ୍ରୋଲ୍ ଡିଜେଲ୍ ଦର ଲିଟର ପିଛା ଅନ୍ୟୁନ ୧୫ ରୁ ୨୦ ଟଙ୍କା ବଢ଼ିବା ଏକପ୍ରକାର ନିଶ୍ଚିତ। ତେଣୁ ଏହାର ପ୍ରଭାବ ପରିବହନ ଖର୍ଚ୍ଚକୁ ମହଙ୍ଗା କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମକୁ ଆହୁରି ଉପରମୁହାଁ କରିବ। ପେଟ୍ରୋଲ୍/ଡିଜେଲ୍ ଅଭାବ ଆଳରେ ଇତିମଧ୍ୟରେ ଆମ ରାଜ୍ୟ ରାଜଧାନୀରେ ଅନ୍‌ଲାଇନ୍ କ୍ୟାବ୍ ବା ଟାକ୍ସି ଚାଳକମାନେ ଧାର୍ଯ୍ୟ ବଢ଼ା ବାଦ୍ ମାତ୍ରାଧିକ ଦେୟ ଦାବି କଲେଣି। ଯାହା ମନକୁ ଯେତେ ଆସିଲା ସେତେ ଅଧିକ ଚଢ଼ା ଦର କହୁଛନ୍ତି। ପେଟ୍ରୋଲ୍/ଡିଜେଲ୍ ବିନା ହନ୍ତସନ୍ତ ହେଉଥିବା ଗ୍ରାହକମାନେ ଏଭଳି ଚଢ଼ା ଦର ଦେବାକୁ ଏକପ୍ରକାର ବିବଶ ହେଉଥିବା ଦେଖାଯାଉଛି। ଅଭିଯୋଗ କରିବାର ମଧ୍ୟ କୌଣସି ସାଧନ ନାହିଁ।

ମୂଳ କଥା ହେଉଛି ବେଳ ହୁଁ ଯଦି କେନ୍ଦ୍ର ସରକାର ଏ ଦିଗରେ ଚେତି ଥା'ନ୍ତେ ତେବେ ଆଜି ଏପ୍ରକାର ଯୁଦ୍ଧ ଭଳି ସ୍ଥିତି ଓ ହାହାକାର ସୃଷ୍ଟି ହୋଇ ନଥା'ନ୍ତା। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ବେଳେ ସଂସଦର ଅଧିବେଶନ ଚାଲିଥିବାରୁ ସବୁକିଛି ଠିକ୍‌ଠାକ୍ ଅଛି ଏବଂ ଯେକୌଣସି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଭାରତ ପ୍ରସ୍ତୁତ ବୋଲି କେନ୍ଦ୍ର ସରକାର ସଫେଇ ଦେଇଥିଲେ। କିନ୍ତୁ ସେତେବେଳୁ ହିଁ ସ୍ଥିତି ବିଗିଡ଼ିବା ଆରମ୍ଭ କରିଥିଲା, ଯାହା ଆଜିର ସଙ୍କଟକୁ ଜନ୍ମ ଦେଇଛି ଏବଂ ଆଗାମୀ ଦିନରେ ଆହୁରି ଉତ୍କଟ ହେବାକୁ ଯାଉଛି। କେନ୍ଦ୍ର ସରକାର ଭାବିଥିଲେ ତାଙ୍କ ହିସାବରେ ବିଶ୍ୱ ଚିତ୍ରପଟ୍ଟ ଅଙ୍କାଯିବ। ଦେଶର ଓ ଦେଶବାସୀଙ୍କର ଅର୍ଥନୀତି ତୁଳନାରେ କ୍ଷମତା ଦଖଲ ସରକାରଙ୍କ ପାଇଁ ପ୍ରଧାନ ହୋଇଗଲା। ତେଣୁ ପାଞ୍ଚରାଜ୍ୟର ବିଧାନ ସଭା ନିର୍ବାଚନରେ କିଭଳି ଜିତାପଟ ହାସଲ କରାଯାଇପାରିବ ତାହାକୁ ଅଗ୍ରାଧିକାର ଦେଇ ଦେଶର ସାମଗ୍ରିକ ସମ୍ଭାବ୍ୟ ସଙ୍କଟ ସମାଧାନକୁ କେନ୍ଦ୍ର ସରକାର ଗୌଣ କରିଦେଲେ। ଏକ ଅଦୂରଦର୍ଶୀ ସରକାରୀ ନିଷ୍ପତ୍ତିର ପରିଣାମ ଏବେ ଦେଶର ଜନତା ଭୋଗୁଛନ୍ତି।

ପୂର୍ବରୁ ମଧ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧ ବେଳେ ବିଶ୍ୱବ୍ୟାପୀ ତୈଳ ସଙ୍କଟ ସୃଷ୍ଟି ହୋଇଥିଲା। କିନ୍ତୁ ତତ୍କାଳୀନ କେନ୍ଦ୍ର ସରକାରମାନଙ୍କ ଦୂରଦର୍ଶିତା ଓ ସଫଳ କୂଟନୀତି ଯୋଗୁଁ ଭାରତବାସୀଙ୍କ ଉପରେ ତୈଳସଙ୍କଟର ପ୍ରଭାବ ପଡ଼ି ନଥିଲା। ଅଧୁନା ଯଦି ଭାରତ ଆମେରିକା ପାଖରେ ବଶମ୍ବଦ ନ ହୋଇ ରୁଷରୁ ତୈଳ ଆମଦାନୀ ଜାରି ରଖିଥା'ନ୍ତା ତେବେ ମଧ୍ୟ ଭାରତରେ ଏଭଳି ଇନ୍ଧନ ସଙ୍କଟକୁ ବହୁ ପରିମାଣରେ ଟାଳି ଦିଆଯାଇପାରି ଥା'ନ୍ତା। କିନ୍ତୁ ଭାରତ ରୁଷରୁ ତୈଳ କିଣିବ କି ନାହିଁ ତାହା ଏବେ ଆମେରିକାର ଦୟା ଓ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଏବଂ ସର୍ବାଧିକ ଜନସଂଖ୍ୟା ଆଧାରିତ ବୃହତ୍ ବଜାର ବିଶିଷ୍ଟ ଉପମହାଦେଶ ଭାରତ ପାଇଁ ଏହାଠାରୁ ବଡ଼ ବିବଶତା ଓ ବିଡ଼ମ୍ବନା ଆଉ କ'ଣ ହୋଇପାରେ? ଏବେ ପ୍ରଶ୍ନ ଉଠୁଛି ଏହି ବିବଶତା କ'ଣ ପାଇଁ? ଏହାପଛରେ ଏପିଷ୍ଟିନ୍ ଫାଇଲ୍‌ର ବ୍ଲାକ୍‌ମେଲିଂ ଧମକ ନାହିଁ ତ? କତିପୟ ପ୍ରତିପତ୍ତି ଓ ଧନାଢ଼୍ୟଙ୍କ ସ୍ୱାର୍ଥରକ୍ଷା ପାଇଁ ଭାରତର କୋଟି କୋଟି ଗରିବ କାହିଁକି ମୂଲ୍ୟ ଦେବେ?

ତୈଳ ସଙ୍କଟ ଉତ୍କଟ ହେବା ପରେ ପ୍ରଧାନମନ୍ତ୍ରୀ ଓ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ସେମାନଙ୍କ କାରକେଡ୍‌ରେ ଗାଡ଼ି ସଂଖ୍ୟା ହ୍ରାସ କରିଥିବା ଗଣମାଧ୍ୟମରେ ପ୍ରଚାର ପ୍ରସାର ହେଉଛି। ଏବେ ସାଧାରଣରେ ପ୍ରଶ୍ନ ଉଠୁଛି ଯଦି ଏବେ ଏହା ସମ୍ଭବ ଆଗରୁ କାହିଁକି ଗରିବ ଜନତାଙ୍କ ଟିକସ ପଇସାରେ ସମୃଦ୍ଧ ରାଜକୋଷର ଅପଚୟରେ ଏତେ ଥାଟ୍ଟର ଆବଶ୍ୟକ ପଡୁଥିଲା? ପୁଣି ଯଦି ଏବେ କମ୍‌ସଂଖ୍ୟକ ଗାଡ଼ିରେ କାରକେଡ୍ ସମ୍ଭବ ତେବେ ଆଗକୁ ତାହା ବଳବତ୍ତର ରହିବ ତ? ପୁଣି ବିଦେଶଗସ୍ତକୁ ବାତିଲ୍ କରିବା ପାଇଁ ସରକାର ଆହ୍ୱାନ ଦେଇଥିବା ବେଳେ ସରକାରୀ ମୁଖ୍ୟମାନଙ୍କର ବ୍ୟୟବହୁଳ ଗସ୍ତକୁ କାଣ୍ଟଛାଣ୍ଟ କରାଯିବ ନାହିଁ କାହିଁକି? ଏହି ନୈତିକତା ବିଜଡ଼ିତ ପ୍ରସଙ୍ଗ ହୁଏତ ମଧ୍ୟପ୍ରାଚ୍ୟ ସଙ୍କଟ ଟଳିବା ସହିତ ମିଳେଇଯିବ।

ସମସ୍ୟା କେବଳଏତିକିରେ ସରୁନି। ଯଦି ହର୍ମୁଜ୍ ପ୍ରଣାଳୀରେ ସମୁଦ୍ର ତଳେ ବିଛାଯାଇଥିବା କେବୁଲ୍‌କୁ କାଟିଦେବ ବୋଲି ଦେଇଥିବା ଧମକକୁ ଇରାନ୍ କାର୍ଯ୍ୟକାରୀ କରେ ତେବେ ଭାରତରେ ସାମଗ୍ରିକ ଆର୍ଥିକ ଓ ସାମାଜିକ ବ୍ୟବସ୍ଥା ସ୍ଥାଣୁ ହୋଇପଡ଼ିବ। ଡିଜିଟାଲ୍ ଇଣ୍ଡିଆର ନାରାରେ ସମୃଦ୍ଧ ଭାରତ ଆଜି ପର୍ଯ୍ୟନ୍ତ ନିଜସ୍ୱ ଅପରେଟିଂ ସିଷ୍ଟମ୍ ଟିଏ ବିକଶିତ କରିବା ଦିଗରେ ଉଦ୍ୟମ କରିନାହିଁ। ଅପରପକ୍ଷରେ ଇରାନ୍ ଭଳି ଦେଶ ନିଜର ଅପରେଟିଂ ସିଷ୍ଟମ୍‌ରେ ଆତ୍ମନିର୍ଭରଶୀଳ। ତେଣୁ ଆଗକୁ ସ୍ଥିତି କିଭଳି ଭୟଙ୍କର ହେବାକୁ ଯାଉଛି ତାହା ଅନ୍ୱେବହୁତ ଅନୁମେୟ। ଇତିମଧ୍ୟରେ କାଗଜ, କାଳି ଓ ପ୍ଲେଟ୍‌ର ଆମଦାନୀ ଓ ପରିବହନ ଖର୍ଚ୍ଚ ବଢ଼ିବା ସହିତ ଖବରକାଗଜ ମୁଦ୍ରଣ ଖର୍ଚ୍ଚ ମଧ୍ୟ ଅନିୟନ୍ତ୍ରିତ ଭାବେ ବଢ଼ିଚାଲିଛି। ଖବରକାଗଜ ଦାମ ବୃଦ୍ଧି ହେଲେ ଗ୍ରାହକଙ୍କ ଦ୍ୱାରା ଅଗ୍ରାହ୍ୟ ହେବ। ଏଣୁ ଆଗାମୀ ଦିନରେ ମୁଦ୍ରଣ ଶିଳ୍ପ ଗୁରୁତର ପରିଚାଳନା ଓ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ଆଶଙ୍କା କରାଯାଉଛି।

ଆମ ଓଡ଼ିଆରେ ଦୁଇଟି ପ୍ରବାଦ ଅଛି। ପ୍ରଥମଟି ହେଉଛି 'ବୁଝି ବିଚାରି କାମ କଲେ ପ୍ରମାଦ ନ ପଡ଼ଇ ଭଲେ'। ଦ୍ୱିତୀୟଟି ହେଉଛି 'ଆପେ ବଞ୍ଚିଲେ ବାପାର ନାଁ।' ଏହି ଦୁଇଟି ଯାକ ପ୍ରବାଦ ଭାରତର ଶାସନ ଓ କ୍ଷମତା କେନ୍ଦ୍ର ପ୍ରତି ପ୍ରଯୁଜ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ମୂଳ ପ୍ରଶ୍ନ ଅସମାହିତ ହୋଇରହିଛି - ଆଗକୁ ଯେଉଁ ଅସମ୍ଭାଳ ସ୍ଥିତି ସୃଷ୍ଟି ହେବାକୁ ଯାଉଛି ତାହାର ମୁକାବିଲା କରିବ କିଏ ଓ କେମିତି? ବୋଧହୁଏ ଭାରତବାସୀଙ୍କ ପାଇଁ ଭାଗ୍ୟ ଓ ଭଗବାନ ହିଁ ଭରସା। ●

## ମୋ ସ୍ୱପ୍ନର ଓଡ଼ିଶା

# ଆମ ସ୍ୱପ୍ନର ସୁବର୍ଣ୍ଣ ଦିଗନ୍ତ, ସଂସ୍କୃତି ଓ ସମୃଦ୍ଧିର ନବ ଅଭିଯାନ

ପ୍ରଶାନ୍ତ ନନ୍ଦ

*ପୂର୍ବପ୍ରକାଶିତ ଉତ୍ତାରୁ...*

**ଓଡ଼ିଆ ଚଳଚ୍ଚିତ୍ରର ବିକାଶ:**

ଭାରତୀୟ ଚଳଚ୍ଚିତ୍ର ଜଗତରେ ବର୍ତ୍ତମାନ ଏକ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଦଶନ୍ଧି ଦଶନ୍ଧି ଧରି ବଲିଉଡ୍ ବା ହିନ୍ଦୀ ସିନେମାର ଯେଉଁ ଏକଚାଟିଆ ପ୍ରଭାବ ଥିଲା, ତାହାକୁ ଏବେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର (ତେଲୁଗୁ, ତାମିଲ୍, କନ୍ନଡ଼ ଓ ମାଲାୟାଲମ୍) ନିଜର ଭବ୍ୟତା ଓ ମୌଳିକ କାହାଣୀ ବଳରେ କଡ଼ା ଟକ୍କର ଦେଉଛନ୍ତି। ଏଭଳି ଏକ ସମୟରେ, ୧୯୩୬ ମସିହାରେ 'ସୀତା ବିବାହ' ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିବା ଆମ ଗୌରବମୟ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ବା 'ଓଲିଉଡ୍' ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଆସି ପହଞ୍ଚିଛି। ନିଜର ସୀମିତ ବଜେଟ୍ ଏବଂ ଭିତ୍ତିଭୂମିର ସୀମାକୁ ଅତିକ୍ରମ କରି ଓଡ଼ିଆ ସିନେମା କିପରି ପ୍ରଯୋଜନା ଓ ପ୍ରଦର୍ଶନ(ପ୍ରଡକ୍‌ସନ୍ ଆଣ୍ଡ ଏକ୍‌ଜିବିସନ୍) କ୍ଷେତ୍ରରେ ବଲିଉଡ୍ ଓ ଦକ୍ଷିଣ ଭାରତୀୟ ସିନେମା ସହ ସମକକ୍ଷ ହେବାକୁ ଚେଷ୍ଟା କରୁଛି, ତାହା ବାସ୍ତବରେ ଚର୍ଚ୍ଚାର ବିଷୟ।

**ପ୍ରଯୋଜନାରେ ନବଯୁଗ: ବୃହତ କ୍ୟାନଭାସର ପରିକଳ୍ପନା:**

ଦକ୍ଷିଣ ଭାରତର 'ବାହୁବଳୀ', 'କେଜିଏଫ୍' କିମ୍ବା ଆରଆରଆର ଭଳି ଚଳଚ୍ଚିତ୍ର ପ୍ରମାଣ କରିଦେଇଛନ୍ତି ଯେ ସ୍ଥାନୀୟ ମାଟିର କାହାଣୀକୁ ଯଦି ବିଶ୍ୱସ୍ତରୀୟ ବୈଷୟିକ ଜ୍ଞାନକୌଶଳ ସହ ପ୍ରସ୍ତୁତ କରାଯାଏ, ତେବେ ତାହା ବିଶ୍ୱଦରବାରରେ ଆଦୃତ ହୋଇପାରିବ। ଓଡ଼ିଆ ସିନେମା ମଧ୍ୟ ଏବେ ସେହି ରାସ୍ତାରେ ଚାଲିବା ଆରମ୍ଭ କରିଛି।

- **କପି କାହାଣୀରୁ ମୌଳିକତା ଆଡ଼କୁ:** ବିଗତ ବର୍ଷଗୁଡ଼ିକରେ ଓଲିଉଡ୍ ଅନ୍ୟ ଆଞ୍ଚଳିକ ଫିଲ୍ମର କପି ବା ରିମେକ୍ କରି ନିଜର ସ୍ୱତନ୍ତ୍ରତା ହରାଇ ବସିଥିଲା। କିନ୍ତୁ ବର୍ତ୍ତମାନର ନିର୍ଦ୍ଦେଶକ ଓ




ପ୍ରଯୋଜକମାନେ ଓଡ଼ିଶାର ମାଟି, ସଂସ୍କୃତି ଓ ବାସ୍ତବ ଘଟଣାକୁ ନେଇ ସିନେମା ତିଆରି କରୁଛନ୍ତି। 'ଦମନ' ଓ 'ପ୍ରତୀକ୍ଷା' ଭଳି ଚଳଚ୍ଚିତ୍ର ଏହାର ଜ୍ୱଳନ୍ତ ଉଦାହରଣ, ଯାହା ସୀମିତ ବଜେଟ୍ ସତ୍ତ୍ୱେ ଜାତୀୟସ୍ତରରେ ପ୍ରଶଂସା ସାଉଁଟିଛି।

- **ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ:** ବର୍ତ୍ତମାନ ଓଡ଼ିଆ ସିନେମାରେ ହାଇଡେଫିନିସନ୍ କ୍ୟାମେରା, ସିଙ୍କ୍-ସାଉଣ୍ଡ ଓ ଉନ୍ନତ ଭିଜୁଆଲ୍ ଇଫେକ୍ଟ୍‌ସ୍ (ଭିଏଫ୍‌ଏକ୍ସ) ର ବ୍ୟବହାର ବଢ଼ିବାରେ ଲାଗିଛି। ଫଳରେ ଓଡ଼ିଆ ସିନେମାର ଦୃଶ୍ୟ ଓ ଶବ୍ଦର ଗୁଣବତ୍ତା ଏବେ ବଲିଉଡ୍ ସହ ସମାନ ହେବାକୁ ବେଶୀ ସମୟ ଲାଗିବ ନାହିଁ।
- **କଳିଙ୍ଗ ଷ୍ଟୁଡିଓର ପୁନରୁଦ୍ଧାର:** ରାଜ୍ୟ ସରକାରଙ୍କ ଦ୍ୱାରା ଐତିହାସିକ କଳିଙ୍ଗ ଷ୍ଟୁଡିଓର ବିଶ୍ୱସ୍ତରୀୟ ଆଧୁନିକୀକରଣ ଓଲିଓଡ୍ ପାଇଁ ଏକ ବରଦାନ ସଦୃଶ। ଏଠାରେ ଅତ୍ୟାଧୁନିକ ସୁଟିଂ ଓ ପୋଷ୍ଟ ପ୍ରଡକ୍ସନ୍ ବ୍ୟବସ୍ଥା ଉପଲବ୍ଧ ହେବା ଏକାନ୍ତ ଆବଶ୍ୟକ।

**ପ୍ରଦର୍ଶନ କ୍ଷେତ୍ରରେ ପରିବର୍ତ୍ତନ: ସିନେମା ହଲର ସଙ୍କଟ ଓ ସମାଧାନ:**

ସୁନ୍ଦର ସିନେମାଟିଏ ତିଆରି କଲେ ହେବ ନାହିଁ, ତାହାକୁ ଦର୍ଶକଙ୍କ ପାଖରେ ପହଞ୍ଚାଇବା ପାଇଁ ଉପଯୁକ୍ତ ପ୍ରଦର୍ଶନ ବ୍ୟବସ୍ଥା ବା ସିନେମା ହଲର ଆବଶ୍ୟକତା ରହିଛି। ଓଡ଼ିଶାରେ ସିଙ୍ଗଲ୍ ସ୍କ୍ରିନ୍ ହଲ୍‌ଗୁଡ଼ିକ ବନ୍ଦ ହେଇଯିବା ଫଳରେ ଓଡ଼ିଆ ସିନେମା ବହୁତ କ୍ଷତି ସହିଥିଲା। କିନ୍ତୁ ବର୍ତ୍ତମାନ ଏହି ଚିତ୍ର ବଦଳିବାକୁ ଯାଉଛି।

- **ମଲ୍ଟିପ୍ଲେକ୍ସର ସମ୍ପ୍ରସାରଣ:** ପିଭିଆର, ଆଇନକ୍ସ୍ ଓ ସିନେପୋଲିସ୍ ଭଳି ବଡ଼ ବଡ଼ ଜାତୀୟ ବ୍ରାଣ୍ଡଗୁଡ଼ିକ ଏବେ ଭୁବନେଶ୍ୱର, କଟକ ସମେତ ରାଉରକେଲା ଓ ସମ୍ବଲପୁର ଭଳି ସହରରେ ନିଜର ଶାଖା ବିସ୍ତାର କରିଛନ୍ତି। ଏହାଦ୍ୱାରା ଓଡ଼ିଆ ସିନେମାଗୁଡ଼ିକୁ ମଧ୍ୟ ସେହି ସମାନ ପ୍ରକାରର ଉଚ୍ଚମାନର ପରଦା ଓ ସାଉଣ୍ଡ ସିଷ୍ଟମ୍‌ରେ ଦେଖିବାକୁ ସୁଯୋଗ ମିଳୁଛି, ଯାହା ଦର୍ଶକଙ୍କୁ ହଲ୍‌ମୁହାଁ କରୁଛି।
- **ଛୋଟ ସହରରେ ସିନେମା ହଲର ଆବଶ୍ୟକତା:** ବଲିଉଡ୍ କିମ୍ବା ସାଉଥ୍ ଫିଲ୍ମ ଭଳି ବ୍ୟାପକ ବ୍ୟବସାୟ କରିବାକୁ ହେଲେ ଓଡ଼ିଶାର ଗ୍ରାମାଞ୍ଚଳ ଓ ଛୋଟ ସହରରେ ସିନେମା ହଲ୍‌ର ପୁନରୁଦ୍ଧାର ଜରୁରୀ। ସରକାର ଓ ବେସରକାରୀ ସଂସ୍ଥା ମିଳିତ ଭାବେ କମ୍ ଖର୍ଚ୍ଚରେ 'ମିନିପ୍ଲେକ୍ସ୍' ଖୋଲିବା ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି।
- **ସର୍ବଭାରତୀୟ ସ୍ତରରେ ରିଲିଜ୍:** ସାଉଥ୍ ଫିଲ୍ମର ରଣନୀତିକୁ ଆପଣାଇ ଏବେ ଅନେକ ଓଡ଼ିଆ ଚଳଚ୍ଚିତ୍ର ଓଡ଼ିଶା ବାହାରେ ଥିବା ପ୍ରମୁଖ ସହର ଯେପରିକି ବାଙ୍ଗାଲୋର, ହାଇଦ୍ରାବାଦ୍, ଦିଲ୍ଲୀ ଓ ମୁମ୍ବାଇରେ ରିଲିଜ୍ କରାଯାଉଛି। ଏହା ପ୍ରବାସୀ ଓଡ଼ିଆଙ୍କୁ ନିଜ ମାଟିର ଚଳଚ୍ଚିତ୍ର ସହ ଯୋଡ଼ିବା ସହ ଫିଲ୍ମର ଆୟକୁ ବୃଦ୍ଧି କରିବ, ଯାହା ଏକାନ୍ତ ଜରୁରୀ।

**ଓଟିଟିର ଭୂମିକା: ଏକ ନୂତନ ଦିଗନ୍ତ**

ସାମ୍ପ୍ରତିକ ସମୟରେ ଡିଜିଟାଲ୍ ପ୍ଲାଟ୍‌ଫର୍ମ ବା ଓଟିଟି ସିନେମାର ବ୍ୟାପ୍ତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ବଲିଉଡ୍ ଓ ସାଉଥ୍ ଫିଲ୍ମ ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ ବିଶ୍ୱବ୍ୟାପୀ ଦର୍ଶକ ପାଇଛନ୍ତି। ବିଭିନ୍ନ ସ୍ଥାନୀୟ ଓ ଜାତୀୟ ଓଟିଟି ପ୍ଲାଟ୍‌ଫର୍ମ ମାଧ୍ୟମରେ ଓଡ଼ିଆ ସିନେମା ବିନା କୌଣସି ହଲ୍ ସଙ୍କଟରେ ବିଶ୍ୱର ଯେକୌଣସି କୋଣରେ ଥିବା ଦର୍ଶକଙ୍କ ପାଖରେ ପହଞ୍ଚିପାରେ। ଏହା ପ୍ରଯୋଜକମାନଙ୍କୁ ଆର୍ଥିକ ସୁରକ୍ଷା ମଧ୍ୟ ପ୍ରଦାନ କରିବ।

**ସରକାରୀ ସହାୟତା ଓ ଭବିଷ୍ୟତ ଆଶା:**

ଓଲିଉଡ୍‌କୁ ଜାତୀୟସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ମଧ୍ୟ ଜରୁରୀ। ଓଡ଼ିଶା ସରକାରଙ୍କ ନୂତନ ଚଳଚ୍ଚିତ୍ର ନୀତି, ଚଳଚ୍ଚିତ୍ର ନିର୍ମାଣ ପାଇଁ ରିହାତି ପ୍ରଦାନ, ଟିକେଟ୍ ମୂଲ୍ୟ କମ୍ ରଖିବା ପାଇଁ ଉଦ୍ୟମ ଏବଂ ନିୟମିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଆଦି ବ୍ୟବସ୍ଥା ଓଡ଼ିଆ ସିନେମାର ମେରୁଦଣ୍ଡକୁ ସୁଦୃଢ଼ କରିବ ବୋଲି ଆଶା। ଏଣିକି ଓଡ଼ିଆ ସିନେମା ଆଉ କେବଳ ଏକ ଆଞ୍ଚଳିକ ଗଣ୍ଡି ଭିତରେ ସୀମିତ ହୋଇରହିବାକୁ ଚାହେଁ ନାହିଁ। ପ୍ରଯୋଜନା କ୍ଷେତ୍ରରେ ମୌଳିକ କାହାଣୀ ଓ ଅତ୍ୟାଧୁନିକ ଜ୍ଞାନକୌଶଳର ମିଶ୍ରଣ ଏବଂ ପ୍ରଦର୍ଶନ କ୍ଷେତ୍ରରେ ଡିଜିଟାଲ୍ ଓ ମଲ୍ଟିପ୍ଲେକ୍ସର ସଠିକ୍ ଉପଯୋଗ ଓଲିଉଡ୍‌କୁ ଏକ ନୂଆ ପରିଚୟ ଦେଇପାରେ। ଯଦି ଏହି ଧାରା ଜାରି ରହେ, ତେବେ ସେହି ଦିନ ଆଉ ବେଶି ଦୂର ନୁହେଁ ଯେତେବେଳେ ଗୋଟିଏ ଓଡ଼ିଆ ଚଳଚ୍ଚିତ୍ର ମଧ୍ୟ ବଲିଉଡ୍ କିମ୍ବା ଦକ୍ଷିଣ ଭାରତୀୟ ସିନେମା ଭଳି ସମଗ୍ର ଦେଶର ବକ୍ସ୍ ଅଫିସ୍‌ରେ ନିଜର ସ୍ଥାନ ନିରୂପଣ କରିବ।(ସମାପ୍ତ) ●

ବନ୍ଦେ ଉତ୍କଳ ଜନନୀ!

(ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ, ରାଜନୀତିଜ୍ଞ ତଥା ସ୍ତମ୍ଭକାର)

# ଆମ ସମାଜରେ ନାରୀର ସ୍ଥିତି ଓ ସମ୍ମାନ

ଜଗନ୍ନାଥ ବେହେରା

ନାରୀଟିଏ ସବୁଠି ହଇରାଣ ହେବାକୁ ପଡ଼େ। ଜନ୍ମରୁ ବାପା ଘରେ କଟକଣା। ବିବାହ ପରେ ମଧ୍ୟ ସେହି କଟକଣା। ବିବାହ ପୂର୍ବରୁ ବାପା ନାମରେ ବିବାହ ପରେ ସ୍ୱାମୀ ନାମରେ ନାମକରଣ। ଏଠି ସେଠି ସବୁଠି ସ୍ୱାଧୀନ ଉପରେ ଅଙ୍କୁଶ। ବାସ୍ତବରେ ନାରୀଙ୍କୁ ଏ ତଥାକଥିତ ଭଦ୍ର ସମାଜ ଅତୀତରୁ ଘରଜଗୁଆ କରି ରଖି ଦେଇଛି। ସତୀ ଦାହ ପ୍ରଥା ନାମରେ ଏକ କଳଙ୍କିତ ପ୍ରଥା ପରମ୍ପରା ଓ ସଂସ୍କାର ଦ୍ୱାରା ନାରୀଙ୍କୁ ଜଳନ୍ତା ନିଆଁରେ ଦାହ କରିବାକୁ ବାଧ୍ୟ କରୁଥିଲା ଆମ ସମାଜର ଭଦ୍ରମୁଖା ପଣ୍ଡିତସମାଜ। ପୁରୁଷକୁ ଦ୍ୱିତୀୟ ବିବାହ ପ୍ରଥାକୁ ସୀକୃତି ଦେଇଥିବା ବେଳେ ନାରୀ ପାଇଁ ମନା। ଗର୍ଭବତୀ ନାରୀକୁ ନଦୀ ଡେଇଁବା ମନା କହି ଘରର ଚାରିକାନ୍ଥ ମଧ୍ୟରେ ବନ୍ଦୀ କରି ଦେଇଥିଲେ। ଲକ୍ଷ୍ମଣ ତିନି ଗାର ଟାଣି ମାତା ସୀତାଙ୍କୁ ବନ୍ଦୀ କରିବାର ପ୍ରୟାସ ଆଜି ବି ଏ ସମାଜରେ ଚାଲିଛି। ଓଢ଼ଣା ପ୍ରଥା ନାଁ ରେ ଆଜିଯାଏଁ ବିଭିନ୍ନ ଧର୍ମରେ ନାରୀଙ୍କୁ ପ୍ରବଳ ଖରା ସତ୍ତ୍ୱେ କପଡ଼ା ତଳେ ରହିବାକୁ ବାଧ୍ୟ କରାଯାଉଛି।

ପାଞ୍ଚପତି ସଙ୍ଗରେ ବିବାହ କରାଇ ଦ୍ରୌପଦୀଙ୍କ ମନ ଆଉ ଇଚ୍ଛା ଶକ୍ତିକୁ ମନରେ କବର ଦେବାକୁ ବାଧ୍ୟ କଲେ ମହାଭାରତର ମହାପଣ୍ଡିତମାନେ। ନାରୀଙ୍କୁ ଖେଳନା କରି ତାଙ୍କ ବିରୁଦ୍ଧରେ ଶାସ୍ତ୍ର ପୁରାଣ, ଆଇନ ଆଣି ଘର ମଧ୍ୟରେ ରଖିବାର ପ୍ରୟାସ ଆଜି ମଧ୍ୟ ଚାଲିଛି। ନାରୀର ଚାଲିରେ ଦୋଷ ଖୋଜା ଯାଉଛି। ହସିଲେ କୁହାଯାଉଛି ହସୁରି। କଥା କହିଲେ ଗପୁରି ଆଖ୍ୟା ଦିଆଯାଉଛି। ଉପରମୁହାଁ ପଦବାଚ୍ୟରେ ନାମିତ



କରାଯାଉଛି। ନଖରେ ଦୋଷ, ଆଖିରେ ଦୋଷ। ମୁଣ୍ଡ ଚୁଟିରେ ମଧ୍ୟ ଦୋଷ। କୁଞ୍ଚୁକୁଞ୍ଚିଆ ଆଉ ସିଧା ଚୁଟି ମଧ୍ୟରେ ଭାଗ୍ୟ ଭଗବାନଙ୍କୁ ଆଣି ଭବିଷ୍ୟତ ଗଣନା କରିବାରେ ସିଦ୍ଧହସ୍ତ ଏହି ଭଦ୍ରସମାଜର ମଣିଷ। ଆହାର ଓ ନିଦ୍ରାକୁ କମାଇ ଦିଆ ଯାଇଛି। କାରଣ ମୋଟା ହୋଇଯିବ। ଅଳସୁଆ ହୋଇଯିବ। କେବଳ ଦୋଷ, ଦୁର୍ବଳତା ଖୋଜିବାରେ ବ୍ୟସ୍ତ ଏ ପୁରୁଷ ସମାଜ।

ବିଚିତ୍ର ମାନସିକତାରେ ଭରା ଏ ସମାଜ। ଅଶୌଚ ନାମରେ ନିର୍ଯାତନା। ପୂଜାପର୍ବର କବାଟ ବନ୍ଦ କରି ଦିଆଯାଉଛି। ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ଆବଦ୍ଧ କରାଯାଉଛି। ବାକ୍ ସ୍ୱାଧୀନତା ହରଣ କରାଯାଇଛି। ଘରର ଯାବତୀୟ କାର୍ଯ୍ୟ ତାଙ୍କ ଦ୍ୱାରା କରାଯାଉଛି। ଖଳାରେ ଗୋଛାଏ ବଳଦକୁ ବାନ୍ଧି ବେଙ୍ଗଲା କରି ଧାନ ମଚ୍ଛିଲା ପରି ଘରର ଏକ ନୀତିନିୟମ ଖୁଣ୍ଟରେ ବାନ୍ଧି ଚବିଶି ଘଣ୍ଟା ନାରୀଙ୍କ ହାତରେ କାମ କରାଇ ଦେଉଛନ୍ତି। ଘର ଲିପାପୋଛା, ବାସନମଜା, ଲୁଗାସଫା, ପରିବା କଟା, ବିଛଣା ବିଛା, ଅଳନ୍ଧୁ ଝଡ଼ା, ଝାଡୁ ମରା, ରୋଷେଇ, ବଢ଼ାବଢ଼ି, ଗୋଡ଼ ଘଷାଘଷି କାମରେ ନିୟୋଜିତ କରିଛନ୍ତି। ଲୁଣ କମିଲେ ଗାଳି ଅଧିକ ହେଲେ ଗାଳି।

ଏ ସମାଜ ନାରୀକୁ ଯୌତୁକ ନାଁ ରେ ଜୁଇରେ ଶୋଇବାକୁ ବାଧ୍ୟ କରିଛି। କାଳୀ-ଗୋରୀ, ଡେଙ୍ଗୀ-ଗେଡ଼ି ଆଦି ଭେଦରେ ନାରୀକୁ ଉପହାସ କରିଛି। ଶାରୀରିକ ଆଉ ମାନସିକ ସ୍ତରରେ ନିର୍ଯାତନା ଦେଇଛି। ଆବଶ୍ୟକ ସ୍ଥଳେ ତାଙ୍କର ବାପା, ମା', ଭାଇ,ଭଉଣୀ ନାଁରେ ବିଭିନ୍ନ ଖରାପ ଶବ୍ଦ ପ୍ରୟୋଗ କରିଛି। ପ୍ରତ୍ୟେକ କଥାରେ ଆଡ଼ ଆକଟ କରିଛି। ସକାଳୁ ଉଠିବାଠାରୁ ଶୋଇବା ଯାଏଁ ବିଭିନ୍ନ ଆଦେଶ ଉପଦେଶ ଦେଇ ଚାଲିଛି। ବାପାର ଆଦେଶ, ପୁଅର ଦାବି, ଝିଅର ଅଳି ସାଙ୍ଗକୁ ଶାଶୂଶଶୁରଙ୍କ କଟୁ ମନ୍ତବ୍ୟର ଶିକାର ହୋଇଛି ନାରୀ।

ଅପରପକ୍ଷରେ ନାରୀକୁ ଅର୍ଦ୍ଧାଙ୍ଗିନୀ କହିଦେଇ ଏ ପୁରୁଷ ସମାଜ ସବୁ ଦୋଷ ଓ ପାପ ଧୋଇ ଦେଇଛି। ମନୁସ୍ମୃତିରେ କୁହାଯାଇଛି - ସେହି ହିରଣ୍ୟଗର୍ଭ ନିଜ ଦେହକୁ ଦୁଇ ଖଣ୍ଡ କରି ଗୋଟିଏ ନାରୀ ଅନ୍ୟଟି ପୁରୁଷ ରୂପରେ ଗଢ଼ିଲେ। ନାରୀ ପୁରୁଷକୁ ସମାନ ଅଧିକାର ଦେଲେ। ଦେବୀଦେବତାର ସ୍ଥାନ ଦେଲେ। ଆକାଶ ପୃଥିବୀ କରି ରଖିଲେ। କିନ୍ତୁ ଆଜି କେବଳ କଥାରେ କଥାରେ ନାରୀଙ୍କୁ ଲକ୍ଷ୍ମୀ, ସରସ୍ୱତୀ, ଜଗଦମ୍ବା ସମ୍ବୋଧନ କରାଯାଉଛି। ବାସ୍ତବ ଚିତ୍ର ଅଲଗା। ସାହିତ୍ୟିକମାନେ ତ ନାରୀର ଚାଲିକୁ ରାଜହଂସୀ, ବୋଲିକୁ କୋଇଲି, ଆଖିକୁ ମୀନନୟନା, ଚାହାଣୀକୁ ହରିଣୀ, ଶରୀରକୁ ଓଲଟା କଦଳୀ ଗଛ ସହିତ ତୁଳନା କରିଛନ୍ତି। ସାହିତ୍ୟରେ ଏ ସମାଜ କେବଳ ନାରୀର ମାନ ଓ ସମ୍ମାନ ବଢ଼ାଇଛି। ଝିଅକୁ କନ୍ୟାରତ୍ନ ବୋଲି ଆମେ କହୁ। ନାରୀକୁ ଉଚ୍ଚ ଆସନ ଦେଉ। କିନ୍ତୁ କାମ ବେଳେ ସବୁ ପାଣିରେ ଗାର। ନାରୀଙ୍କୁ ଘର ଜଗୁଆ କରି ରଖିଦେଉ।

ସର୍ବୋପରି ସେ ମାଆ। ଏବେ ପୁରୁଷମାନେ ନିଜେ ନିଜକୁ ପ୍ରଶ୍ନ କରନ୍ତୁ - ମୋ ମାଆର ସମ୍ମାନ କ'ଣ ଏହା? ରୋଗରେ ପଡ଼ି ମୋତେ କ୍ଷୀର ପିଆଇଛି। ଗୋଟିଏ ସନ୍ତାନକୁ ଗର୍ଭରେ ଧରି ଅନ୍ୟ ସନ୍ତାନର ଦୈନନ୍ଦିନ କାର୍ଯ୍ୟ କରିଛି। ରାନ୍ଧି ବାଢ଼ି ସମସ୍ତଙ୍କୁ ଖୁଆଇଛି। କେବେ ପ୍ରତିକାର କିମ୍ବା ପ୍ରତିବାଦ କରିନାହିଁ କି ନିଜ ଦୁଃଖ କାହାକୁ କହିନାହିଁ। ସର୍ବଂସହା ଧରଣୀ ପରି ସବୁ ସହି ନେଇଛି। ସମ୍ଭବତଃ ନାରୀ ଓ ପୁରୁଷ ପ୍ରତ୍ୟେକ ସ୍ଥାନରେ ପ୍ରତ୍ୟେକ କାର୍ଯ୍ୟରେ ସମପରିମାଣରେ ଅଂଶଗ୍ରହଣ କଲେ ସମାଜର ପ୍ରଗତି ସମ୍ଭବ। ଆଜି ସେ କେବଳ ମୋ ମାଆ ନୁହଁ, ବରଂ ଆମ ସମସ୍ତଙ୍କର ମାଆ। ●

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

# ଆଫ୍ରିକାରେ ପୂଜନୀୟ ପ୍ରାର୍ଥନା କୀଟ

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

କୀଟପତଙ୍ଗ ଶ୍ରେଣୀ ଅନ୍ତର୍ଗତ ଏମିତି ଏକ ପ୍ରଜାତିର କୀଟ ଅଛି, ଯାହାକୁ 'ପ୍ରାର୍ଥନା କୀଟ' ବା 'ପ୍ରେୟିଙ୍ଗ୍ ମୋଣ୍ଟିସ୍' ବୋଲି କୁହାଯାଏ। କାରଣ ଏହାର ଶାରୀରିକ ଗଠନ ପ୍ରାର୍ଥନା ମୁଦ୍ରା ଭଳି ହୋଇଥାଏ। ଉଭୟ ଭାରତୀୟ ଏବଂ ବିଦେଶୀୟ ସଂସ୍କୃତିରେ ଏହି କୀଟ ପୂଜାସ୍ପଦ। କିନ୍ତୁ ଆଫ୍ରିକାର ଏକ ଜନଜାତି ଏହାକୁ ଦେବତୁଲ୍ୟ ମନେକରି ବିଶେଷ ପୂଜାର୍ଚ୍ଚନା କରିଥା'ନ୍ତି।

ସବୁଜ ରଙ୍ଗ ବିଶିଷ୍ଟ 'ପ୍ରାର୍ଥନା କୀଟ'ର ଆଗ ଦୁଇଟି ଗୋଡ଼ ଯୋଡ଼ହସ୍ତ ମୁଦ୍ରା ଭଳି ରହିଥାଏ। ଜୀବବିଜ୍ଞାନୀଙ୍କ ମତରେ 'ପ୍ରେୟିଙ୍ଗ୍ ମୋଣ୍ଟିସ୍' ଏକ ଦକ୍ଷ ଶିକାରୀ କୀଟ ଏବଂ ସେ ଶିକାରକୁ ଶୀଘ୍ର ଧରିବା ପାଇଁ ତାହାର ଆଗ ଗୋଡ଼ ଦୁଇଟିକୁ ସବୁବେଳେ ପ୍ରସ୍ତୁତ କରି ରଖିଥାଏ। ତେଣୁ ମୁଖ୍ୟତଃ ଏହି କୀଟ ଶସ୍ୟକ୍ଷେତ, ଧାନଗଦା ଓ ଜଙ୍ଗଲିଆ ବୁଦାରେ ଦେଖାଯାଏ। ଶସ୍ୟରେ ଲାଗୁଥିବା ପୋକକୁ ମାରି ଖାଉଥିବାରୁ ଏହି କୀଟ 'ପ୍ରାକୃତିକ କୀଟନାଶକ' ଭାବେ ପରିଚିତ। ଖାଦ୍ୟ ଭଣ୍ଡାରର ସୁରକ୍ଷା କରୁଥିବାରୁ ଭାରତର କେତେକ ଗ୍ରାମୀଣ ଅଞ୍ଚଳରେ ସ୍ଥାନରେ ଏହାକୁ 'ଭଣ୍ଡାରୀ ପୋକ' ମଧ୍ୟ କୁହାଯାଏ।

ପରମ୍ପରା ଓ ସଂସ୍କୃତି ଦୃଷ୍ଟିରୁ ଦକ୍ଷିଣ ଆଫ୍ରିକାର ମୂଳ ନିବାସୀ 'ସାନ୍' ଓ 'ଖୋଇ' ନାମକ ସମ୍ପ୍ରଦାୟ 'ପ୍ରାର୍ଥନା କୀଟ'କୁ ପୂର୍ବଜମାନଙ୍କର ଦୂତ, ଈଶ୍ୱରୀୟ ସ୍ୱରୂପ ଏବଂ ଏକ ପବିତ୍ର ଜୀବସତ୍ତା ଭାବେ ପୂଜାର୍ଚ୍ଚନା କରନ୍ତି। ପ୍ରାର୍ଥନା ମୁଦ୍ରା ଭଳି ଶାରୀରିକ ଗଠନ ଯୋଗୁଁ ଆଫ୍ରିକାର ସ୍ଥାନୀୟ ଭାଷାରେ ଏହାକୁ 'ହୋଟିଟୋଣ୍ଟସ୍‌ଗୋଟ୍' ବୋଲି କୁହାଯାଏ, ଯାହାର ଅର୍ଥ ହେଉଛି 'ବୁଶ୍‌ମେନ୍‌ର ଭଗବାନ' ବା 'ଆଧ୍ୟାତ୍ମିକ ମାର୍ଗଦର୍ଶକ'। କାରଣ ସାନ୍ ବା ବୁଶ୍‌ମେନ୍ ସମୁଦାୟ ଏହି କୀଟକୁ ସର୍ବୋଚ୍ଚ ଈଶ୍ୱର 'କାଗେନ୍'ର ସାକ୍ଷାତ ସ୍ୱରୂପ ବୋଲି ମାନ୍ୟତା ଦେଇଥା'ନ୍ତି। ଏହି କୀଟ ପୃଥିବୀକୁ ଶବ୍ଦ ଓ ଅଗ୍ନି ନେଇ ଆସିଛି ବୋଲି ସେମାନଙ୍କର ବିଶ୍ୱାସ ରହିଛି। ତେଣୁ ଏହି କୀଟକୁ ଦେଖିବା ମାତ୍ରେ ସମସ୍ତେ ଆଣ୍ଠୁମାଡ଼ି ବସି ଭକ୍ତି ସହକାରେ ପ୍ରଣାମ କରିବା ସହିତ ସ୍ଥାନୀୟ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରିଥା'ନ୍ତି। ଆଉ କେତେକ ସ୍ଥଳରେ ପାରମ୍ପରିକ ବାଦ୍ୟ ସହିତ ନାଚଗୀତର ଆୟୋଜନ ମଧ୍ୟ ହୋଇଥାଏ। ଯଦି ଏହି କୀଟ କାହାର ଶରୀର ଉପରେ ବସେ, ତେବେ ତାଙ୍କୁ ସାକ୍ଷାତ ଈଶ୍ୱରଙ୍କ ଆଶୀର୍ବାଦ ମିଳିଲା ବୋଲି କୁହାଯାଏ। ଆଉ କେତେକ ଜନସମୁଦାୟଙ୍କ ମତରେ ଏହି କୀଟ ସୌଭାଗ୍ୟର ପ୍ରତୀକ ଏବଂ ପୂର୍ବପୁରୁଷଙ୍କ ଆତ୍ମାର ପ୍ରତିନିଧିତ୍ୱ କରିଥାଏ। ତେଣୁ ଦେବଦୂତ ବା ଦୈବୀ ସନ୍ଦେଶବାହକ ଭାବେ ଏହି କୀଟ ଘରକୁ ଆସିଲେ ପୂର୍ବଜଙ୍କ କୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

'ପ୍ରାର୍ଥନା କୀଟ'କୁ ନେଇ ଅନେକ ଲୋକକଥା ଓ ପୌରାଣିକ ଆଖ୍ୟାୟିକା ମଧ୍ୟ ପ୍ରଚଳିତ। କେତେକ ସ୍ଥାନରେ ଏହି କୀଟକୁ ପ୍ରଚଣ୍ଡ ଦୈବୀଶକ୍ତିର ଅଧିକାରୀ ବୋଲି ବିବେଚନା କରାଯାଏ। ତେଣୁ ଉଭୟ ଭୟ ଓ ସମ୍ମାନ ଦୃଷ୍ଟିରୁ ଲୋକମାନେ ଏହାଠାରୁ ଦୂରେଇ ରହିଥା'ନ୍ତି ଏବଂ ନିର୍ଦ୍ଦିଷ୍ଟ ଦୂରତା ରଖି ପ୍ରଣାମ କରନ୍ତି। ବୌଦ୍ଧ ଧର୍ମରେ ଏହି କୀଟକୁ ଧୈର୍ଯ୍ୟ ଓ ଦୃଢ଼ତାର ପ୍ରତୀକ ଭାବେ ମାନ୍ୟତା ମିଳିଛି।

କେବଳ ଯେ ଆଧ୍ୟାତ୍ମିକ, ପାରମ୍ପରିକ ଓ ସାଂସ୍କୃତିକ କ୍ଷେତ୍ରରେ 'ପ୍ରାର୍ଥନା କୀଟ'ର ମହତ୍ତ୍ୱ ରହିଛି, ତା' ନୁହେଁ, ବରଂ ସାମାଜିକ ଓ ଭାବନାତ୍ମକ ଦୃଷ୍ଟିରୁ ଏହି କୀଟର ପ୍ରାଧାନ୍ୟ ରହିଛି। ଏହି କୀଟର ଶାରୀରିକ ଗଠନ ଏବଂ ଶିକାର କରିବା ପାଇଁ ଏକାଗ୍ରତା ଓ ଧୈର୍ଯ୍ୟ ଯୋଗୁଁ ବିଶ୍ୱର ଅନେକ ଦେଶରେ ଏହାକୁ ଈଶ୍ୱର ଉପଲବ୍ଧିର ମାର୍ଗ ଅନୁସରଣକାରୀ ବୋଲି ମାନ୍ୟତା ଦିଆଯାଇଛି। କାରଣ ପ୍ରାର୍ଥନା, ଏକାଗ୍ରତା ଓ ଧୈର୍ଯ୍ୟ ହେଉଛି ଈଶ୍ୱର ଉପଲବ୍ଧିର ଶ୍ରେଷ୍ଠ ସାଧନ। ଏତଦ୍‌ବ୍ୟତୀତ 'ପ୍ରାର୍ଥନା କୀଟ'କୁ ଶାନ୍ତିର ପ୍ରତୀକ ବୋଲି କେତେକ ଅଞ୍ଚଳରେ ମାନ୍ୟତା ରହିଛି। ଫ୍ରାନ୍ସର ଗୋଟିଏ ଲୋକକଥା ଅନୁସାରେ 'ପ୍ରାର୍ଥନା କୀଟ'ମାନେ ଅଦ୍ଭୁତ ଅନ୍ତର୍ଜ୍ଞାନ ଓ ଭବିଷ୍ୟ ଜ୍ଞାନର ଅଧିକାରୀ। ତେଣୁ ଘରର ରାସ୍ତା ଭୁଲିଯାଇଥିବା ଶିଶୁମାନେ 'ପ୍ରାର୍ଥନା କୀଟ'କୁ ସ୍ମରଣ କଲେ ଘରର ରାସ୍ତା ମିଳିଯାଇଥାଏ ବୋଲି କୁହାଯାଏ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।

୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାରା ରାଜ୍ୟରେ...

ସମ୍ବଲପୁର, କେନ୍ଦ୍ରାପଡ଼ା ଏବଂ କେନ୍ଦୁଝର ଆଦି ସହରଗୁଡ଼ିକରେ ସ୍ଥିତି ବହୁତ ଖରାପ। କେତେକ ସ୍ଥାନରେ ମୋଟର ସାଇକେଲ୍ ପିଛା ୧୦୦ ଟଙ୍କାର ଏବଂ କାର ପିଛା ୫୦୦ ଟଙ୍କାର ତେଲ ଦିଆଯାଉଛି। ଭୁବନେଶ୍ୱରର ଖଣ୍ଡଗିରି ସ୍ଥିତି ପେଟ୍ରୋଲ ପମ୍ପରେ ବାଇକ୍, କାର ଏବଂ ବସ୍‌ର ଏପରି ଭିଡ଼ ଲାଗିରହିଥିଲା ଯେ, ସନ୍ଧ୍ୟା ବେଳକୁ ଲାଇନ୍ ଜାତୀୟ ରାଜପଥ ଛୁଇଁଥିଲା। ସେହିପରି ପେଟ୍ରୋଲ ପମ୍ପରେ ନାହିଁ ନ ଥିବା ଭିଡ଼ ଯୋଗୁ କଟକ ଲିଙ୍କ୍ ରୋଡରୁ ବାଦାମବାଡ଼ି ଯାଏ ଆଜି ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଥିଲା। ଶେଷରେ ପୁଲିସ ଆସି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏତେ ଭିଡ଼ ପରେ ଶେଷରେ ତେଲ ଶେଷ ହୋଇଯାଇଥିଲା।

ତୈଳ ସଙ୍କଟକୁ ନେଇ ଆଜି ବସ୍ ମାଲିକ ସଂଘ ମୁହଁ ଖୋଲିଛି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି ଯେ, ରାଜ୍ୟରେ ଚଳାଚଳ କରୁଥିବା ୧୬ ହଜାର ବସ୍ ମଧ୍ୟରୁ ପ୍ରାୟ ୨୦୦୦ ବସ୍ ବର୍ତ୍ତମାନ ତେଲ ଅଭାବ ଯୋଗୁ ବନ୍ଦ ହୋଇଯାଇଛି। ଆଗକୁ ଏପରି ସ୍ଥିତି ଜାରି ରହିଲେ ଆମେ ବସ୍ ଚଳାଚଳ ବନ୍ଦ କରିଦେବୁ ବୋଲି ସେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ରାଜ୍ୟରେ ତେଲ ଅଭାବ ନ ଥିବା ନିକଟରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ। ଆଜି ସେହି କଥାକୁ ଦୋହରାଇଛନ୍ତି ଯୋଗାଣ ବିଭାଗ ପ୍ରମୁଖ ସଚିବ ସଂଜୟ ସିଂ। ସେ କହିଛନ୍ତି ଯେ, ଲୋକେ ଛାନିଆ ହୋଇ ତେଲ କିଣନ୍ତୁନାହିଁ। ରାଜ୍ୟରେ ଯଥେଷ୍ଟ ପରିମାଣରେ ତେଲ ମହଜୁଦ୍ ଅଛି। କିଛି ପେଟ୍ରୋଲ ପମ୍ପ ମାଲିକ ଟଙ୍କା ଜମା କରୁ ନ ଥିବାରୁ ସେମାନଙ୍କୁ ତେଲ ମିଳିନାହିଁ। ଖୁବ୍ ଶୀଘ୍ର ରାଜ୍ୟର ସମସ୍ତ ଟାଙ୍କିରେ ତେଲ ପହଞ୍ଚିବ। ଯେଉଁମାନେ ତେଲର କଳାବଜାରୀ କରିବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶ୍ରୀ ସିଂହ କହିଛନ୍ତି। ତେବେ ପେଟ୍ରୋଲ-ଡିଜେଲ ଅଭାବ ସ୍ଥିତିକୁ ନେଇ ସର୍ବଭାରତୀୟ ପେଟ୍ରୋଲିୟମ ଡିଲରମହାସଂଘ ମହାସଚିବ ସଂଜୟ ଲାଠ୍ କହିଛନ୍ତି, ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ ଡିଜେଲ ମହଜୁଦ୍ ଅଛି। କିଛି ସ୍ଥାନରେ ଲୋକେ ଅଧିକ ମାତ୍ରାରେ ତେଲ କିଣିବା ଯୋଗୁଁ ଟାଙ୍କିରୁ ତେଲ ସରିଯାଇଛି । ଟିକେ ସମୟ ଦେଲେ ସେସବୁ ଟାଙ୍କିରେ ତେଲ ପହଞ୍ଚିଯିବ ।

ଅନ୍ୟପକ୍ଷରେ ପେଟ୍ରୋଲ-ଡିଜେଲ ବ୍ୟବହାର ନେଇ ରାଜ୍ୟ ସରକାର କୌଣସି ବଡ଼ ନିଷ୍ପତ୍ତି ନେଇପାରନ୍ତି ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସଙ୍କେତ ଦେଇଛନ୍ତି। ସଚିବ ସ୍ତରୀୟ ବୈଠକ ପରେ ଗଣମାଧ୍ୟମକୁ ଏନେଇ ସୂଚନା ଦେଇ ଶ୍ରୀମତୀ ଗର୍ଗ କହିଛନ୍ତି ଯେ ପରିସ୍ଥିତିର ମୁକାବିଲା ପାଇଁ ସରକାରୀ ସ୍ତରରେ ଅନେକ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ ନିଜ କାର୍‌କେଡ୍‌କୁ ଅଧା କରିଛନ୍ତି। ଆଗକୁ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ କିଛି ନିର୍ଦ୍ଦେଶ ଜାରି ହୋଇପାରେ। ସରକାରୀ ଗାଡ଼ି ପାଇଁ ବି କିଛି କଟକଣା ଆସିପାରେ। ପବ୍ଲିକ ଟ୍ରାନ୍ସପୋର୍ଟ ବାଧ୍ୟତାମୂଳକ ହୋଇପାରେ ବୋଲି ଶ୍ରୀମତୀ ଗର୍ଗ ସୂଚନା ଦେଇଛନ୍ତି।

### ୩୦ରୁ ଓଡ଼ିଶାରେ...

ଶେଷ କରାଯିବ। ମେ ୩୦ରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ପରିଦର୍ଶନ କରି ତଥ୍ୟ ଯାଞ୍ଚ କରିବା ସହ ଜୁନ ୨୮ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ଶେଷ ହେବ। ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ ଓ ଜୁଲାଇ ୫ରୁ ଅଗଷ୍ଟ ୪ତାରିଖ ପର୍ଯ୍ୟନ୍ତ ନାଗରିକମାନେ ସେମାନଙ୍କର ଦାବି କିମ୍ବା ଆପତ୍ତି ଦାଖଲ କରିପାରିବେ। ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ସମସ୍ତ ଆପତ୍ତି ଉପରେ ନିଷ୍ପତ୍ତି ନିଆଯିବ ଓ ସେପ୍ଟେମ୍ବର ୬ତାରିଖରେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହେବ ବୋଲି କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ଏହି ଏସ୍‌ଆଇଆର୍ ପ୍ରକ୍ରିୟା ପାଇଁ ଯୋଗ୍ୟତା ତାରିଖ ୨୦୨୬ ଜୁଲାଇ ୧ ଧାର୍ଯ୍ୟ ହୋଇଛି। ଏହି ସମୟ ସୁଦ୍ଧା ୧୮ ବର୍ଷ ପୂରଣ କରୁଥିବା ନୂଆ ଭୋଟରମାନେ ମଧ୍ୟ ନିଜ ନାମ ପଞ୍ଜୀକରଣ କରିବାର ସୁଯୋଗ ପାଇପାରିବେ। ସରକାରୀ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରିବା ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୨୭୭୨୩ ଜଣ ବୁଥ୍‌ସ୍ତରୀୟ ଏଜେଣ୍ଟ (ବିଏଲଏ) ମଧ୍ୟ କ୍ଷେତ୍ରସ୍ତରରେ ସକ୍ରିୟ ରହିବେ। ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ବୁଥ୍‌ରେ ଜଣେ ଲେଖାଏଁ ବିଏଲ୍ଏ ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି, ଯାହାଦ୍ୱାରା କୌଣସି ଅଯୋଗ୍ୟ ଭୋଟର ଯେପରି ତାଲିକାରେ ନ ରୁହନ୍ତି ଏବଂ କୌଣସି ଯୋଗ୍ୟ ଭୋଟର ପଞ୍ଜୀକରଣରୁ ବାଦ୍ ନ ପଡ଼ନ୍ତି, ତାହା ସୁନିଶ୍ଚିତ ହୋଇପାରିବ।

### ଚଳନ୍ତା ବସ୍‌ରେ...

ଅଭିଯୁକ୍ତ ଡ୍ରାଇଭର ଉମେଶ ଏବଂ ହେଲ୍ପର ରାମେନ୍ଦ୍ରଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ବସଟି ବିହାରର ଗୋପାଳଗଞ୍ଜ ଆରଟିଓ (ବିଆର-୨୮ପି-୩୯୪୯) ଅଧୀନରେ ପଞ୍ଜୀକୃତ ଏବଂ ଏହା ରୟାଲ ଟ୍ରାଭେଲ୍ସ ଆଣ୍ଡ କାର୍ଗୋ କମ୍ପାନୀ ଦ୍ୱାରା ପରିଚାଳିତ। ରାଣୀ ବାଗ୍ ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଅଧୀନରେ ମାମଲା ରୁଜୁ କରାଯାଇଛି। ପୀଡ଼ିତା ମହିଳା ଜଣକ ବିବାହିତ ଏବଂ ତାଙ୍କର ତିନୋଟି ସନ୍ତାନ ଅଛନ୍ତି। ପୋଲିସ ଫୋରେନସିକ ଦଳ ସହାୟତାରେ ବସରୁ ପ୍ରମାଣ ସଂଗ୍ରହ କରି ଅଧିକ ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

### ପାଇକାରୀ ମୁଦ୍ରାସ୍ଫୀତି...

ଖୁଚୁରା ମୁଦ୍ରାସ୍ଫୀତି ୦.୨୫ ପ୍ରତିଶତକୁ ଖସିଥିଲା। କିନ୍ତୁ ଏହା ପରଠାରୁ ଏଥିରେ ଲଗାତାର ବୃଦ୍ଧି ଦେଖିବାକୁ ମିଳୁଛି। ପାଇକାରୀ ମୁଦ୍ରାସ୍ଫୀତିରେ ବୃଦ୍ଧି ଯୋଗୁ ଆଗାମୀ ଦିନରେ ଏହାର ପ୍ରତିଫଳନ ଖୁଚୁରା ମୁନଦ୍ରାସ୍ଫୀତ କ୍ଷେତ୍ରରେ ଦେଖିବାକୁ ମିଳିବ। ଫଳସ୍ୱରୂପ ଖାଉଟି ବଜାର ମହଙ୍ଗା ହେବ।

---

**ଆଇନ୍ ଶୃଙ୍ଖଳା ସମୀକ୍ଷା ବୈଠକ**

# ଲୋକଙ୍କର ବିଶ୍ୱାସଭାଜନ ହେବାକୁ ପୁଲିସକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୧୪।୫(ସମିସ): ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଅପରାଧୀଙ୍କ ମଧ୍ୟରେ ପୁଲିସ କିଭଳି ଭୟ ସୃଷ୍ଟି କରାଯାଇପାରିବ। ଏଥିପାଇଁ ବିଗତ ଦିନ ଗୁଡ଼ିକରେ କଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି। ପୁଲିସ ଏବଂ ସାଧାରଣ ପ୍ରଶାସନ ପରସ୍ପର ସହଯୋଗରେ କିଭଳି ଭାବେ ଆଇନ୍ ଶୃଙ୍ଖଳା ବଜାୟ ରଖି ପରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପୁଲିସକୁ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲା ସ୍ତରରେ ପ୍ରଶାସନିକ ଅଧିକାରୀ ଓ ପୁଲିସ ଅଧିକାରୀମାନେ ମିଳିତ ଭାବେ ଗୋଟିଏ ଟିମ୍ ଭାବେ କାମ କରିବା ଆବଶ୍ୟକ। ପୁଲିସ ସହିତ ଜିଲ୍ଲାର ଅନ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅପରାଧ ନିୟନ୍ତ୍ରଣରେ ଅଧିକ ସଫଳତା ଆସିପାରିବ। ବିଭିନ୍ନ ଯୋଜନା ଓ ପ୍ରକଳ୍ପର ସଫଳତା ପାଇଁ ଯେପରି ଟିମ୍ ସ୍ପିରିଟ୍‌ରେ କାମ କରାଯାଉଛି, ସେହିଭଳି ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ମଧ ଟିମ୍ ସ୍ପିରିଟ୍ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପୁଲିସ ସମ୍ପୂର୍ଣ୍ଣ ଭାବେ ଆଗୁଆ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ। ବିଭିନ୍ନ ଅଞ୍ଚଳର ଅପରାଧ ସମ୍ପର୍କରେ ତଥ୍ୟ ସଂଗ୍ରହ କରି କ୍ରାଇମ୍ ମ୍ୟାପିଙ୍ଗ୍ କରିବା ଆବଶ୍ୟକ। ଏହା ସହିତ ଗୁଇନ୍ଦା ତଥ୍ୟ ସଂଗ୍ରହ ଉପରେ ମଧ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣ ଲୋକଙ୍କ ସହିତ

- ■ କ୍ରାଇମ୍ ମ୍ୟାପିଙ୍ଗ୍, ଗୁଇନ୍ଦା ତଥ୍ୟ, କଡ଼ା ପାଟ୍ରୋଲିଙ୍ଗ୍ ଉପରେ ଗୁରୁତ୍ୱ
- ■ ଅପରାଧୀ ଓ ବାଲି ମାଫିଆଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ବନ୍ଧୁ ଭଳି ସୁସମ୍ପର୍କ ରକ୍ଷା କରିପାରିଲେ ପୁଲିସକୁ ସୂଚନା ମିଳିବାରେ ସହାୟତା ମିଳିପାରିବ। ପୁଲିସ ପାଟ୍ରୋଲିଙ୍ଗ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବା ସହ ସର୍ବସାଧାରଣରେ ପୁଲିସର ଉପସ୍ଥିତି ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ସଂଗଠିତ ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିର୍ମୂଳ କରିବା ପାଇଁ ପୁଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଯେପରି ନକ୍ସଲ ଅପରାଧକୁ ଦମନ କରାଯାଇଛି, ସେହିପରି ବାଲି ମାଫିଆ ମାନଙ୍କୁ ମଧ ସମ୍ପୂର୍ଣ୍ଣ ଭାବରେ ଦମନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

---


CREDIT SAISON INDIA

**କ୍ରିସେଣ୍ଟ୍ ସାଇସନ୍ ଫାଇନାନ୍ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍**

CIN: U65999KA2018FTC113783

ପଞ୍ଜୀକୃତ କାର୍ଯ୍ୟାଳୟ: ଇଣ୍ଡିକ୍ୟୁବ୍ ଲେକ୍ସିଙ୍ଗଟନ୍ ଟାୱର, ପ୍ରଥମ ତଳ, ତାଭାରେକେରେ ମେନ୍ ରୋଡ୍, ତାଭାରେକେରେ, ଏସ୍.ଜି. ପାଲ୍ୟା, ବେଙ୍ଗାଲୁରୁ, କର୍ଣ୍ଣାଟକ – 560029

**ଶାଖା ସ୍ଥାନାନ୍ତର / ଏକୀକରଣ / ମର୍ଜର ସମ୍ବନ୍ଧୀୟ ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ୧୭ ଅଗଷ୍ଟ ୨୦୨୬ ତାରିଖରେ ଆମର ଏକ ଶାଖା ଯାହାର ବର୍ତ୍ତମାନ ଠିକଣା: କୋଣାର୍କ ଭେନ୍ୟୁ, ନ୍ୟୁ ଏନେକ୍ସ ବିଲ୍ଡିଂ, ଆର୍ଚ୍ ବିଶପ୍ସ ହାଉସ୍, ପ୍ଲଟ୍ ନଂ. ୯୧୬, ସତ୍ୟ ନଗର, ଭୁବନେଶ୍ୱର, ଓଡ଼ିଶା - ୭୫୧୦୦୭, ଉକ୍ତ ଶାଖାଟିକୁ ନୂତନ ଠିକଣା: କୋଣାର୍କ ଭେନ୍ୟୁ, ୪ର୍ଥ ତଳ, ନ୍ୟୁ ଏନେକ୍ସ ବିଲ୍ଡିଂ, ଆର୍ଚ୍ ବିଶପ୍ସ ହାଉସ୍, ପ୍ଲଟ୍ ନଂ. ୯୧୬, ସତ୍ୟ ନଗର, ଭୁବନେଶ୍ୱର, ଓଡ଼ିଶା – ୭୫୧୦୦୭କୁ ସ୍ଥାନାନ୍ତର କରାଯିବ ଏବଂ ନୂତନ ଶାଖା ୧୮ ଅଗଷ୍ଟ ୨୦୨୬ ଠାରୁ କାର୍ଯ୍ୟକ୍ଷମ ହେବ।

ଦୟାକରି ଅଧିକ ସହାୟତା ପାଇଁ କ୍ରେଡିଟ୍ ସାଇସନ୍ ଇଣ୍ଡିଆର ଅଧିକୃତ ୱେବସାଇଟ୍ https://creditsaison.in/ ଦେଖନ୍ତୁ, ଟୋଲ୍-ଫ୍ରି ନମ୍ବର 1800-1038-961 କୁ ଡାଏଲ୍ କରନ୍ତୁ କିମ୍ବା ନିକଟସ୍ଥ ଶାଖା ସହ ସମ୍ପର୍କ କରନ୍ତୁ।

ତାରିଖ: ୧୫ ମେ ୨୦୨୬

ସ୍ୱା/- ଅଧିକୃତ ସ୍ୱାକ୍ଷରକାରୀ
ପ୍ରେଶା ପରାଗସ
ହୋଲ୍-ଟାଇମ୍ ଡାଇରେକ୍ଟର ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ



13001/481/2627

CDA

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-10 ରେ ପ୍ଲଟ୍ ନଂ-10-1F/450 ଟିକୁ ଶ୍ରୀମତୀ ଜେମାମଣୀ ଓଝା, ସ୍ୱାମୀ-ଉତ୍ତମ ଚରଣ ଓଝା, କ୍ୱାଟର ନଂ-A/43, ତୁଳସୀପୁର ଆବଣ୍ଟନ ପୋଲିସ କଲୋନୀ, ପୋ-ତୁଳସୀପୁର, ଥା-ବିଡାନାସୀ, ଜିଲ୍ଲା-କଟକ ଙ୍କୁ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଜେମାମଣୀ ଓଝାଙ୍କ ମୃତ୍ୟୁ ପରେ ତାଙ୍କ ନ୍ୟାଯିକ ଉତ୍ତରାଧିକାରୀ ପୁତ୍ର ସୁଶାନ୍ତ କୁମାର ଓଝା, ପିତା- v ଉତ୍ତମ ଚରଣ ଓଝା, ସା-ପ୍ଲଟ ନଂ-1F/450, ସେକ୍ଟର-୧୦, ପୋ-ଅଭିନବ ବିଡାନାସୀ, ଥା-ମର୍କତ ନଗର, ଜିଲ୍ଲା-କଟକ-୭୫୩୦୧୪, ଓଡ଼ିଶା ଙ୍କୁ ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0025 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)



32001/217/2627

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, SUNDARGARH**

Email-eemisundargarh@yahoo.co.in

**QUOTATION CALL NOTICE No.01/2026-27, Dated: 07.05.2026**

Sealed quotations are invited from interested reputed Travel agencies/Tour operators/ Private individuals having valid GST, PAN Card etc. for providing two number diesel/petrol driven vehicle of BS-VI compliant diesel vehicle (TUV 300/Bolero/Ertiga etc.) having seating capacity not more than 8 (Eight) including Driver (which shall confirm to the terms & conditions of the quotation call notice) for official use by Asst. Executive Engineer, Minor Irrigation Sub-Division, Bonai and Subdega for inspection of the project work & official work on monthly rent basis for the period of one year from the date of engagement of the vehicles.

Please visit website **https://dowrodisha.gov.in or https://sundargarh.nic.in** for details date & time of available of Quotation Document from **13.05.2026 of 07.00 AM to 20.05.2026 of 1.00 PM.** The last date & time of sale and receipt of Quotation is **20.05.2026 and 1.00 PM** respectably and to be opened on **20.05.2026 and 1.30 PM.**

Superintending Engineer,
M. I. Division, Sundargarh

OIPR-32001/32124/1/26-27/0003



**OFFICE OF THE DIVISIONAL FOREST OFFICER, REDHAKHOL DIVISION**

Mobile No:-06644-299949, Email ID:- dfo.redhakhol@odisha.gov.in

BID IDENTIFICATION No. F&E/RKL-010(Offline)/2026-27

**Short Tender Notice**

8001/84/2627

No. 010 Dated – 14.05.2026

The Divisional Forest Officer, Redhakhol Forest Division, on behalf of Governor of Odisha, invites Lumsum bids in **Single Cover System** in OFFLINE MODE.

| Sl No. | Activities | Details |
|---|---|---|
| 1 | Nature of Service | Tender Call Notice for Hiring 18 no. of Vehicle for use under Redhakhol Forest Division. |
| 2 | Tender Paper Cost | Rs. Nil |
| 3 | EMD Amount | Rs. 5000 |
| 4 | Class of Supplier | Any Travel Agency/ Tour Operator/ Private Individual |
| 5 | Availability of bid documents in the website. | 11:00 Hours of 14.05.2026 to 17.00 Hours of 30.05.2026 |
| 6 | Date of Opening of Tenders | 11.00 Hours on dt. 01.06.2026 |
| 7 | The Bidders have to participate in OFFLINE bidding only. | Any Corrigendum / Addendum/ cancellation of tender will be displayed in the https://www.redhakholforest.com or https://sambalpur.odisha.gov.in or https://www.odishaforest.in website only. |

Divisional Forest Officer
Redhakhol Forest Division

OIPR-8001/8146/1/26-27/0012



27001/57/2627

ସମଗ୍ର ଶିକ୍ଷା समग्र शिक्षा Samagra Shiksha

**DISTRICT PROJECT OFFICE**

Old Revenue Colony, Behind Govt. Hospital, RAYAGADA

email - dpcrayagadassa.opepa@nic.in

Notice No. 1496 /XI/CW/308/2026 Date: 14/05/2026

**Expression of Interest (EOI)**

District Project Office, Samagra Shiksha, Rayagada invites Expression of Interest (EOI) from valid & reputed Micro and Small Manufacturing Enterprises of Odisha being registered with the Directorate of EP&M and having valid rate contract for supply of 2170 (appx.) Compact Desk-cum-Bench (Dual Desk) to 117 schools in 11 Blocks of Rayagada District. The details of the EOI is available in the official website http://osepa.odisha.gov.in and NIC website http://rayagada.odisha.gov.in. Interested EPM rate contract holders may submit their EOI through speed post / registered post only on or before 05-06-2026 by 5.00 PM. The competent authority reserves the right to accept or reject any or all tenders, wholly or in part, without assigning any reason thereof and without incurring any liability to the affected bidder(s).

Collector-Cum-Chairman,
Samagra Shiksha, Rayagada

OIPR-27001/27164/1/26-27/0001



**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 14/05/2026. I, **Mohit Kand Dora** (new name), S/o Surendra Kand Dora, permanent & current resident of AT: Ranabandh, PO: Lenjha, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Mahit Konda Tara** (old name) to **Mohit Kand Dora** (new name). Henceforth, I shall be known as **Mohit Kand Dora** (new name) for all future purposes.
**(Mohit Kand Dora)**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-13/05/2026. I, **Hansa Takri** (new name), W/o Hari Takri, permanent & current resident of AT: Chhatabhata, PO: Parasara, PS: Sindhekela, Dist: Balangir, State: Odisha, PIN: 767035 declare that I have changed my name from **Sangita Haripal** (old name) to **Hansa Takri** (new name). Henceforth, I shall be known as **Hansa Takri** (new name) for all future purposes.
**(Hansa Takri)**

**AFFIDAVIT**

I, Susanta Jena, S/o- Matia Jena, resident of At- Dolamundai, Po- Belapada, Ps- Banapur, Dist- Khordha, Pin-752031, Odisha declare by this affidavit No-815, date- 14/05/2026, that now onwards I shall be known as **SUSHANT JENA** for all future purposes.

**AFFIDAVIT**

By virtue of an affidavit sworn before the Court of the Executive Magistrate Angul, **I, Radha Bhutia (new name),** W/o.: Krushna Chandra Bhutia, permanent/Currently resident of At: Jarada, PO.: Jarada, P.S.: Kanhia, Dist.: Angul, Odisha, PIN-759117, do hereby declare vide Affidavit No.: 1737, dated 17.04.2026 that I have changed my name from **Jhatak Bhutia (old name) to Radha Bhutia (new name)**. Hence forth I shall be known as **Radha Bhutia (new name)** for all purposes.



24001/106/2627

**ଭାରତର ଗେଜେଟ୍: ଅସାଧାରଣ**
**[ଭାଗ II-ଖଣ୍ଡ 3(ii)]**
**ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ**
**ବିଜ୍ଞପ୍ତି**

ନୂଆ ଦିଲ୍ଲୀ, ୨୨ ଏପ୍ରିଲ, ୨୦୨୬

ଏସ.ଓ. ୨୦୧୨ (ଇ)- ଭାରତ ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି, ୭୬୩(ଇ) ତାରିଖ: ୧୨/୦୨/୨୦୨୬, ଜାତୀୟ ରାଜପଥ ଆଇନ, ୧୯୫୬ (୧୯୫୬ର ୪୮) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖିତ ) ର ଧାରା ୩କ ର ଉପ-ଧାରା (୧) ଅନ୍ତର୍ଗତ ଭାରତର ଗେଜେଟ୍ ଅସାଧାରଣ, ଭାଗ II, ଧାରା ୩, ଉପ-ଧାରା (ii) ରେ ପ୍ରକାଶିତ, ଓଡ଼ିଶା ରାଜ୍ୟର ନୟାଗଡ ଜିଲ୍ଲାର ଜାତୀୟ ରାଜପଥ ନଂ.୫୭ (ନୟାଗଡ଼ ବାଇପାସ୍) କି.ମି. ୨୩୫.୪୬୯ ରୁ କି.ମି. ୨୫୨.୪୮୨ ପର୍ଯ୍ୟନ୍ତ ୨/୪ ଥାକିଆ ରାସ୍ତା ନିର୍ମାଣ ସହିତ ପ୍ରଶସ୍ତ ଏବଂ ଉନ୍ନତିକରଣ କରିବା ପାଇଁ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ଅନୁସୂଚୀରେ ଦିଆଯାଇଥିବା ଜମି ଅଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କରାଯାଇଅଛି । ଏବଂ ଯେହେତୁ ଉକ୍ତ ବିଜ୍ଞପ୍ତିର ସାରାଂଶ ଉକ୍ତ ଆଇନର ଧାରା ୩କ ର ଉପ-ଧାରା (୩) ଅନ୍ତର୍ଗତ "ସମ୍ବାଦ" ଏବଂ "ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ" ଉଭୟ ତାରିଖ ୦୧.୦୩.୨୦୨୬ ରେ ପ୍ରକାଶିତ ହୋଇଛି ।

ଏବଂ ଯେହେତୁ ସକ୍ଷମ ପ୍ରାକରଣଙ୍କ ଦ୍ବାରା କୌଣସି ଆପତ୍ତି ଗ୍ରହଣ କରାଯାଇ ନାହିଁ ।

ଏବଂ ଯେହେତୁ, ଉକ୍ତ ଆଇନର ଧାରା 3D ର ଉପ-ଧାରା (୧) ଅନୁଯାୟୀ, ସକ୍ଷମ ପ୍ରାକରଣ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ଦାଖଲ କରିଛନ୍ତି । ତେଣୁ, ବର୍ତ୍ତମାନ, ସକ୍ଷମ ପ୍ରାକରଣଙ୍କ ଉକ୍ତ ରିପୋର୍ଟ ପ୍ରାପ୍ତ ହେବା ପରେ ଏବଂ ଉକ୍ତ ଆଇନର ଧାରା 3D ର ଉପ-ଧାରା (୧) ଦ୍ବାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହାଦ୍ବାରା ଘୋଷଣା କରୁଛନ୍ତି ଯେ ଉକ୍ତ ଅନୁସୂଚୀରେ ନିର୍ଦ୍ଦିଷ୍ଟ ଜମି ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଗ୍ରହଣ କରାଯିବା ଉଚିତ ।

ଏବଂ ଏହା ସହିତ, ଉକ୍ତ ଆଇନର ଧାରା 3D ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହାଦ୍ବାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଭୂମି ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ, ସମସ୍ତ ଭାରରୁ ମୁକ୍ତ ।

**କାର୍ଯ୍ୟସୂଚୀ**

**ଓଡିଶା ରାଜ୍ୟର ଅନ୍ତର୍ଗତ ନୟାଗଡ଼ ଜିଲ୍ଲାର ଜାତୀୟ ରାଜପଥ ନଂ.୫୭ ( ନୟାଗଡ଼ ବାଇପାସ୍) ର ୨୩୫.୪୬୯ କିଲୋମିଟର ରୁ ୨୫୨.୪୮୨ କିଲୋମିଟର ପର୍ଯ୍ୟନ୍ତ ଅନ୍ତର୍ଗତ ଭୂଅର୍ଜନ ଜମିର ସଂକ୍ଷିପ୍ତ ବିବରଣୀ,ଘର କିମ୍ବା ଘରବାରି ଓ ଅନ୍ୟାନ୍ୟ କିସମର ଦୁଇପାର୍ଶ୍ୱ ସଂକ୍ଷିପ୍ତ ବିବରଣୀ ।**

ରାଜ୍ୟ: ଓଡ଼ିଶା ଜିଲ୍ଲା: ନୟାଗଡ଼

| କ୍ରମିକ ସଂଖ୍ୟା | ଖତିଆନ/ସର୍ଭେ ନମ୍ବର | ଜମିର ପ୍ରକାର | କିସମ | କ୍ଷେତ୍ରଫଳ (ହେକ୍ଟରରେ) | ଜମି ମାଲିକ/ଆଗ୍ରହୀ ବ୍ୟକ୍ତିଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ତାଲୁକ: ନୟାଗଡ | | | ଗ୍ରାମ : ନବଘନପୁର | | |
| ୧ | ୧୮୭/୩୦୯୪ | ବେସରକାରୀ | ଶାରଦ ତିନି | ୦.୦୧୬୧୮୭୮ | ପ୍ରସନ୍ନ କୁମାର ସୁବୁଦ୍ଧି, ସୌମ୍ୟରଂଜନ ସୁବୁଦ୍ଧି ପିତା ଗୋବିନ୍ଦ ଚରଣ ସୁବୁଦ୍ଧି |
| ଗ୍ରାମ: ଉଦୟପୁର | | | | | |
| ୨ | ୧୩/୧୦୮୬ | ବେସରକାରୀ | ଶାରଦ ଦୋଫସଲି ଦୁଇ | ୦.୦୩୬୪୨୨୫ | ମଞ୍ଜୁବାଳା ଦେବୀ ସ୍ୱାମି ଦୁର୍ଗାଚରଣ ପଣ୍ଡା |
| ଗ୍ରାମ: ଜୟପୁର | | | | | |
| ୩ | ୫୭୩/୮୨୭ | ବେସରକାରୀ | ଘରବାରି | ୦.୦୧୬୧୮୭୮ | ଭିକାରୀ ସାହୁ ପିତା ଶ୍ରୀଧର ସାହୁ |
| ଗ୍ରାମ: ମୁକ୍ତାପୁର | | | | | |
| ୪ | ୨୩୭/୫୯୮ | ବେସରକାରୀ | ତଇଲା ଦୁଇ | ୦.୦୨୦୨୩୪୭ | ସୁକାନ୍ତ କୁମାର ସ୍ବାଇଁ ପିତା ବନମାଳି ସ୍ବାଇଁ |
| ୫ | ୨୪୩/୭୧୮ | ବେସରକାରୀ | ପତିତ | ୦.୦୧୬୧୮୭୮ | ରମାକାନ୍ତ ଦାଶ ପିତା ପ୍ରସନ୍ନ କୁମାର ଦାଶ |
| ଗ୍ରାମ: ନୟାଗଡ | | | | | |
| ୬ | ୨୨୬୯/୬୧୧୮ | ବେସରକାରୀ | ଘରବାରି | ୦.୦୨୪୨୮୧୭ | ଜିତେନ୍ଦ୍ର କୁମାର ପାଣିଗ୍ରାହି ପିତା ସୁବାସ ଚନ୍ଦ୍ର ପାଣିଗ୍ରାହି |
| ଗ୍ରାମ: ଗୋରିଆଳି | | | | | |
| ୭ | ୬୬୭ | ବେସରକାରୀ | ଶାରଦ ତିନି | ୦.୦୯୩୪୮୪୪ | ଡମ୍ବରୁଧର ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି, ନବକିଶୋର ମହାନ୍ତି, ଭାବଗ୍ରାହି ମହାନ୍ତି ପିତା ଆନନ୍ଦଚନ୍ଦ୍ର ମହାନ୍ତି |
| ଗ୍ରାମ: ନାଗାପୁର | | | | | |
| ୮ | ୨୯୫/୧୩୦୯ | ବେସରକାରୀ | ଶାରଦ ଦୁଇ | ୦.୦୦୮୦୯୩୯ | ରଂଜନ ନାୟକ ପିତା ରମେଶ ଚନ୍ଦ୍ର ନାୟକ |
| ୯ | ୨୯୮/୧୨୩୮ | ବେସରକାରୀ | ଶାରଦ ଦୁଇ | ୦.୦୧୦୧୧୭୪ | ନାରାୟଣ ଖଟେଇ ପିତା ନରସିଂହ ଖଟେଇ |
| ଗ୍ରାମ: କୃଷ୍ଣପ୍ରସାଦ | | | | | |
| ୧୦ | ୨୩୩ | ବେସରକାରୀ | ଶାରଦ ଦୋଫ।ସଲି ଏକ | ୦.୦୫୦୫୮୬୮ | ସଉରିଆ ଘଡେଇ ପିତା ସନ୍ତୁ ଘଡେଇ |
| ୧୧ | ୫୩୨ | ବେସରକାରୀ | ଶାରଦ ଦୁଇ | ୦.୦୦୨୦୨୩୫ | ବିଶ୍ୱନାଥ ମହାପାତ୍ର, ଅମୂଲ୍ୟ ମହାପାତ୍ର ପ୍ରତି ବୈକୁଣ୍ଠ ମହାପାତ୍ର |
| ୧୨ | ୫୩୪ | ବେସରକାରୀ | ଶାରଦ ଦୁଇ | ୦.୦୦୮୦୯୩୯ | ବିଶ୍ୱନାଥ ମହାପାତ୍ର, ଅମୂଲ୍ୟ ମହାପାତ୍ର ପ୍ରତି ବୈକୁଣ୍ଠ ମହାପାତ୍ର |
| ଗ୍ରାମ: ଲେଙ୍କୁରିପଡା | | | | | |
| ୧୩ | ୧୬୩୭ | ବେସରକାରୀ | ଶାରଦ ଦୋଫସଲି ଦୁଇ | ୦.୦୦୬୦୭୦୪ | କନକଲତା ସ୍ୱାଇଁ ସ୍ୱାମୀ- ଦାଶରଥୀ ସ୍ୱାଇଁ |
| ୧୪ | ୧୮୭୦ | ବେସରକାରୀ | ଶାରଦ ଦୋଫସଲି ଏକ | ୦.୧୧୬୫୫୨୦ | କୃଷ୍ଣଚନ୍ଦ୍ର ପଧାନ ପିତା, ଖଲିଆ ପଧାନ |
| ୧୫ | ୨୩୫୯ | ବେସରକାରୀ | ଶାରଦ ଦୋଫସଲି ଦୁଇ | ୦.୦୦୧୦୧୧୭ | ନାରାୟଣ ଜେନା ପିତା ବଳଭଦ୍ର ଜେନା |
| ୧୬ | ୨୬୦୬/୬୨୧୭ | ବେସରକାରୀ | ଶାରଦ ଦୋଫସଲି ଏକ | ୦.୦୦୬୦୭୦୪ | ଇନ୍ଦୁଲତା ମହାପାତ୍ର ସ୍ୱାମି ସମ୍ବାରୀ ମହାପାତ୍ର |
| | | ମୋଟ | | ୦.୪୩୧୬୦୬୬ | |

କ୍ଷମତାପ୍ରାପ୍ତ ଭୂଅର୍ଜନ ଅଧିକାରୀ
ତଥା ତହସିଲଦାର, ନୟାଗଡ଼

OIPR-24001/24052/3/26-27/0001



**AFFIDAVIT**

By virtue of an affidavit sworn before the Court of the Executive Magistrate Angul, **I, Jit Singh (new name),** S/o.: Antaryami Singh, permanent/Currently resident of At: Jamunda Jungle, PO.: Tukuda, P.S.: Nisha, Dist.: Angul, Odisha, PIN-759127, do hereby declare vide Affidavit No.: 846, dated 25.02.2026 that I have changed my name from **Jeet Sahu (old name) to Jit Singh (new name)**. Hence forth I shall be known as **Jit Singh (new name)** for all purposes.

**AFFIDAVIT**

By virtue an affidavit no. 110 sworn before Executive Magistrate, Bhubaneswar, dtd. 18.03.2026, I, Shreyaa Agarwal, formerly known as Shreya Chowdhury, wife of Prakaash Kumar Agarwalla, resident of BJB Nagar, Bhubaneswar, Odisha, declare that after my marriage on 16.02.2025, I have changed my name from Shreya Chowdhury to Shreyaa Agarwal. Henceforth, I shall be known as **Shreyaa Agarwal** for all purposes.

**AFFIDAVIT**

By virtue of an affidavit sworn before the Court of the Executive Magistrate Angul, **I, Karisma Nayak (new name),** W/o.: Krishna Chandra Nayak, permanent/Currently resident of At/PO.: Dasagharia, PO.: Riamal, Dist.: Angul, Odisha, PIN-768109, do hereby declare vide Affidavit No.: 411, dated 27.01.2026 that I have changed my name from **Kamini Suhula (old name) to Karisma Nayak (new name)**. Hence forth I shall be known as **Karisma Nayak (new name)** for all purposes.

**AFFIDAVIT**

By virtue of an affidavit sworn before the Court of the Executive Magistrate Angul, **I, Lima Behera (new name),** S/o.: Kulamani Behera, permanent/Currently resident of Dhaurapali, PO.: Rajkishorenagagr, P.S.: Kishorenagar, Dist.: Angul, Odisha, PIN-759126, do hereby declare vide Affidavit No.: 1602, dated 13.04.2026 that I have changed my name from **Lisha Behera (old name) to Lima Behera (new name)**. Hence forth I shall be known as **Lima Behera (new name)** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Kotagarh, SL.No. 387, dated 12/05/2026, I **ANDRIYA NUAMAJHI**, resident of village At- Nuapadara, PO: Kotagarh, P.S: Kotagarh, Dist: Kandhamal, PIN: 762105, Odisha declare that I have changed my minor Son's name from **JIRU NUAMAJHI (Old Name)** to **JIRUBABIL NUAMAJHI (New Name)**. Henceforth, he shall be known as **JIRUBABIL NUAMAJHI** for all purposes.
Sd- **ANDRIYA NUAMAJHI**

**AFFIDAVIT**

By virtue of an affidavit sworn before the Court of the Executive Magistrate Angul, **I, Reyansh Ranjan (new name),** S/o.: Chittaranjan Naik, permanent/ Currently resident of At: Amalapada, PO./P.S./Dist.: Angul, Odisha, PIN-759122, do hereby declare vide Affidavit No.: 1429, dated 31.03.2026 that I have changed my name from **Reyansh Ranjan Naik (old name) to Reyansh Ranjan (new name)**. Hence forth I shall be known as **Reyansh Ranjan (new name)** for all purposes.

**AFFIDAVIT**

I, Kartika Das, S/o: Gourahari Das, At/Po: Kuamara, Ps: Bansada, Dist: Bhadrak, PIN: 756164, Odisha, declare by this Affidavit before the Executive Magistrate, Bhadrak, my minor son Manaranjan Mandal shall be known as MUNA DAS, S/O KARTIKA DAS, as the above address declear by this CNF Affidavit No. 1519 dtd. on 06/05/2026, that now onwards my son will be known as **MUNA DAS** for all future purposes.

**AFFIDAVIT**

By virtue an affidavit no. 109 sworn before Executive Magistrate, Bhubaneswar, dtd. 18.03.2026, I, Prakaash Kumar Agarwalla, formerly known as Prakash Kumar Agarwalla, At- Athamallik, Angul and presently residing at BJB Nagar, Bhubaneswar have changed my name from Prakash Kumar Agarwalla to Prakaash Kumar Agarwalla. Henceforth, I shall be known as **Prakaash Kumar Agarwalla** for all purposes.

**AFFIDAVIT**

By virtue an affidavit sworn before the Notary Public, Phulbani, Kandhamal, dtd. 12.05.2026, I, Nirashi Kanhar, At- Gunjipidia, Po-Pahiraju, PS-Gochhapada, Dist-Kandhamal, Odisha, do hereby declare that I have changed the name of my minor child from Sahadhini Kanhar to Swadhin Kanhar. Henceforth, he shall be known as **Swadhin Kanhar** for all purposes.
Sd/- **Nirashi Kanhar**

# ସାଇଁକୁଳ ପାଇଁ ଗୌରବ ଆଣିଲେ ସମୀକ୍ଷା



ଆନନ୍ଦପୁର, ୧୪।୫ (ସମିସ): ଘସିପୁରା ବ୍ଲକ ସାଇଁକୁଳ ଗ୍ରାମରେ ଦଶମ ପରୀକ୍ଷା ପରେ ପରେ ଦ୍ୱାଦଶ ପରୀକ୍ଷାରେ ମଧ୍ୟ ବାଳକଙ୍କ ଅପେକ୍ଷା ବାଳିକାମାନେ ବାଜିମାତ କରିଛନ୍ତି। ଶାନ୍ତିନିକେତନର ପ୍ରଫେସର ଡ଼ଃ ସନତ ରଥ ଓ ପୂର୍ଣ୍ଣିମା ରଥଙ୍କ ସୁପୁତ୍ରୀ ସମୀକ୍ଷା ରଥ ସିବିଏସଇ ପରୀକ୍ଷା +୨ ବିଜ୍ଞାନରେ ୯୪.୮ ମାର୍କ ରଖି ଗାଁ ପାଇଁ ଗୌରବ ଆଣିଛନ୍ତି। ସେ ପୋଖରୀପୁଟସ୍ଥିତ ପବ୍ଲିକ ସ୍କୁଲର ଛାତ୍ରୀ ଅଟନ୍ତି। ସେ ନିଜର ସଫଳତା ପାଇଁ ତାଙ୍କ ବାପାମା'ଙ୍କ ଶ୍ରେୟ ମନେ କରିବା ସହିତ ନିଜ କର୍ତ୍ତବ୍ୟ ଓ ଅଧ୍ୟବସାୟ ଉପରେ ନିଜର ଗାରିମା ରଖିଛନ୍ତି। ତାଙ୍କର ଏ କୃତିତ୍ୱ ପାଇଁ ଗାଁର ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ଚକ୍ର, ଗୋପାଳଚନ୍ଦ୍ର ପରିଡା, ଧରଣୀଧର ମହାପାତ୍ର, ସାଇଁକୁଳ ପଞ୍ଚ ଶିକ୍ଷାସେତୁର ସଭାପତି କାଳନ୍ଦୀ ପଟ୍ଟନାୟକ ଓ ଅବସରପ୍ରାପ୍ତ ସେନା ଅଧିକାରୀ ସୁବେଦାର ସନ୍ତୋଷ ସ୍ୱାଇଁ ଅଶୋକ ଘଡ଼େଇ ଶୁଭେଚ୍ଛା ଆଉ ଶୁଭକାମନା ଦେଇଛନ୍ତି। ଆଗରୁ ମଧ୍ୟ ସମୀକ୍ଷା ରଥ ଦିଲ୍ଲୀ ଆରଡିସି ପ୍ୟାରେଡ ଭାଗ ନେଇ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସମୀକ୍ଷାଙ୍କ ପାଇଁ ବର୍ତ୍ତମାନ ବିଭିନ୍ନ ଆଡୁ ପ୍ରଶଂସାର ସୁଅ ଛୁଟି ଆସୁଛି।

# ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଯୋଡ଼ା, ୧୪।୫(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ କାଳିଆବେଡ଼ା ଗ୍ରାମ ନିକଟ ସୁନା ନଦୀରୁ ଏକ ମୃତ ଶରୀର ଭାସୁଥିବା ଅବସ୍ଥାରେ ପୁଲିସ ଠାବ କରିଛି। ମୃତକ ଜଣକ ହେଲେ ଲହଣ୍ଡା ଗ୍ରାମର ବୁଧୁରାମ ମୁଣ୍ଡା ବୟସ (୫୬)। ବୁଧବାର ସନ୍ଧ୍ୟାରେ ବୁଧୁରାମ ଗାଧେଇବାକୁ ଯାଇଥିଲେ କିନ୍ତୁ ସେ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରି ନଦୀରେ ତାଙ୍କର ସାବୁନ ତେଲ ପାଇଥିଲେ ମଧ୍ୟ ତାଙ୍କର ଆଉ କୌଣସି ଖୋଜ ଖବର ମିଳି ନଥିଲା। ତେବେ ଗୁରୁବାର ସକାଳୁ ସ୍ଥାନୀୟ ଲୋକ ନଦୀକୁ ଯାଇଥିବା ବେଳେ ବୁଧୁରାମ ମୃତ ଆବସ୍ଥାରେ ପାଣିରେ ଭାସୁଥିବା ଦେଖି ପୁଲିସକୁ ଖବର କରିଥିଲେ। ଯୋଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଠାବ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

# ବନ ବିଭାଗ ଓ ବିଦ୍ୟୁତ ବିଭାଗର ସମନ୍ୱୟ ବୈଠକ



ତୁରୁମୁଙ୍ଗା, ୧୪।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଭିଟିସି ପରିସରରେ ଗୁରୁବାର ବନବିଭାଗ ଏବଂ ବିଦ୍ୟୁତ ବିଭାଗର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବନ୍ୟଜନ୍ତୁ ସୁରକ୍ଷା ସହ ବିଦ୍ୟୁତଜନିତ ଦୁର୍ଘଟଣାକୁ ରୋକିବା, ମିଳିତ ପାଟ୍ରୋଲିଙ୍ଗ ଜୋରଦାର କରିବା ଏବଂ ଦୁଇ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ଓ ବୁଝାମଣା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ତୁରୁମୁଙ୍ଗା ବିଦ୍ୟୁତ ବିଭାଗର ଏସଡିଓ ଜନ୍ମେଜୟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଯନ୍ତ୍ରୀ ଗୁରୁପ୍ରସାଦ ଗିରି, ହିରଣ୍ୟମୟୀ ପଣ୍ଡାଙ୍କ ସହ ସମସ୍ତ ଲାଇନମ୍ୟାନ ଉପସ୍ଥିତ ଥିଲେ। ବନବିଭାଗ ପକ୍ଷରୁ ରେଞ୍ଜର ବନବିହାରୀ ସର୍ଦ୍ଦାର, ପାଟଣା ଫରେଷ୍ଟର ନିରଞ୍ଜନ ସେଠୀ, ସାହାରପଡା ଫରେଷ୍ଟର ସୀମାନ୍ତ ବେହେରା, ଖିରେଇଟାଙ୍ଗିରି ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ସହ ସମସ୍ତ ବନରକ୍ଷୀ ଏବଂ ପାରାଷ୍ଟାଫ୍ ଯୋଗଦେଇଥିଲେ। ବନାଞ୍ଚଳ ଅଞ୍ଚଳରେ ବିଦ୍ୟୁତ ତାର ଯୋଗୁଁ ବନ୍ୟଜନ୍ତୁଙ୍କ ଜୀବନହାନି ରୋକିବା ପାଇଁ ସଚେତନତା ବୃଦ୍ଧି ସହ ଦୁଇ ବିଭାଗ ମଧ୍ୟରେ ସମୟୋପଯୋଗୀ ସୂଚନା ଆଦାନ ପ୍ରଦାନ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଏହାସହ ଆଗାମୀ ଦିନରେ ମିଳିତ ଭାବେ ପାଟ୍ରୋଲିଙ୍ଗ ଓ ନିରୀକ୍ଷଣ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବାକୁ ଉଭୟ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

**ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ନାଁରେ କୋଟି କୋଟି ଟଙ୍କା ହଡ଼ପ**

# ମୁହଁ ଖୋଲିବାରୁ ଚାକିରିରୁ ବହିଷ୍କାର !

ଆନନ୍ଦପୁର, ୧୪।୫ (ସମିସ)



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଫକୀରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ନାଁରେ କୋଟି କୋଟି ଟଙ୍କା ହଡ଼ପ ହୋଇଥିବା ସଂଗିନ ଅଭିଯୋଗ ହୋଇଛି। ଦୁର୍ନୀତି ସମ୍ପର୍କରେ ମୁହଁ ଖୋଲିବାରୁ ଭ୍ରମ୍ୟମାଣ ଗାଡ଼ିର ଡ୍ରାଇଭର ରବିନ୍ଦ୍ର ଆପଟଙ୍କୁ ଚାକିରିରୁ ଛଟେଇ କରାଯିବା ସହ ଜୀବନରୁ ମାରିଦେବାକୁ ଧମକ ଦେବା ଘଟଣା ସାମନାକୁ ଆସିଛି। ଏହା ଦୁର୍ନୀତିକୁ ଅଧିକ ଦୃଢ଼ୀଭୂତ କରିଛି। ଡ୍ରାଇଭର ରବୀନ୍ଦ୍ର ଅନ୍ୟାୟ ବିରୋଧରେ ଉଠାଇଥିଲେ ସ୍ୱର। ଯେଉଁମାନେ ଏହି ବାଟମରଣାରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ତଦନ୍ତ କରିବା ବଦଳରେ ଉପରିସ୍ଥ ଅଧିକାରୀ ଡ୍ରାଇଭରଙ୍କୁ ଚାକିରିରୁ ବାହାର କରିଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଅଭିଯୋଗ ଅନୁସାରେ, କେନ୍ଦୁଝର ଜିଲ୍ଲା ଡିଏମଏଫ ଫଣ୍ଡରୁ କୋଟି କୋଟି ଟଙ୍କା ବାଟମାରଣା ହୋଇଆସୁଛି। ଏନେଇ ପୂର୍ବରୁ ବାରମ୍ବାର ଅଭିଯୋଗଗୁଡ଼ିକ ଉପରେ ତଦନ୍ତ କରାଯାଇନାହିଁ। ଅପରପକ୍ଷରେ, ଅଭିଯୋଗ କରିବାରୁ ଚାକିରିରୁ ବହିଷ୍କୃତ କରିଥିବା ନେଇ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଭାମ୍ୟମ୍ରାଣ ଗାଡ଼ିର ଡ୍ରାଇଭର ରବୀନ୍ଦ୍ର ଆପଟ। ମିଳିଥିବା ସୂଚନା ଅନୁଯାୟୀ, ଏହି ଭ୍ରାମ୍ୟମାଣ ଗାଡ଼ି ଗାଁକୁ ଗାଁ ଯାଇ ସ୍ୱାସ୍ଥ୍ୟସେବା ଓ ଔଷଧ ବିତରଣ କରିବାକୁ ନିର୍ଦ୍ଦେଶ ଅଛି। ମିଳୁଥିବା ଉନ୍ନତ ମାନର କମ୍ପାନୀ ଔଷଧକୁ ବାହାରେ ବିକ୍ରି କରାଯାଇ ସରକାରୀ ଔଷଧକୁ ରୋଗୀଙ୍କୁ ଦିଆଯାଉଛି। ଡାକ୍ତରଙ୍କ ବଦଳରେ ଫାର୍ମାସିଷ୍ଟ ରୋଗୀ ଦେଖି ଔଷଧ ଦେଉଥିବା ସହ ଇସିଜି ମେସିନ ଆଜି ପର୍ଯ୍ୟନ୍ତ ବ୍ୟବହାର ହୋଇ ନ ଥିବା ଅଭିଯୋଗ ହୋଇଛି। ଅଙ୍ଗନବାଡ଼ି କର୍ମୀଙ୍କୁ ହାତବାରିସି କରି ଗାଁ ଲୋକଙ୍କ ନାମ ସଂଗ୍ରହ କରି ସେମାନଙ୍କ ନାଁରେ ବିଲ୍ କରି ଉପରୁ ତଳ କର୍ମଚାରୀ ପର୍ଯ୍ୟନ୍ତ କିପରି ହଡପ କରାଯାଉଛି ସେନେଇ ଗଣମାଧ୍ୟମ ଆଗରେ ଡ୍ରାଇଭର ମୁହଁ ଖୋଲିବାରୁ ତାଙ୍କୁ ଆଜି ତାଙ୍କ ଚାକିରି ହରାଇବାକୁ ପଡ଼ିଛି ବୋଲି ଅଭିଯୋଗ କରିଛନ୍ତି। କେନ୍ଦୁଝର ଡିଏମଏଫ ଫଣ୍ଡରୁ ଟଙ୍କା କିପରି ହରିଲୁଟ ହେଉଛି ତାହାର ଅସଲ କଥା ଏବେ ପଦାରେ ପଡିଛି। ତେବେ କେନ୍ଦୁଝର ଜିଲ୍ଲାପାଳ ଏହି ଅଭିଯୋଗ ଉପରେ ତଦନ୍ତ କରି ମେଡ଼ିକାଲ କର୍ମଚାରୀଙ୍କ ହରିଲୁଟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ରୋଗୀଙ୍କୁ କିପରି ସଠିକ ଚିକିତ୍ସା ମିଳିବ ସେ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।



**■ ପୁଲିସ, ଖଣି ଓ ରାଜସ୍ୱ ବିଭାଗର ମିଳିତ ତଦନ୍ତ**

# ବେଆଇନି ଗଚ୍ଛିତ ବାଲି ପାଇଁ ନିଲାମ ପ୍ରକ୍ରିୟା



ଆନନ୍ଦପୁର, ୧୪।୫(ସମିସ): ଆଗକୁ ଆସୁଥିବା ବର୍ଷା ଋତୁ ପାଇଁ ବେଆଇନ ଭାବେ ଗଚ୍ଛିତ ହେଉଛି ବାଲି। ଏହାକୁ ସର୍ବସାଧାରଣରେ ପ୍ରଶାସନ ପକ୍ଷରୁ ନିଲାମ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୁଲିସ, ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ଆଜିଠାରୁ ମିଳିତ ତଦନ୍ତ ଚାଲିଥିବା ଜଣାଯାଇଛି। ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଖଣି ବିଭାଗ ଓ ରାଜସ୍ୱ ବିଭାଗ ଅଧିକାରୀମାନେ ଧକୋଠା ବୀରଗୋବିନ୍ଦପୁର ଯୁଗଳକିଶୋରପୁର ମାର୍ଶାପାଳ ପ୍ରଭୃତି ଅଞ୍ଚଳରେ ବେଆଇନ ଭାବେ ଗଚ୍ଛିତ ଥିବା ବାଲି ଗଦାକୁ ଠାବ କରିଥିବା ଜଣାଯାଇଛି। ଲଘୁ ଖଣିଜ ସମ୍ପଦ ଲୁଟ୍ ରୋକିବା ପାଇଁ ଜିଲ୍ଲାରେ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ ହୋଇଥିଲେ ବି ଚୋରି ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ ଏହି ସ୍କ୍ୱାଡର ସେପରି କୌଣସି ପ୍ରଭାବ ଆନନ୍ଦପୁର ଉପଖଣ୍ଡ ଉପରେ ପଡୁ ନଥିବାରୁ ଆନନ୍ଦପୁର ଉପଖଣ୍ଡରେ ବାଲି ମାଫିଆଙ୍କ କାର୍ଯ୍ୟକଳାପ ଦିନକୁ ଦିନ ବଢୁଥିବା ନେଇ ଅଭିଯୋଗମାନ ହେଉଛି। ଆନନ୍ଦପୁର ତହସିଲ ଅନ୍ତର୍ଗତ ମାର୍ଶାପାଳ ଛକ ନିକଟ ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଚୋରା ବାଲିର ପାହାଡ଼ ଦେଖିବାକୁ ମିଳିଛି। ନିକଟସ୍ଥ ବୀରଗୋବିନ୍ଦପୁର, ତାଳଗାଁ ନିକଟରୁ ବୈତରଣୀ ନଦୀରୁ ବାଲି ଉତ୍ତୋଳନ କରାଯାଇ ଟ୍ରାକ୍ଟର ଯୋଗେ ଅଣାଯାଇ ଏଠାରେ ସରକାରୀ ଜମିରେ ଗଚ୍ଛିତ କରାଯାଇ ପରେ ମେସିନ୍ ଦ୍ୱାରା ହାଇୱାରେ ବାଲି ଲୋଡ୍ କରାଯାଇ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ମାର୍ଶାପାଳ ନିକଟରେ ଶହେ ଟ୍ରିପରୁ ଅଧିକ ବାଲି ଗଚ୍ଛିତ ଥିବା ଜଣାପଡ଼ିଛି। ଆନନ୍ଦପୁର ଉପଖଣ୍ଡର ବୁଢ଼ୀକୁଦ, କୋଡ଼ପଡ଼ା, ଆନନ୍ଦପୁର, ଫକୀରପୁର, ଟୁକୁଣା, ବାଟୋ, ତମୋ, ହାତୀଶିଳା, ଦରଡ଼ିପାଳ ନିକଟରୁ ଦିନ ଦ୍ୱିପ୍ରହରରେ ବାଲି ଚାଲାଣରେ ଶହଶହ ଟ୍ରାକ୍ଟର ନିୟୋଜିତ ହେଉଥିବା ବେଳେ ଏଠାରେ କେବେ ଚଢ଼ଉ ହେବ ବୋଲି ପ୍ରଶ୍ନ ଉଠିଛି।



# ରାସ୍ତା ସମ୍ପ୍ରସାରଣ ପାଇଁ ଜବରଦଖଲ ଉଚ୍ଛେଦ



କେନ୍ଦୁଝର, ୧୪।୫(ସମିସ): ଗାନ୍ଧୀ ଛକଠାରୁ ବଡ଼ବିଲ ବସଷ୍ଟପ ପର୍ଯ୍ୟନ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ସହ ପାର୍କିଂ ପାଇଁ ସ୍ଥାନ ଚିହ୍ନଟ ହୋଇଛି। ଆଜି କେନ୍ଦୁଝରଗଡ଼ ପୌରପାଳିକା ଏବଂ ସଦର ତହସିଲ ପକ୍ଷରୁ ଚିହ୍ନଟ କରାଯାଇଥିଲା। ଅନେକ ସ୍ଥାନରେ ସରକାରୀ ଜମି ଜବରଦଖଲ ଥିବାବେଳେ ସେମାନଙ୍କୁ କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ନୋଟିସ ଦିଆଯାଇ ଉଚ୍ଛେଦ କରାଯିବ। ରାସ୍ତା ଗୋଟିଏ ପାଶ୍ୱର୍ରେ ଡ୍ରେନ ଭାଙ୍ଗିରୁଜି ଯାଇଥିବାରୁ ନୂତନ ଡ୍ରେନ ନିର୍ମାଣ କରାଯିବ। ପୂର୍ତ୍ତ ବିଭାଗ ପକ୍ଷରୁ ଗାନ୍ଧୀ ଛକଠାରୁ କାଳୀମନ୍ଦିର ପର୍ଯ୍ୟନ୍ତ ୩୩୦ ମିଟର ଡ୍ରେନ କରାଯିବ ଏବଂ ଅବଶିଷ୍ଟ କାଳୀମନ୍ଦିରଠାରୁ ଧୃର୍ପଦା ଓଭରବ୍ରିଜ ପର୍ଯ୍ୟନ୍ତ ପୌରପାଳିକା ପକ୍ଷରୁ ନୂତନ ଡ୍ରେନ ନିର୍ମାଣ କରାଯିବ। ଏଥିସହ ଲୋକଙ୍କ ପାଦଚଲା ପାଇଁ ଫୁଟ୍‌ପାଥ ନିର୍ମାଣ କରାଯିବ। ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତାରୁ ମାଗୁରଗାଡିଆ ଯିବା ରାସ୍ତା ପାଶ୍ୱର୍ ଭି-ମାର୍ଟ ସପିଙ୍ଗ ମଲ ନିକଟରେ ୪୦ଡିସିମିଲ ସରକାରୀ ଜମି ଚିହ୍ନଟ ହୋଇଛି। ଉକ୍ତ ଜମିରେ ଗାଡି ପାର୍କିଂସ୍ଥଳ ନିର୍ମାଣ କରାଯିବ। ପାର୍କିଂ ପାଇଁ ଜାଗା ନଥିବାରୁ ରାସ୍ତା ପାଶ୍ୱର୍‌ରେ ଗାଡି ଛିଡା ହୋଇ ରହୁଥିବାରୁ ଗାଡି ଜାମ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି କରିବା ସହ ଦୁର୍ଘଟଣା ଘଟୁଛି। ଏହାକୁ ଦୃଷ୍ଟିରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ଉଚ୍ଛେଦ ବେଳେ କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ, ସଦର ଅତିରିକ୍ତ ତହସିଲଦାର ଦୁର୍ଗେଶ କଲ୍ୟାଣ ପ୍ରଧାନଙ୍କ ସମେତ କେନ୍ଦୁଝର ସଦର ତହସିଲ, କେନ୍ଦୁଝରଗଡ ପୌରପାଳିକାର ଓ ପୁଲିସ ବିଭାଗର କର୍ମଚାରୀ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟ କରିଥିଲେ। ରାସ୍ତା ପାଶ୍ୱର୍ରେ ମାପଚୁପ ବେଳେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ପାର୍କିଂସ୍ଥଳକୁ ଭଡ଼ା ଦେଇଥିବା ଦେଖିବାକୁ ମିଳିଥିଲା। ପାର୍କିଂସ୍ଥଳ ଭଡ଼ା ଲାଗିଥିବାରୁ ରାସ୍ତା ପାଶ୍ୱର୍‌ରେ ବେଆଇନ ପାର୍କିଂ ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ। ବିଲ୍ଡିଂ ପ୍ଲାନ ଯାଞ୍ଚ କରାଯାଇ ଘର ମାଲିକଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ପ୍ରକାଶ କରିଛନ୍ତି।

# ପୋଡୁ ଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଜଣେ ଗିରଫ




କେନ୍ଦୁଝର, ୧୪।୫(ସମିସ): ପୋଡୁ ଚାଷ ପାଇଁ ଗଛ କାଟି ନିଆଁ ଲଗାଇବା ଘଟଣାରେ ବନ ବିଭାଗ ଜଣଙ୍କୁ ଗିରଫ କରିଛି। ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଶୁଆକାଟୀ ସେକ୍ସନ କଖାରୁଆ ଡିପିଏଫ୍ ଜଙ୍ଗଲରେ ପୋଡୁ ଚାଷ ପାଇଁ ୧୩୪୨ଟି ଶାଳ ଗଛ କାଟି ନିଆଁ ଲଗାଇବା ଘଟଣାରେ କାଞ୍ଜିପାଣି ଥାନା ଅନ୍ତର୍ଗତ ଗୁଣ୍ଡୁଳା ଗ୍ରାମର ଦେବେନ୍ଦ୍ର କୁମାର ବେହେରା(୩୧)କୁ ବନବିଭାଗ ଗିରଫ କରିଛି। କଖାରୁଆ ଡିପିଏଫ୍‌ରେ ଦେବେନ୍ଦ୍ର ଏବଂ ତାଙ୍କ ପରିବାର ଲୋକ ପୋଡୁ ଚାଷ ଉଦ୍ଦେଶ୍ୟରେ ବହୁ ସଂଖ୍ୟାରେ ଶାଳ ଗଛ କାଟି ନିଆଁ ଲଗାଇଥିଲେ। ଏହି ଘଟଣାରେ ବନ ବିଭାଗ ଓଆର କେସ ନଂ ୯ ବିଜେ ଅଫ୍ ୨୦୨୬-୨୭/୧୩/୦୫/୨୦୨୬ରେ ଏକ ମାମଲା ରୁଜୁକରି ଦେବେନ୍ଦ୍ରକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଜେଏମ୍ଏଫସି (ସିଟି) କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ୍ ଏଚଠିଙ୍କ ନିର୍ଦ୍ଦେଶକ୍ରମେ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ, ଶୁଆକାଟୀ ସେକ୍ସନ ଫରେଷ୍ଟର ଜ୍ୟୋତିର୍ମୟୀ ପଟ୍ଟନାୟକ, ତରମାକାନ୍ତ ବିଟ୍ ଫରେଷ୍ଟ ଗାର୍ଡ ନିଲମ ମହାନ୍ତ, କୁଶକଳା ବିଟ୍ ଫରେଷ୍ଟ ଗାର୍ଡ ସନାତନ ମହାନ୍ତି, ଅଞ୍ଜର ବିଟ୍ ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତ, ବାଂଶପାଳ ବିଟ୍ ଫରେଷ୍ଟ ଗାର୍ଡ ମିଲିରାଣୀ ଦାସଙ୍କ ସମେତ ୧୦ଜଣ ସ୍କ୍ୱାଡ ପାଟ୍ରୋଲିଂ ବେଳେ ବେଆଇନ ଭାବେ କଖାରୁଆ ଜଙ୍ଗଲରେ ଗଛ କଟା ଯାଇଥିବା ଦେଖିବାକୁ ପାଇ ଦେବେନ୍ଦ୍ର କୁମାର ବେହେରାକୁ କାବୁ କରିଥିଲେ। ପୋଡୁ ଚାଷ ଉଦ୍ଦେଶ୍ୟରେ ଗଛ କାଟିଥିବା ସେ ବନ ବିଭାଗ ନିକଟରେ ସ୍ୱୀକାର କରିଥିଲା। ଜଙ୍ଗଲ ଭିତରେ କଟାଯାଇ ପଡିଥିବା ୧୩୪୨ଟି ଶାଳ ବଲା, ଦିଆସିଲ କାଠି, ୨ଟି ଟାଙ୍ଗିଆ ବନ ବିଭାଗ ଜବତ କରିଛି।

**ଅଙ୍ଗନବାଡ଼ି ଗୃହ ନିର୍ମାଣରେ ବିଳମ୍ବ**

# ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ



ହାଟଡ଼ିହୀ,୧୪।୫(ସମିସ): ହାଟଡ଼ିହୀ ବ୍ଲକ ବଞ୍ଚୋ ପଞ୍ଚାୟତର ସିଙ୍ଗଡୋଭ ଗ୍ରାମରେ ଅଙ୍ଗନବାଡ଼ି ଗୃହ ନିର୍ମାଣରେ ଦୀର୍ଘଦିନ ଧରି ବିଳମ୍ବ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ଦେଖାଦେଇଛି। ଏନେଇ ଗ୍ରାମବାସୀ ଗତ ୨୦ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀ ଜନଶୁଣାଣି ଅଭିଯୋଗ ପୋର୍ଟାଲରେ ମଧ୍ୟ ଅଭିଯୋଗ ପଞ୍ଜିକୃତ କରିଥିଲେ। ହେଲେ ଅଭିଯୋଗକୁ ଦୁଇ ମାସରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା କୌଣସି ଦୃଶ୍ୟମାନ ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି। ଜନଶୁଣାଣି ପୋର୍ଟାଲରେ ଅଭିଯୋଗର ସ୍ଥିତି ଏପର୍ଯ୍ୟନ୍ତ ବିଡ଼ିଓ ହାଟଡ଼ିହିଙ୍କ ପାଖରେ ପେଣ୍ଡିଂ ଦେଖାଉଥିବାରୁ ଗ୍ରାମବାସୀ ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ବିଡ଼ିଓଙ୍କ ମନ୍ଥର ଗତି ଓ ପ୍ରଶାସନିକ ଅବହେଳା ଯୋଗୁଁ ଛୋଟ ଛୋଟ ଶିଶୁମାନେ ଅସୁବିଧା ଭୋଗୁଥିବା ଦେଖିବାକୁ ମିଳିଛି। ଗ୍ରାମର ୧୨ ନମ୍ବର ୱାର୍ଡରେ ଅଙ୍ଗନବାଡ଼ି ଗୃହ ପାଇଁ ମଞ୍ଜୁରୀ, ଟେଣ୍ଡର ପ୍ରକ୍ରିୟା ଓ ଜମି ଚିହ୍ନଟ ସମେତ ସମସ୍ତ ପ୍ରଶାସନିକ କାର୍ଯ୍ୟ ସରିଥିବା ସତ୍ତ୍ୱେ ନିର୍ମାଣ କାମ ଆରମ୍ଭ ହୋଇନାହିଁ। ହାଟଡ଼ିହୀ ତହସିଲଦାର ମଧ୍ୟ ଆର୍ଆଇଙ୍କୁ ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ କାଗଜପତ୍ର ପ୍ରସ୍ତୁତ ଥିବା ପରେ ବି କାର୍ଯ୍ୟ ଆରମ୍ଭ ନହେବା ପଛରେ କାହାର ଚାପ କାମ କରୁଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ୩୦ରୁ ୪୦ ଜଣ କୋମଳମତି ଶିଶୁ ଏକ କମ୍ୟୁନିଟି ସେଣ୍ଟରରେ ଅସ୍ଥାୟୀ ଭାବେ ଅଙ୍ଗନବାଡ଼ି ଶିକ୍ଷା ସେବା ପାଉଛନ୍ତି। ବାରଣ୍ଡା ତଳେ ଖୋଲା ଆକାଶ ତଳେ ବସି ଭୋଜନ କରୁଛନ୍ତି। ଫଳରେ ପ୍ରାଥମିକ ଶିକ୍ଷା, ପୋଷଣ ଓ ସୁରକ୍ଷା ସେବାରୁ କୋମଳମତି ଶିଶୁମାନେ ବଞ୍ଚିତ ହେଉଥିବା ଅଭିଭାବକମାନେ କହିଛନ୍ତି। ଏନେଇ ଗ୍ରାମର ଶ୍ରୀଧର ଖଟୁଆ, ରମାକାନ୍ତ ଖଟୁଆ, ନିରଞ୍ଜନ ବେହେରା, ବୁଧିଆ ବେହେରାଙ୍କ ସମେତ ଅନେକ ଗ୍ରାମବାସୀ ଆନନ୍ଦପୁର ଉପଜିଲ୍ଲାପାଳ, ହାଟଡ଼ିହୀ ବିଡ଼ିଓ ଓ ଜିଲ୍ଲାପାଳ କେନ୍ଦୁଝରଙ୍କୁ ଭେଟି ଦାବି ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ। ଶିଶୁଙ୍କ ଭାଗ୍ୟ ଭବିଷ୍ୟତକୁ ଲକ୍ଷ୍ୟ କରି ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେଲେ ଗ୍ରାମବାସୀ ଆନ୍ଦୋଳନକୁ ତୀବ୍ର କରିବେ ଚେତାବନୀ ଦେଇଛନ୍ତି।

# ବସ୍ ଓ ଟ୍ରକ୍ ମାଲିକଙ୍କୁ ଘାରିଲାଣି ଡିଜେଲ ଚିନ୍ତା

**▸▸ ପରିବହନ ଓ ଗାଡ଼ି ଚଳାଚଳ ନେଇ ବଢୁଛି ଆଶଙ୍କା**

**▸▸ ଟାଙ୍କି ପୂରାଇବାକୁ ଏକାଧିକ ପମ୍ପକୁ ଧାଉଁଛନ୍ତି ଟ୍ରକ୍ ମାଲିକ**

ଚମ୍ପୁଆ, ୧୪।୫(ସମିସ)



ବର୍ତ୍ତମାନ ଚାରିଆଡ଼େ ଡିଜେଲର ଅଭାବ। ପେଟ୍ରୋଲ ଅଭାବ ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ଏହି କାରଣରୁ ବସ୍ ଓ ଟ୍ରକ୍ ମାଲିକଙ୍କୁ ଘାରିଲାଣି ପରିବହନ ଚିନ୍ତା। ଯାତ୍ରୀ ପରିବହନଠାରୁ ଆରମ୍ଭ କରି ଖଣିଜ ପଦାର୍ଥ ପରିବହନ ବର୍ତ୍ତମାନଠାରୁ ପ୍ରଭାବିତ ହେବାକୁ ଆରମ୍ଭ ହେଲାଣି। ବିଶେଷ ଭାବରେ ଦୂର ଦ୍ରୁତଗାମୀ ବସ୍‌ଗୁଡିକ ଜେନେତେନେ ପ୍ରକାରଣ ଡିଜେଲ ପକାଇ ଯାତ୍ରୀ ପରିବହନକୁ ସମ୍ଭାଳିଥିବା ବେଳେ ସ୍ୱଳ୍ପ ଦୂରଗାମୀ ବସର ଅବସ୍ଥା କହିଲେ ନସରେ। କେତେକ ଗାଡି ମାଲିକ ଯାତ୍ରୀ ପରିବହନ ପାଇଁ ଜିଲ୍ଲା ବାହାରୁ ଡିଜେଲ ସଂଗ୍ରହ କରୁଥିବା ବେଳେ କେତେକ ସ୍ଥାନରେ ଡିଜେଲ ଅଭାବରୁ ଦିନସାରା ଯାତାୟତ କରୁଥିବା ବସଗୁଡିକ ଠିଆ ହୋଇ ରହୁଛି। ସେହିପରି ଚମ୍ପୁଆ ଉପଖଣ୍ଡ ଏକ ଖଣିଜ ଅଞ୍ଚଳ ହୋଇଥିବାରୁ ଦୈନିକ ହଜାର ହଜାର ଟନ୍ ଖଣିଜ ପରିବହନ ଟ୍ରକ୍ ଯୋଗେ ହୋଇଥାଏ। ମାତ୍ର କିଛି ଦିନ ହେବ ତେଲ ଅଭାବରୁ ଅନେକ ଗାଡି ପରିବହନ କ୍ଷେତ୍ରରେ ପ୍ରମୁଖ ଅସୁବିଧାର ସମ୍ମୁଖୀନ ହେବା ସହିତ ଗାଡିଗୁଡିକୁ ଛିଡ଼ା କରିବାକୁ ମାଲିକମାନେ ବାଧ୍ୟ ହେଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ଟ୍ରାନ୍ସପୋର୍ଟ ମାଧ୍ୟମରେ ଖଣିଜ ପରିବହନ କରାଯାଉଥିବା ବେଳେ ଟ୍ରାନ୍ସପୋର୍ଟ ପକ୍ଷରୁ ଟ୍ରକ ମାଲିକଙ୍କୁ ପରିବହନ ପଥରେ ଥିବା ତେଲ ଟାଙ୍କିଗୁଡିକରେ ତେଲ ପକାଇବା ପାଇଁ ଟୋକନ ପ୍ରଦାନ କରୁଥିବା ବେଳେ ବର୍ତ୍ତମାନ ସିଧାସଳଖ ଏ ବ୍ୟବସ୍ଥାକୁ ଉଠାଇଦେଇ ଯେଉଁଠି ପାରିବ ସେଇଠି ତେଲ ପକାଇବାକୁ ଅର୍ଥ ପ୍ରଦାନ କରୁଛନ୍ତି। ଅନ୍ୟପକ୍ଷରେ କେତେକ ତେଲ ଟାଙ୍କି ପକ୍ଷରୁ ଗାଡିଗୁଡିକୁ ଆବଶ୍ୟକ ତୁଳନାରେ ତେଲ ପ୍ରଦାନ କରାନଯାଇ ସୀମିତ ଅର୍ଥରେ ତେଲ ପ୍ରଦାନ କରାଯାଉଥିବା ଜଣାଯାଇଛି। ଫଳରେ ତେଲ ଅଭାବର ପ୍ରଭାବ ସିଧାସଳଖ ପରିବହନ ବ୍ୟବସ୍ଥା ଉପରେ ପଡିଛି। ଏନେଇ ଚମ୍ପୁଆ ଉପଖଣ୍ଡ ଘରୋଇ ବସ ମାଲିକ ସଂଘ ସମ୍ପାଦକ ଉତ୍ତମ କରଙ୍କୁ ପଚାରିବାରୁ ଏଭଳି ପରିସ୍ଥିତି ଲାଗିରହିଲେ ଆଗାମୀ ୧୫ରୁ ୨୦ ଦିନ ମଧ୍ୟରେ ଯାତ୍ରୀ ପରିବହନରେ ଜଟିଳ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି। ଏନେଇ ଆସନ୍ତା ୧୫ ତାରିଖ ବସ ମାଲିକ ସଂଘ ବୈଠକ ଡକାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଯୋଡା ଟ୍ରକ ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକଙ୍କୁ ପଚାରିବାରୁ କହିଛନ୍ତି ଯେ ଆଗାମୀ ଦିନରେ ଡିଜେଲ ଅଭାବ ପରିସ୍ଥିତିକୁ ସଂକଟମୟ କରିବ। ଆଜିବି ଟ୍ରକ ମାଲିକମାନେ ଡିଜେଲ ନପାଇ ଗାଡି ଛିଡା କରୁଥିବା ବେଳେ କେତେକ ମାଲିକ ୧୦ ହଜାର ଟଙ୍କାର ତେଲ ପକାଇବାକୁ ହେଲେ ଏକାଧିକ ଟାଙ୍କିରେ ଦ୍ୱାରସ୍ଥ ହୋଇ ହଜାରେ ଦୁଇହଜାର ଟଙ୍କାର ତେଲ ପକାଇବା ପାଇଁ ବାଧ୍ୟ ହେଉଛନ୍ତି। ଫଳରେ ତେଲ ସଙ୍କଟ ପାଇଁ ଖୁବ କମ୍ ଦିନରେ ଖଣି ପରିବହନ ସମସ୍ୟା ଦେଖା ହେବାର ସମ୍ଭାବନା ରହିଛି ବୋଲି ମତ ଦେଇଛନ୍ତି।

## ମା' କୀଚକେଶ୍ୱରୀ ମନ୍ଦିର ସୌନ୍ଦର୍ଯ୍ୟକରଣ ଘୋଷଣାରେ ସୀମିତ

# ଇଟା ଖଣ୍ଡେ ବି ପଡ଼ିନି, ସନ୍ଦେହରେ ଜିଲ୍ଲାବାସୀ



ରାଇରଙ୍ଗପୁର, ୧୪।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀ ମନ୍ଦିର ବିଶ୍ୱର ଏକମାତ୍ର କଳା ମୁଗୁନି ପଥରରେ ନିର୍ମିତ ମନ୍ଦିର ଅଟେ। ଯାହାର କି ଏକ ଧାର୍ମିକ ପୀଠ ହୋଇଥିବାବେଳେ ଅନେକ ପୌରାଣିକ ମହତ୍ୱ ରହିଛି। ଏହାର ସୌନ୍ଦର୍ଯ୍ୟକରଣ ନେଇ ବିଜେପି ସରକାର ତିଳେ ହେଲେ ମନୋନିବେଶ କରୁନାହାଁନ୍ତି। କେବଳ ଘୋଷଣାବାଜିରେ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସୀମିତ ରହିଛି। ଯାହାକୁ ନେଇ ଜିଲ୍ଲାବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି। ଯଶିପୁର ଅଞ୍ଚଳର ଖିଚିଂସ୍ଥ ମା' କୀଚକେଶ୍ୱରୀ ମନ୍ଦିରର ଉନ୍ନତିକରଣ ନିମନ୍ତେ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କିନ୍ତୁ ତାହାକୁ ତ୍ୱରାନ୍ୱିତ କରି କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ କରିବାରେ ବିଜେପି ସରକାରଙ୍କ ଅନେକ ଅବହେଳା ଦେଖିବାକୁ ମିଳିଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୪ ଫେବୃଆରୀ ୨୮ ତାରିଖରେ ମୟୂରଭଞ୍ଜ ଗସ୍ତ ଅବସରରେ ମା' କିଚକେଶ୍ୱରୀ ମନ୍ଦିର ପୂଜା କରିବା ପାଇଁ ଆସିଥିଲେ। ଏ ସମୟରେ ମନ୍ଦିର ସୌନ୍ଦର୍ଯ୍ୟକରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନାରେ ସାମିଲ କରାଯାଇଥିବା କହିଥିଲେ। ୫୨ କୋଟି ୯୩ ଲକ୍ଷ ଟଙ୍କାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବା ନେଇ ଘୋଷଣା କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫ ମାର୍ଚ୍ଚ ୧ ତାରିଖରେ ଖିଚିଂ ମହୋତ୍ସବର ଉଦଯାପନୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମନ୍ଦିରର ସୌନ୍ଦର୍ଯ୍ୟକରଣ ନେଇ ୫୦ କୋଟି ସରକାରୀ ଅନୁଦାନ ଘୋଷଣା କରିଥିଲେ। ଉକ୍ତ ଅନୁଦାନ ଟଙ୍କାରେ ମନ୍ଦିର ସୌନ୍ଦର୍ଯ୍ୟକରଣ ନିମନ୍ତେ ଐତିହାସିକ ପ୍ରବେଶ ଗେଟ୍, ମୃତ୍ୟୁଞ୍ଜୟ ମହାଦେବ ମନ୍ଦିର ଉନ୍ନତିକରଣ, ଶ୍ରଦ୍ଧାଳୁଙ୍କ ବିଶ୍ରାମ ଗୃହ, ପ୍ରସାଦ ସେବନ ମଣ୍ଡପ, ସାଂସ୍କୃତିକ ବଜାର, ରାସ୍ତା, ବସ୍‌ଷ୍ଟାଣ୍ଡ, ପାର୍କିଂ ଓ ପାର୍କ ସମେତ ଅନ୍ୟ ୩୪ଟି ପ୍ରକଳ୍ପ ରହିଛି। କିନ୍ତୁ ଉକ୍ତ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ କାର୍ଯ୍ୟ କେବଳ ଘୋଷଣାରେ ସୀମିତ ରହିଛି। କାର୍ଯ୍ୟ ନେଇ ଦୁଇ ଦୁଇଥର ଡିପିଆର ମଧ୍ୟ ପ୍ରସ୍ତୁତ ହୋଇଛି। କିନ୍ତୁ କୋଟି କୋଟି ଟଙ୍କା ଘୋଷଣା ପରେ ଉନ୍ନତିକରଣ ପାଇଁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ହୋଇନାହିଁ। ରାଜ୍ୟର ଅନ୍ୟାନ୍ୟ ମନ୍ଦିରରେ ଆଖିଦୃଶିଆ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇଥିଲେ ସୁଦ୍ଧା ମା' କୀଚକେଶ୍ୱରୀ ମନ୍ଦିର ଭଳି ଏକ ଐତିହାସିକ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ବିଜେପି ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିନ୍ତୁ ସରକାରୀ ଇଚ୍ଛାଶକ୍ତି ଅଭାବ ଯୋଗୁଁ ଘୋଷଣାର ବର୍ଷ ବର୍ଷ ପରେ ବି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇନି। ଏଥିପ୍ରତି ଦୃଷ୍ଟି ଦେଇ ଅଧିଷ୍ଠାତ୍ରୀ ଦେବୀଙ୍କ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି।

ସେହିପରି ମୁଗୁନି ପଥରରୁ ମୂର୍ତ୍ତି ପ୍ରସ୍ତୁତ କରୁଥିବା କାରିଗରୀଙ୍କ ଗ୍ରାମ କେଶନାକୁ ଶିଳ୍ପୀ ଗ୍ରାମ ମାନ୍ୟତା ମଧ୍ୟ ମିଳିନାହିଁ। କାରୀଗରମାନେ ମୁଗୁନି ପଥରରୁ ସୁନ୍ଦର କାରୁକାର୍ଯ୍ୟ କରି ସୁନ୍ଦର ପଥର ମୂର୍ତ୍ତିମାନ ପ୍ରସ୍ତୁତ କରିଥା'ନ୍ତି। ଯାହାକି ଅନ୍ୟ କେଉଁଠି ମିଳିବା ସମ୍ଭବ ନୁହେଁ। ଗ୍ରାମରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ କାରିଗର ପରିବାର ରହିଥିବାବେଳେ ସେମାନେ ମୁଗୁନି ପଥରରୁ ମୂର୍ତ୍ତି କରି ଜୀବନଜୀବିକା ନିର୍ବାହ କରନ୍ତି। କିନ୍ତୁ ମାନ୍ୟତା ଅଭାବରୁ କାରିଗର କ୍ଷତି ସହିବାରେ ଲାଗିଛନ୍ତି। ମନ୍ଦିର ସୌନ୍ଦର୍ଯ୍ୟକରଣ ହେଲେ କେଶନା ଗ୍ରାମର ମଧ୍ୟ ଉନ୍ନତି ହେବ। ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହେବ। ଫଳରେ କାରିଗରମାନେ ଦଲାଲଙ୍କ ଶିକାର ନ ହୋଇ ଲାଭବାନ ହେବେ। ଶିଳ୍ପୀ ଗ୍ରାମର ମାନ୍ୟତା ପାଇଲେ ସାରା ବିଶ୍ୱରେ ପରିଚୟ ସୃଷ୍ଟି ହେବ। ବିକ୍ରି ନିମନ୍ତେ ସ୍ଥାନୀୟ ଅଞ୍ଚଳରେ ଶିଳ୍ପ ବଜାର ପ୍ରତିଷ୍ଠା, ଗ୍ରାମ ଉନ୍ନତିକରଣ, ମୂର୍ତ୍ତି ନିର୍ମାଣ ପାଇଁ ସଠିକ ମୂଲ୍ୟରେ କଞ୍ଚାମାଲ ଉପଲବ୍ଧ, ମୂର୍ତ୍ତି ନିର୍ମାଣ ତାଲିମ, ମେସିନ ଯୋଗାଇବା, କାରିଗର ଓ ତାଙ୍କ ପରିବାରକୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ବ୍ୟବସ୍ଥା ହୋଇପାରିବ।



### ସେମାନେ ଯାହା କୁହନ୍ତି..

ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀ ଉଭୟ ଗସ୍ତ ଅବସରରେ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନେଇ ଘୋଷଣା କରିଛନ୍ତି। କିନ୍ତୁ କାର୍ଯ୍ୟ ଆରମ୍ଭ ପ୍ରକ୍ରିୟାରେ ବିଳମ୍ବ ଘଟିଛି। ପ୍ରସାଦ ଯୋଜନାରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନେଇ ଡିପିଆର ପ୍ରସ୍ତୁତ ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବ୍ୟବସ୍ଥା କରିବି।

**-ନବଚରଣ ମାଝୀ, ସାଂସଦ**

ମନ୍ଦିର ସୌନ୍ଦର୍ଯ୍ୟକରଣ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଡିପିଆର ପ୍ରସ୍ତୁତି ସରିଛି। ଡିପିଆର କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗକୁ ପ୍ରଦାନ କରାଯାଇଛି। ସଚିବ ସ୍ତରରେ ଅନୁଧ୍ୟାନ କରି ଅନୁମୋଦନ ମିଳିବା ପରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହେବ। ଏ ନେଇ ମନ୍ଦିରର ସେବାୟତ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଖୁବଶୀଘ୍ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହେବ।

**-ଦୟାସିନ୍ଧୁ ପରିଡ଼ା, ଉପଜିଲ୍ଲାପାଳ, କରଞ୍ଜିଆ**

ବିଶ୍ୱର ଏକମାତ୍ର କଳା ମୁଗୁନି ପଥରରେ ନିର୍ମିତ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀ ମନ୍ଦିର ଅଟେ। ମନ୍ଦିର ସୌନ୍ଦର୍ଯ୍ୟକରଣ ନେଇ ପ୍ରଥମେ ପ୍ରସାଦ ଯୋଜନାରେ ସାମିଲ ହୋଇ ଅର୍ଥ ଘୋଷଣା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଘୋଷଣା ହୋଇସାରିବା ପରେ ମଧ୍ୟ ଆମ ଅଧିଷ୍ଠାତ୍ରୀ ଦେବୀଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବିଳମ୍ବ ହେବା ମୟୂରଭଞ୍ଜ ଜିଲ୍ଲାକୁ ଅବହେଳାର ଆଉ ଏକ ଦୃଷ୍ଟାନ୍ତ ଅଟେ। ସେହିପରି ପଥର କାରିଗରଙ୍କ ଗ୍ରାମ କେଶନା ଗ୍ରାମକୁ ଶିଳ୍ପୀ ଗ୍ରାମର ମାନ୍ୟତା ପ୍ରଦାନ କରାଗଲେ ଏହି ଶିଳ୍ପର ଉଚିତ୍ ପ୍ରଚାର ପ୍ରସାର ସହ ବ୍ୟବସାୟୀକରଣ ହୋଇପାରିବ। ଯଦ୍ୱାରା ବ୍ୟବସାୟ ଆଗକୁ ବଢ଼ିବା ସହିତ କାରିଗରଙ୍କ ଆର୍ଥିକ ଅବସ୍ଥା ସୁଧାରିବ। ଏ ନେଇ ସଂଗଠନ ପକ୍ଷରୁ ବହୁବାର ଦାବି କରାଯାଇଛି। ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଗଲେ ଭଞ୍ଜସେନା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ।

**-କଳିଙ୍ଗ କେଶରୀ ଜେନା, ପ୍ରତିଷ୍ଠାତା, ଭଞ୍ଜସେନା**

● ତିରିଂରେ ଡବଲ ମର୍ଡର ଘଟଣା

## ହତ୍ୟାକାରୀ ପରିବାର ପକ୍ଷରୁ ଥାନାରେ ଅଭିଯୋଗ

ରାଇରଙ୍ଗପୁର, ୧୪।୫(ସମିସ): ତିରିଂ ଥାନା ଅଞ୍ଚଳରେ ଘଟିଥିବା ଡବଲ ମର୍ଡର ଘଟଣାର ହତ୍ୟାକାରୀ ମୋଚକା ଆଲଦା (୨୮)ର ସଙ୍ଘବଦ୍ଧ ଆକ୍ରମଣରେ ମୃତ୍ୟୁ ଘଟିଛି। ଏ ନେଇ ହତ୍ୟାକାରୀ ପରିବାର ତିରିଂ ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ପୂର୍ବାହ୍ନ ସମୟରେ ମୋଚକା ଆଲଦା ନିଶାଶକ୍ତ ଅବସ୍ଥାରେ ଶାବଳ ଓ ଧାରୁଆ ଅସ୍ତ୍ରରେ ତିରିଂ ଥାନା ଅନ୍ତର୍ଗତ କୁଲୁଘୁଟୁ ଗ୍ରାମର ଗୋପୀନାଥ ସର୍ଦ୍ଦାର(୬୨) ଓ ବୁଦ୍ଧେଶ୍ୱର ରଣା(୪୮)ଙ୍କୁ ନୃଶଂସ ଭାବେ ହତ୍ୟା କରିଥିଲା। ଏହାପରେ ମୃତକଙ୍କ ପରିବାର ଲୋକ ଓ ସମ୍ପର୍କୀୟଙ୍କ ସଙ୍ଘବଦ୍ଧ ଆକ୍ରମଣରେ ହତ୍ୟାକାରୀ ଗୁରୁତର ହୋଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସ୍ପଷ୍ଟ ଦିବାଲୋକରେ ସର୍ବସମ୍ମୁଖରେ ହତ୍ୟା ଘଟିଥିବାବେଳେ ଲୋକମାନେ ଉତ୍ତେଜିତ ହୋଇଥିଲେ। ଅଭିଯୁକ୍ତ ମୋଚକାକୁ କାବୁ କରି ଦଉଡ଼ିରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ମୃତକଙ୍କ ପରିବାର ଲୋକ ଓ ସମ୍ପର୍କୀୟ ପଥରରେ ଗୋଡକୁ ଭାଙ୍ଗି ଦେଇଥିଲେ। ସ୍ଥାନୀୟ ଲୋକ ତିରିଂ ଥାନାକୁ ଖବର ଦେବାରୁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ଲୋକଙ୍କ କବଳରୁ ଉଦ୍ଧାର କରି ଗିରଫ କରିବା ସହିତ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲା। ଗ୍ରାମବାସୀ ସଙ୍ଘବଦ୍ଧ ଭାବେ ଛାତି ଓ ଗୋଡ଼କୁ ଆକ୍ରମଣ କରିବା ଯୋଗୁଁ ମୋଚକାର ଅବସ୍ଥା ସଙ୍କଟାପନ୍ନ ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ତିରିଂ ଥାନାରେ ମୋଚକାଙ୍କ ପିତା ବିଜୟ ଆଲଦା ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ

କୁଆମରା, ୧୪।୫(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତ ପଟୁଆ ଗ୍ରାମରେ ୧୯୬୭ରେ ପ୍ରତିଷ୍ଠା ହୋଇଥିବା ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ତଥା ସ୍ୱର୍ଗତ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ଏକାଦଶ ଶ୍ରାଦ୍ଧବାର୍ଷିକୀ ଅରବିନ୍ଦ ସାଧନାଳୟ ମାତୃ ନିବାସରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଅରବିନ୍ଦ ଯୁବ ଛାତ୍ର ସମାଜ ପାଠଚକ୍ରର ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଶିକ୍ଷାବିତ ପ୍ରଫୁଲ୍ଲ ମହାଳିକ, କିଶୋର ଚନ୍ଦ୍ର ମହାପାତ୍ର, ସଂଯୁକ୍ତା ପ୍ରଧାନ, ସମାଜସେବୀ ଶଶୀକାନ୍ତ ଭୋଇ, ଅନ୍ତର୍ଯ୍ୟାମୀ ସେଠୀ ପ୍ରମୁଖ ଯୋଗଦେଇ ମଣିଷକୁ ମାନସିକ ଭାବେ ଶକ୍ତିଶାଳୀ କରାଇବାର ଅମୋଘ ଅସ୍ତ୍ର ଧୈର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପରେ ଦ୍ୱିତୀୟ ଅଧିବେଶନରେ ସାଧାରଣ ଜୀବନ, ଧାର୍ମିକ ଜୀବନ ଓ ଆଧ୍ୟାତ୍ମିକ ଜୀବନ ଉପରେ ଆଲୋଚନା ହୋଇଥିଲା। ଏ ଅବସରରେ ସ୍ୱର୍ଗତ ମୃତ୍ୟୁଞ୍ଜୟଙ୍କ ସ୍ମୃତିଚାରଣ କରାଯାଇଥିଲା। ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ଚିତ୍ତରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ନିଗମାନନ୍ଦ ମହାପାତ୍ର ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ପତାକା ଓ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ଆବାହନି ସଙ୍ଗୀତ ପରିବେଷଣ କରାଯାଇଥିଲା। ପାଠଚକ୍ରର ସମସ୍ତ ସଭ୍ୟସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଜ ଧର୍ମକୁ ଫେରିଲେ ୪ ପରିବାର



କପ୍ତିପଦା, ୧୪।୫ (ସମିସ): ଭାରତ ବର୍ଷ ଧର୍ମ ନିରପେକ୍ଷ ରାଷ୍ଟ୍ରର ସୁଯୋଗରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଧୀରେ ଧୀରେ ନିଜର କାୟାବିସ୍ତାର କରିବାରେ ଲାଗିଛନ୍ତି। ବିଶେଷକରି ନିରୀହ ଆଦିବାସୀ ଲୋକଙ୍କ ମଧ୍ୟରେ ଅନ୍ଧବିଶ୍ୱାସ ଜାଗ୍ରତ କରାଇ ତାଙ୍କ ସରଳତାର ସୁଯୋଗରେ ସେମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଖ୍ରୀଷ୍ଟିଆନ ଧର୍ମରେ ସାମିଲ କରାଉଛନ୍ତି। ଯାହା କପ୍ତିପଦା ବ୍ଲକ ଜଡ଼ିଦା ଞ୍ଚାୟତର ପଥର ଖଣି ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଏହି ଗ୍ରାମର ଭାଟୁ ମାରାଣ୍ଡି, ବାଲି ମାରାଣ୍ଡି, ପିରୁ ମାରାଣ୍ଡି ଓ ଆରତୀ ମାରାଣ୍ଡି ଓ ତାଙ୍କ ପରିବାର ସଦସ୍ୟ ତିନିବର୍ଷ ପୂର୍ବରୁ ବିଭିନ୍ନ ରୋଗରେ ପୀଡିତ ଥିବା ସୁଯୋଗରେ ଖ୍ରୀଷ୍ଟ ଧର୍ମର ଲୋକେ ସେମାନଙ୍କୁ ଯୋଗାଯୋଗ କରି ତାଙ୍କ ଧର୍ମରେ ସାମିଲ ହେଲେ ସବୁ ରୋଗ ଛାଡ଼ିଯିବ, କୌଣସି ଅଭାବ ଅସୁବିଧା ରହିବ ନାହିଁ, ଏଭଳି ପ୍ରଲୋଭନ ଦେଖାଇ ଖ୍ରୀଷ୍ଟିଆନ ଧର୍ମରେ ସାମିଲ କରାଇଥିଲେ। ତିନିବର୍ଷ ପରେ ସେମାନେ ନିଜେ ଅନୁଭବ କରିଥିଲେ ଯେ ଏହା ଏକ ମିଥ୍ୟା ପ୍ରଚାର ଓ ପ୍ରଲୋଭନ ଦେଖାଇ ନିଜ ଧର୍ମର ସଂଖ୍ୟା ବଢ଼ାଇବା। ତେଣୁ ସେମାନେ ନିଜର ଭୁଲ ବୁଝିପାରି ଗ୍ରାମ ମୁଖିଆଙ୍କ ସହିତ ଯୋଗାଯୋଗ କରି ସ୍ୱଧର୍ମକୁ ଫେରିଛନ୍ତି। ଗ୍ରାମର ବିଧି ଅନୁଯାୟୀ ତିନି ହାଣ୍ଡି ହାଣ୍ଡିଆ, ପାଞ୍ଚଟି କୁକୁଡା ଓ ଗୋଟିଏ ଛେଳି ଦେଇ ଭୋଜିଭାତ କରାଇ ନିଜ ଧର୍ମକୁ ଫେରିଛନ୍ତି। ଏ ସମ୍ପର୍କରେ ସମାଜସେବୀ ବିଜୁ ହେମ୍ବ୍ରମ ଓ ଜଗଦିଶ ମୁର୍ମୁ କହିଛନ୍ତି, ସରକାର ଏ ଦିଗରେ ଲୋକଙ୍କୁ ସଚେତନ କରାଇବା ଉଚିତ। ଖ୍ରୀଷ୍ଟିଆନମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଅନୁଷ୍ଠାନ ମାଧ୍ୟମରେ ଲୋକଙ୍କୁ ପ୍ରଲୋଭିତ କରାଇ ହିନ୍ଦୁ ଧର୍ମ ସଂଖ୍ୟା କମାଇବାରେ ଲାଗିଥିବା ଅଭିଯୋଗ କରିଛନ୍ତି।

## କପ୍ତିପଦା ବ୍ଲକ୍‌ର ମାଟ୍ରିକ୍ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କପ୍ତିପଦା, ୧୪।୫ (ସମିସ): ଚଳିତ ବର୍ଷ ମାଟ୍ରକ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା କପ୍ତିପଦା ବ୍ଲକ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଲାଲବାହାଦୁର ଉଚ୍ଚ ବିଦ୍ୟାଳୟର ଭାଗ୍ୟଲକ୍ଷ୍ମୀ ପଲତା ୫୪୯ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବାବେଳେ କ୍ଷୀରାବ୍ଧି ତନୟା ଗାଁଣ ୫୪୦ ନମ୍ବର ରଖି ତୃତୀୟ ଓ କପ୍ତିପଦା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଶୁଭସ୍ମିତା ବେହେରା ୫୪୪ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରି ବ୍ଲକର ସୁନାମ ଅର୍ଜନ କରିଥିବାବେଳେ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କପ୍ତିପଦା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସିଂରାୟ ମୁର୍ମୁ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରେସ୍ମା ଟେଟେ, ମୁଖ୍ୟବକ୍ତା ଭାବେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଭାରତୀ ନାୟକ ଯୋଗଦେଇ ତିନିଜଣ ମେଧା ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଶିକ୍ଷା ରୂପକ ବହ୍ନିକୁ ବାରମ୍ବାର ପ୍ରଜ୍ୱଳିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେଶ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ନାରାୟଣ ବେହେରା ଧନ୍ୟବାଦ ଦେଇଥିଲେ।

## ଚତୁରେଶ୍ୱର ମନ୍ଦିରରେ ପଞ୍ଚକୁଣ୍ଡୀୟ ଯଜ୍ଞ



କୁଆମରା, ୧୪।୫(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଚତୁରୀ ଗ୍ରାମର ବାବା ଚତୁରେଶ୍ୱର ମନ୍ଦିରରେ ଦ୍ୱାଦଶ ବାର୍ଷିକ ତ୍ରିଦିନାବକ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାରୁଦ୍ର ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ଯଜ୍ଞ ଉତ୍ସବରେ ସୋମବାର ଦିନ ସ୍ଥାନୀୟ ନାଲୁହା ନଦୀରୁ ୧୦୮ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ସ୍ଥଳକୁ ଆସିଥିଲା। ଚତୁର୍ବେଦ ବ୍ରାହ୍ମଣଙ୍କ ଦ୍ୱାରା ବେଦ ପାଠ, ବିଷ୍ଣୁ ଯଜ୍ଞ, ଗୀତା ପାଠ, ରୁଦ୍ରାଭିଷେକ, ଚଣ୍ଡୀପାଠ ପ୍ରଭୃତି କାର୍ଯ୍ୟ ସମ୍ପନ୍ନ ହୋଇଛି। ବଂଶୀଧର ଦାସଙ୍କ ତତ୍ତ୍ୱାବଧାନରେ ୧୫ ଜଣ ବ୍ରାହ୍ମଣ ଯୋଗ ଦେଇଥିଲେ। ମୁଖ୍ୟ ପଣ୍ଡିତ ଜଗଦୀଶ ମହାପାତ୍ର, ମନ୍ଦିର ପୂଜକ ଅନନ୍ତ ବାସୁଦେବ ଶତପଥୀ ପୂଜା କାର୍ଯ୍ୟ ତୁଲାଇଥିବାବେଳେ ସତ୍ୟପ୍ରକାଶ ପଣ୍ଡା ଚଣ୍ଡୀପାଠ କରିଥିଲେ। କର୍ତ୍ତା ଭାବେ ବଂଶୀଧର ଦାସ, ପ୍ରଦୀପ ଦାସ, କବିତ ଦାସ, ରବିତ ଦାସଙ୍କ ସହ ଧର୍ମପତ୍ନୀମାନେ କାର୍ଯ୍ୟ ତୁଲାଇଥିଲେ। ଆଜି ପୂର୍ଣ୍ଣାହୁତି ଦିବସରେ ସାଧୁସନ୍ଥ ଓ ପଣ୍ଡିତମାନେ ଯୋଗ ଦେଇଥିଲେ। ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବିଭିନ୍ନ ପ୍ରାନ୍ତରରୁ ବହୁ ଭକ୍ତ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ନେବା ସହ ପ୍ରସାଦ ସେବନ କରିଥିଲେ। ସୁମନ୍ତ କୁମାର ଦାସ, ସୁବଳ ଦାସ, ଶକ୍ତିପଦ ଲେଙ୍କା, ସନ୍ୟାସୀ ଦତ୍ତ, ଦିଲ୍ଲୀପ କୁମାର ଦାସ, ଅନ୍ତର୍ଯ୍ୟାମୀ ଭଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ସନ୍ଧ୍ୟାରେ ସୁଭାଶିଷ ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅମାନିଆଙ୍କୁ ୨୭ ହଜାର ଜରିମାନା

କୁଆମରା, ୧୪।୫(ସମିସ): ଖୁଣ୍ଟା ପୁଲିସ ପକ୍ଷରୁ ବାଇକ୍ ଓ ଚାରିଚକିଆ ଯାନ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ବାରମ୍ବାର ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ପୁଲିସର ମୁଣ୍ଡବ୍ୟଥା ବଢ଼ାଇଛି। ତେବେ ଏହାକୁ ରୋକିବା ପାଇଁ ଗୁରୁତର ସହ ପଦକ୍ଷେପ ନିଆଯାଉଛି ବୋଲି ଆଇଆଇସି ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି। ତେବେ ଖୁଣ୍ଟା ଛକ, କେନାଲ ଛକ, କୁସୁମଘାଟି ଅଞ୍ଚଳରେ ଏହି ଯାଞ୍ଚ କରାଯାଇଥିଲା। ହେଲମେଟ ପିନ୍ଧି ନ ଥିବା, ସିଟ୍ ବେଲଟ୍ ନ ଲଗାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର କରୁଥିବା ଅମାନିଆଙ୍କ ଉପରେ ୧୪ଟି ମାମଲା ରୁଜୁ କରାଯାଇ ୨୭ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏଏସ୍ଆଇ ସବ୍ୟସାଚୀ ସାମିଲ, ପୁଷ୍ପଲତା ଦାସ, ମାନସ କୁମାର ମହାକୁଡ଼ ପ୍ରମୁଖ ଯାଞ୍ଚରେ ସାମିଲ ଥିଲେ।

## ବେଦାଭ୍ୟାସ ବିଦ୍ୟାପୀଠ ପ୍ରତିଷ୍ଠା ପାଇଁ ବ୍ରାହ୍ମଣ ମହାସଂଘର ଦାବିପତ୍ର



ବାରିପଦା, ୧୪।୫(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଏକ ପୂର୍ଣ୍ଣାଙ୍ଗ ବେଦାଭ୍ୟାସ ବିଦ୍ୟାପୀଠ ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ବ୍ରାହ୍ମଣ ମହାସଂଘ ମୟୂରଭଞ୍ଜ ଶାଖା ତରଫରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାରେ ପାରମ୍ପରିକ ବୈଦିକ ଶିକ୍ଷା, ବେଦ, ଉପନିଷଦ, ଶାସ୍ତ୍ର ଓ ସଂସ୍କୃତ ଅଧ୍ୟୟନର ପୁନରୁଜ୍ଜୀବନ ପାଇଁ ଏକ ସ୍ୱତନ୍ତ୍ର ବିଦ୍ୟାପୀଠ ଅତ୍ୟନ୍ତ ଆବଶ୍ୟକ। ଏହାଦ୍ୱାରା ଯୁବପିଢ଼ିଙ୍କ ମଧ୍ୟରେ ସନାତନ ଧର୍ମ, ବୈଦିକ ଜ୍ଞାନ ଓ ସଂସ୍କୃତିର ପ୍ରସାର ଘଟିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଏଥିପାଇଁ ଜିଲ୍ଲାରେ ଉପଯୁକ୍ତ ଜମି, ଅନୁଦାନ ଓ ପ୍ରଶାସନିକ ସହଯୋଗ ସହିତ ବୈଦିକ ଶିକ୍ଷକ ନିଯୁକ୍ତି ଓ ଛାତ୍ରଛାତ୍ରୀଙ୍କ ପାଇଁ ସୁବିଧା ପାଇଁ"ବ୍ରାହ୍ମଣ ମହାସଂଘର ପ୍ରତିନିଧି ଜିଲ୍ଲାପାଳଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରି ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ପ୍ରତିନିଧି ମଣ୍ଡଳରେ ଜିଲ୍ଲା ସଭାପତି ଅଲେଖ ରଞ୍ଜନ ପାଠୀ, ଉପଦେଷ୍ଟା ଡ ଜଗବନ୍ଧୁ ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ଧ୍ରୁବ ଚରଣ ପଣ୍ଡା, ଅତୁଲ କୁମାର ମିଶ୍ର ଓ କିଶୋର ଚନ୍ଦ୍ର ପଣ୍ଡା ସାମିଲ ଥିଲେ।

## ସୌନ୍ଦର୍ଯ୍ୟକରଣ ଅଭାବରୁ ପରିଚୟ ହରାଉଛି ବାଙ୍କବଲ ଜଳଭଣ୍ଡାର

# ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ରାଇରଙ୍ଗପୁର, ୧୪।୫(ସମିସ): ବାମନଘାଟି ଉପଖଣ୍ଡର ପର୍ଯ୍ୟଟନ ସ୍ଥଳୀ ମଧ୍ୟରେ ବାଙ୍କବଲ ଜଳଭଣ୍ଡାରର ନିଆରା ପରିଚୟ ରହିଛି। ଶୀତଦିନ ହେଲେ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। କିନ୍ତୁ ସୌନ୍ଦର୍ଯ୍ୟକରଣ ଅଭାବରୁ



ବାଙ୍କବଳ ଜଳଭଣ୍ଡାର ପରିଚୟ ହରାଇବାରେ ଲାଗିଛି। ପର୍ଯ୍ୟଟନ ବିଭାଗର ଅହେତୁକ ଅବହେଳା ପାଇଁ ଅନନ୍ୟ ସୌନ୍ଦର୍ଯ୍ୟରେ ଭରା ବାଙ୍କବଳ ଜଳଭଣ୍ଡାର ଭିତ୍ତିଭୂମିର ବିକାଶ ହେଉନି। ଉକ୍ତ ବାଙ୍କବଳ ଜଳଭଣ୍ଡାର ବିକାଶ କରି ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ ନେଇ ଦାବି ହୋଇଛି।

ରାମଦୋଳି ୟୁଥ ପାୱାର ଆସୋସିଏସନ ପକ୍ଷରୁ ବାମନଘାଟି ଉପଜିଲ୍ଲାପାଳ ଉଗ୍ରସେନ ଓରାମଙ୍କ ଜରିଆରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। କୃଷି କ୍ଷେତକୁ ଜଳଯୋଗାଣ ନିମନ୍ତେ ଗତ ଶତାବ୍ଦୀର ଅଶୀ ଦଶକରେ ବିଜତଳା ଓ ବିଶୋଇ ବ୍ଲକର ମିଳନ ସ୍ଥଳରେ ଏହା ନିର୍ମିତ ହୋଇଥିଲା। ବାଙ୍କବଳ ଜଳଭଣ୍ଡାର ଦୈର୍ଘ୍ୟ ପାଖାପାଖି ଦୁଇ କିଲୋମିଟର ଅଟେ। ଏକ ବିସ୍ତୀର୍ଣ୍ଣ ଜଳରାଶି ଶିମିଳିପାଳ ପାଦଦେଶ ପର୍ଯ୍ୟନ୍ତ ବିସ୍ତୃତ ଅଟେ। ବନ୍ୟା ଜଳ ନିଷ୍କାସନ ପାଇଁ ଜଳଭଣ୍ଡାରରେ ୬ଟି ଗେଟ ଓ କୃଷିକ୍ଷେତକୁ ଜଳ ଯୋଗାଣ ନିମନ୍ତେ ୨ଟି କେନାଲ ରହିଛି। ଜଳଭଣ୍ଡାରର ପାରିପାର୍ଶ୍ୱିକ ପରିବେଶ ବେଶ ମନଛୁଆଁ ହୋଇଥିବାବେଳେ ଏହାର ସୁନୀଳ ଜଳରାଶିରେ ଶୀତଦିନେ ଶହ ଶହ ବିଦେଶଗତ ପକ୍ଷୀଙ୍କ ସମାଗମ ଜଳଭଣ୍ଡାରକୁ ଚିଲିକା ଜଳରାଶିର ଭ୍ରମ ସୃଷ୍ଟି କରିଥାଏ। କିନ୍ତୁ ଭିତ୍ତିଭୂମି ବିକାଶ କରି ସୌନ୍ଦର୍ଯ୍ୟକରଣ ଅଭାବରୁ ପରିଚୟ ହରାଇବାରେ ଲାଗିଛି। ଜଳରାଶିରେ ବୋଟିଂ ଆଦିର କୌଣସି ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟନଙ୍କ ସଂଖ୍ୟା କମୁଛି। ପିକନିକ ପାଇଁ ପିଣ୍ଡି ବ୍ୟତୀତ ଓ କୌଣସି ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ। ପାନୀୟଜଳ, ଶୌଚାଳୟ, ଆମୋଦପ୍ରମୋଦ ପାଇଁ ଉଦ୍ୟାନ, ଆଲୋକୀକରଣ ଏକାନ୍ତ ଆବଶ୍ୟକ ରହିଛି। ପର୍ଯ୍ୟଟକଙ୍କ ରାତ୍ରି ରହଣି ପାଇଁ ଏକ ଡାକବଙ୍ଗଳା ମଧ୍ୟ ଆବଶ୍ୟକତା ରହିଛି। ଉକ୍ତ ବାଙ୍କବଳ ଜଳଭଣ୍ଡାରକୁ ପର୍ଯ୍ୟଟନସ୍ଥଳୀ



ମାନ୍ୟତା ଦେବା ସହ ଏହାର ସର୍ବାଙ୍ଗୀନ ବିକାଶ ପାଇଁ ରାମଦୋଳି ୟୁଥ ପାୱାର ଆସୋସିଏସନ ତରଫରୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ଜିଲ୍ଲାରେ ପେଟ୍ରୋଲ, ଡିଜେଲ ଅଭାବ

# ପମ୍ପ୍‌ରେ ବାଇକ୍‌କୁ ୧୦୦ ଓ ଚାରିଚକିଆକୁ ୫୦୦ ଟଙ୍କାର ତେଲ

ବାରିପଦା, ୧୪।୫(ସମିସ):



ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଦେଖାଦେଇଛି କି ତେଲ ସଙ୍କଟ। ସକାଳେ ପେଟ୍ରୋଲ ପମ୍ପକୁ ଦେଖିଲେ କିଛି ଏପରି ମନେ ହେଉଛି। ପେଟ୍ରୋଲ ଓ ଡିଜେଲ ପକାଇବାକୁ ଜିଲ୍ଲାର ଅଧିକାଂଶ ପମ୍ପ୍‌ରେ ଲାଗିଛି ଲମ୍ବା ଲାଇନ୍। ତେଲ ପକାଇବାକୁ ପେଟ୍ରୋଲ ପମ୍ପରେ ଏତେ ଲମ୍ବା ଲାଇନ ଲାଗୁଛି ଯେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଦୁଇଚକିଆଠାରୁ ଚାରିଚକିଆ ଯାନ ପର୍ଯ୍ୟନ୍ତ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ତେଲ ଅଭାବ ଆଶଙ୍କାରେ ଅଧିକ ତେଲ ସଂଗ୍ରହ କରିବାରେ ବ୍ୟସ୍ତ ଗ୍ରାହକ। ବିଭିନ୍ନ ତେଲ ଟାଙ୍କିରେ ତେଲ ନାହିଁ ବୋଲି ଗ୍ରାହକ ହନସନ୍ତ ମଧ ହେଉଛନ୍ତି। ଅନ୍ୟପଟେ ରାଜ୍ୟ ଯୋଗାଣ ସଚିବ ଓ ରାଜ୍ୟ ପେଟ୍ରୋଲ ପମ୍ପ୍ ଆସୋସିଏସନ୍ ସଭାପତି ରାଜ୍ୟରେ ତେଲ ସଂକଟ ନାହିଁ କି ଦର ବଢ଼ିବାର ନାହିଁ। ଲୋକେ ଭୟଭୀତ ହୋଇ ତେଲ ପକାଉଛନ୍ତି। କହୁଥିଲେ ହେଁ ତା'ର ପ୍ରଭାବ ପଡୁନାହିଁ।

ଜିଲ୍ଲାରେ ବିଶେଷ ଭାବେ ସହରାଞ୍ଚଳର ସମସ୍ତ ବଡ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ନ ଥିବା ଜଣାପଡିଛି। ଅଧିକାଂଶ ପମ୍ପରେ ବାଇକକୁ ୧୦୦ ଟଙ୍କା ଓ ୪ଚକିଆ, ତଦ୍ଧୁର୍ଦ୍ଧ ଯାନକୁ ୫୦୦/୧୦୦୦ ଟଙ୍କାର ତେଲ ଦିଆଯାଉଛି। କେତେକ ପମ୍ପ ବନ୍ଦ ଥିବାବେଳେ ଆଉ କେତେକରେ ପେଟ୍ରୋଲ ଅଛି, କିନ୍ତୁ ଯଦି ଡିଜେଲ ନାହିଁ। ତେବେ ଲୋକଙ୍କୁ ଅନାବଶ୍ୟକ ଭିଡ଼ ନକରିବାକୁ ଓ ଗୁଜବରେ ବିଶ୍ୱାସ ନ କରିବାକୁ ଅନୁରୋଧ ସତ୍ତ୍ୱେ ଭିଡ଼ ଲାଗିଛି। ତେବେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତିର ପ୍ରଭାବ ଏବେ ସାରା ବିଶ୍ୱ ଅନୁଭବ କରୁଛି। ବଢୁଛି ତୈଳ ସଙ୍କଟ ଓ ଇନ୍ଧନ ଦର। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଲଗାତର ବଢୁଥିବାବେଳେ ଏହାର ସିଧାସଳଖ ପ୍ରଭାବ ପଡ଼ିଛି ବଜାର ଉପରେ। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ ସାଧାରଣ ଲୋକଙ୍କ ମନରେ ଏବେ ଆଶଙ୍କା ବଢ଼ିବାରେ ଲାଗିଛି। ଏହି ଗୁରୁତର ପରିସ୍ଥିତି ମଧରେ ଦେଶବାସୀଙ୍କୁ ସଚେତନ ହେବାକୁ ପ୍ରଧାନମନ୍ତ୍ରୀ ଆବେଦନ କରିବା ପରେ ଅଭାବ ବେଶୀ ପରିଲକ୍ଷିତ ହୋଇଛି। ତେବେ ଦରବୃଦ୍ଧି ପାଇଁ ଜାଣିଶୁଣି ତୈଳ କମ୍ପାନୀ ତେଲ ଯୋଗାଣରେ ଅଙ୍କୁଶ ଆଣିଥିବା ଚର୍ଚ୍ଚା ହେଉଛି। ବାରିପଦା ସହରର କୃଷ୍ଣଚନ୍ଦ୍ର ଗୋଲାଇ ପେଟ୍ରୋଲ ପମ୍ପ ମାଲିକଙ୍କ ସୂଚନା ଅନୁସାରେ ତେଲର ସୀମିତ ଉପଲବ୍ଧତାକୁ ଦୃଷ୍ଟିରେ ରଖି ଗୁରୁବାରଠାରୁ ପେଟ୍ରୋଲ ପମ୍ପରେ ତେଲ ବଣ୍ଟନ ବ୍ୟବସ୍ଥାକୁ

### ଦରବୃଦ୍ଧି ସମ୍ଭାବନା ପାଇଁ ତୈଳକମ୍ପାନୀ ଅଭାବ ସୃଷ୍ଟି କରୁଥିବା ଅଭିଯୋଗ

ନିୟନ୍ତ୍ରିତ କରାଯାଇଛି। ଗ୍ରାହକଙ୍କୁ ସମାନ ଭାବେ ତେଲ ଯୋଗାଇବା ପାଇଁ ପ୍ରଶାସନ ଓ ଫିଲିଂ ଷ୍ଟେସନ ପକ୍ଷରୁ ନିମ୍ନଲିଖିତ ଲିମିଟ୍ ଧାର୍ଯ୍ୟ କରାଯାଇଛି। ପେଟ୍ରୋଲଚାଳିତ ବାଇକ ପାଇଁ ସର୍ବାଧିକ ୩୦୦ ଟଙ୍କା ଓ ଚାରିଚକିଆ ଗାଡ଼ି ପାଇଁ ସର୍ବାଧିକ ୧୨୦୦ ଟଙ୍କା। ଡିଜେଲ ଚାଳିତ ଗାଡ଼ି ଅଟୋରିକ୍ସା ୩୦୦ ଟଙ୍କା। ଚାରିଚକିଆ ଗାଡ଼ି ୧୫୦୦ ଟଙ୍କା, ବସ୍ ଓ ଟ୍ରକ୍ ପାଇଁ ସର୍ବାଧିକ ୩୫୦୦ ଟଙ୍କାର ତେଲ ଏକକାଳୀନ ପ୍ରଦାନ ପାଇଁ କମ୍ପାନୀ ପକ୍ଷରୁ ନିର୍ଦ୍ଦେଶ ଆସିଛି। ତେବେ ଏହି ନିୟମକୁ ଅନ୍ୟ ପମ୍ପ ମାଲିକ ପାଳନ କରୁ ନ ଥିବା ଜଣାପଡ଼ିଛି।

## ଧୀରଜଲାଲ କଲେଜରେ ଇଣ୍ଟର୍ଣ୍ଣସିପ କାର୍ଯ୍ୟକ୍ରମ



ରାଇରଙ୍ଗପୁର, ୧୪।୫ (ସମିସ): ବହଳଦାସ୍ଥ ଧୀରଜଲାଲ କଲେଜରେ ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ଇଣ୍ଟର୍ଣ୍ଣସିପ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେଜର ଅଧକ୍ଷ ମୋତିଲାଲ ମହାନ୍ତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜିକା ଅଧ୍ୟାପିକା ସ୍ନିଗ୍ଧାରାଣୀ ନାୟକ, ନୋଡାଲ ଅଫିସର ଗଜେନ୍ଦ୍ର ନାଥ ବେହେରା, ଅଧାପିକା ସୁମିତ୍ରା ସଂଘମିତ୍ରା ମିଶ୍ର, ଅଧାପକ ମୀନକେତନ ମହାନ୍ତି, ଅଧାପକ ସୁଦୀପ ଡୁଙ୍ଗଡୁଙ୍ଗ, ଅଧାପକ ଘାସିରାମ ଟୁଡୁ ଓ ଅଧାପକ ମଙ୍ଗଳ ସିଂ ଇଣ୍ଟର୍ଣ୍ଣସିପ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନାତକ ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀ ପରିବେଶ ସୁରକ୍ଷାକୁ ମୁଖ୍ୟ ବିଷୟ ଭାବେ ଗ୍ରହଣ କରି ନିଜ ନିଜ ଅଞ୍ଚଳରେ କାର୍ଯ୍ୟରତ ଅଛନ୍ତି। ଉକ୍ତ କାର୍ଯ୍ୟକ୍ରମ ୩୫ ଦିନ ଧରି ଚାଲିବାର କାର୍ଯ୍ୟକ୍ରମ ରହିଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ବୃକ୍ଷରୋପଣ, ପ୍ଲାଷ୍ଟିକ ମୁକ୍ତ ଅଭିଯାନ, ଜଳ ସଂରକ୍ଷଣ ଓ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା ସୃଷ୍ଟି କରିବାର କାର୍ଯ୍ୟକ୍ରମ ରହିଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର,୧୪।୫(ସମିସ): ବେଆଇନ ଭାବେ ବାଲି ଚୋରାଚାଲାଣ ବେଳେ ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରୁ ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଅନେକ ପରିମାଣରେ ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ପୁଲିସ ପକ୍ଷରୁ ପାଟ୍ରୋଲିଂ ଜାରି ରହିଥିବାବେଳେ ବାଲି ବେଆଇନ ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଦାଣ୍ଡବୋଷରୁ ରାଇରଙ୍ଗପୁର ପଟକୁ ଯାଉଥିବାବେଳେ ମହୁଲଡିହା ଛକରେ ଚଢ଼ଉ କରି ଟ୍ରାକ୍ଟର ଜବତ କରାଯାଇଛି। ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରିଥିବା ନେଇ ଜଣାପଡିଥିଲା। ଟ୍ରାକ୍ଟର ଅଟକାଇ ପଚରାଉଚରା କରାଯାଇଥିଲା। ଗାଡ଼ି ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଶୁକ୍ଲି ଲ୍ୟାମ୍ପ୍‌ସରେ ବାର୍ଷିକ ସାଧାରଣ ସଭା



ଶୁକ୍ଲି, ୧୪।୫(ସମିସ): ଶୁକ୍ଲି ଆଦିବାସୀ ବହୁମୁଖୀ ସମବାୟ ସମିତି ଲିଃରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡିଆରସିଏସ ଅଶୋକ କୁମାର ପାଣି, ସମ୍ମାନିତ ଅତିଥି ଭାବେ ଏମସିସି ବ୍ୟାଙ୍କ ବ୍ୟାଙ୍କ କରଞ୍ଜିଆ ଶାଖା ମ୍ୟାନେଜର ରବି କୁମାର ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ କରଞ୍ଜିଆ ଏଆରସିଏସ୍ ବସନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଶୁକ୍ଲି ଲ୍ୟାମ୍ପସର ସଭାପତି ମନ୍ମଥ କୁମାର ନାଏକ, ପରିଚାଳନା ନିର୍ଦ୍ଦେଳକ ସୁବଳ କୁମାର ଗିରି ଓ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ବର୍ତ୍ତମାନ ଶୁକ୍ଲି ଲ୍ୟାମ୍ପ୍‌ସ ଲାଭରେ ଚାଲିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୯୬ ଲକ୍ଷ ୯୭ ହଜାର ଟଙ୍କା ଲାଭ କରିଛି। ଶୁକ୍ଲି ଲ୍ୟାମସରେ ବର୍ତ୍ତମାନ ଓମ୍ଫେଡ ଓ ନାଫେଡର ସାମଗ୍ରୀ ଉପଲବ୍ଧ ହେଉଛି। ଆଗାମୀ ଦିନରେ ଆହୁରି ଅଧିକ ସେବା ଲ୍ୟାମ୍ପସ ମାଧ୍ୟମରେ ଉପଲବ୍ଧ ହେବ ବୋଲି ସୂଚନା ଦେଇଛନ୍ତି ଡିଆରସିଏସ। ଯେହେତୁ ଶୁକ୍ଲି ଲ୍ୟାମ୍ପସ ଅଧିକ ଲାଭ କରୁଛି ଲାଭର ଅଂଶ ସଭ୍ୟଙ୍କୁ ଦିଆଯିବ ବୋଲି ଡିଆରସିଏସ୍ ସୂଚନା ଦେଇଛନ୍ତି।

### ● ବାହାଘର ଡିଜେ ପଛରେ ଧାଉଁଛି ପୁଲିସ

## ମୋରଡ଼ାରେ ବାରମ୍ବାର ହେଉଛି ଚୋରି

ମୋରଡ଼ା,୧୪।୫ (ସମିସ): ମୋରଡା ଥାନାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ମୋରଡା ଗ୍ରାମ ଭିତରୁ ଗତକାଲି ରାତିରେ ସତ୍ୟବାନ ବିନ୍ଧାଣୀ ଓ ସୁଶାନ୍ତ ଜେନାଙ୍କ ଘରୁ ଚୋରି ହୋଇଛି। ସତ୍ୟବାନ ବିନ୍ଧଣୀଙ୍କ ଘରୁ ୭୫୦୦ ଟଙ୍କା ସହିତ ସୁନା ଲକେଟ, ରୁପା ବ୍ରେସ ଲେଟ ସହିତ କଂସା ସାମଗ୍ରୀ ଚୋରି ହୋଇଥିବାବେଳେ ସୁଶାନ୍ତ ଜେନାଙ୍କ ଘରୁ ଗୋଟିଏ ହିରୋ ସାଇକଲ ସହିତ ଆଠଟି କୁକୁଡ଼ା ଚୋରି ହୋଇଛି। ମୋରଡା ଗ୍ରାମରେ ଏଭଳି ବାରମ୍ବାର ଚୋରି ହେଉଥିଲେ ମଧ ପୁଲିସ ଚୋର ଧରିବାରେ ଅସଫଳ ହେଉଥିବା ସହିତ ଚୋରି ରୋକିବାରେ ବିଫଳ ହେଉଛି। ଯାହାକୁ ନେଇ ମୋରଡା ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଉଭୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ପୁଲିସ ତରଫରୁ କୌଣସି ତଦନ୍ତ କରାଯାଇନାହିଁ। ମୋରଡା ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ତେବେ ଧଡାସାହି ଗ୍ରାମର ପୀତାମ୍ବର ଦାସଙ୍କ ଝିଅ ବାହାଘର ବେଳେ ବରଯାତ୍ରୀ ଶୋଭାଯାତ୍ରା ଚାଲୁଥିବା ସମୟରେ ମୋରଡା ଥାନା ପୁଲିସ ଯାଇ ୧୦ଟା ରାତି ହୋଇଯାଇଥିବାରୁ ଡିଜେ ବନ୍ଦ କରିବା ପାଇଁ ତାଗିଦ କଲେ। ପରେ ଡିଜେକୁ ବନ୍ଦ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଫଳରେ ବର ପରିବାର ଓ କନିଆ ପରିବାର ମଧରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ମୋରଡ଼ା ଗ୍ରାମରେ ବରିଷ୍ଠ ସମାଜସେବୀ ସୁଶାନ୍ତ ପାତ୍ରଙ୍କ ନାତୁଣୀ ବାହାଘର ଦିନ ସେହିପରି ଭାବେ ରାତିରେ ମଦ ମାପ ଯନ୍ତ୍ରରେ ବରଯାତ୍ରୀଙ୍କୁ ଚେକିଂ କରି ମାରୁତି ସୁଜୁକି ଗାଡି ଜବତ କରିବା ସହ ଗାଡି ମାଲିକଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ପାରିବାରିକ ସାମାଜିକ କାର୍ଯ୍ୟକ୍ରମ (ବାହାଘର)ରେ ପୁଲିସ ର ମାତ୍ରାଧିକ କାର୍ଯ୍ୟନୁଷ୍ଠାନକୁ ଦୃଢ ନିନ୍ଦା କରିଛନ୍ତି ମୋରଡା ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବୀ। ବର୍ତ୍ତମାନ ମୋରଡା ଅଞ୍ଚଳରେ ଲୋକେ ବାହାଘର କରିବା ପାଇଁ ସହଜ ମନେ କରୁନାହାନ୍ତି। ପୁଲିସ ଯଦି ଏତେ ପାରିବାପଣିଆ ଅଛି ବାହାଘର ଡିଜେ ଓ ବରଯାତ୍ରୀଙ୍କ ପଛରେ ଘିରି ଘିରି ହୋଇ ନୂଆ ସ୍କର୍ପିଓ ଗାଡ଼ିରେ ନ ଘୁରି ରାତିରେ ପାଟ୍ରୋଲିଂ କଲେ ମୋରଡା ଅଞ୍ଚଳରେ ଘଟୁଥିବା ଚୋରି ରୋକାଯାଇପାରନ୍ତା ବୋଲି ପୁଲିସ ସମିତି ସଦସ୍ୟ ସୌରଭ ରଞ୍ଜନ ମହାନ୍ତି କହିଛନ୍ତି।

## ପୁଲିସକୁ ଚକମା ଦେଇ ଚମ୍ପଟ ମାରିଲେ ୨ ଗୋ-ମାଫିଆ

ବେତନଟୀ,୧୪।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଉପକଣ୍ଠ ଅଙ୍ଗାରୁଆ ଅଞ୍ଚଳରେ ଦୁଇଟି ଗୋରୁ ଚୋରା ଚାଲାଣ କରି ନେଉଥିବା ଅଭିଯୋଗରେ ଚାରି ଜଣ ଗୋ-ମାଫିଆ ସ୍ଥାନୀୟ ଲୋକଙ୍କ ନଜରରେ ପଡ଼ିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ସନାତନ ବିଜୁଳିଙ୍କ ହସ୍ତକ୍ଷେପରେ ଗୋରୁ ଦୁଇଟି ଉଦ୍ଧାର ହୋଇଥିବାବେଳେ ଦୁଇଜଣ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।



ସୂଚନା ମୁତାବକ, ବନମାଳୀପୁର ଗ୍ରାମର କାହ୍ନୁ ହେମ୍ବ୍ରମ, ବସ୍ତା ଥାନା ସିଙ୍ଗାରପୁର ଗ୍ରାମର ଶେଖ ୱାସଦ, ଚଷାଖଣ୍ଡ ଗ୍ରାମର ସେକ ହବିବ ଓ ସେକ କୌଶର ବୁଧବାର ଅପରାହ୍ନରେ ଦୁଇଟି ଗୋରୁକୁ ନେଇ ପୁରୁଣିଆ ଅଞ୍ଚଳ ଦେଇ ଚଷାଖଣ୍ଡ ଅଭିମୁଖେ ଯାଉଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଅଟକାଇ ପଚରାଉଚରା କରିବାରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା ଓ ଗ୍ରାମବାସୀଙ୍କ ମନରେ ସନ୍ଦେହ ହୋଇଥିଲା। ସେ ସମୟରେ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉଥିବା ସାଂସଦ ଶ୍ରୀ ଷଡ଼ଙ୍ଗୀ ଓ ବିଧାୟକ ଶ୍ରୀ ବିଜୁଳିଙ୍କୁ ଖବର ପହଞ୍ଚିବା ପରେ ସେମାନେ ସ୍ଥାନୀୟ ଯୁବକ ଓ ପୁଲିସକୁ ନିର୍ଦ୍ଦେଶ ଦେଇ ଚାରି ଜଣଙ୍କୁ ଥାନାକୁ ଆଣିବାକୁ କହିଥିଲେ ଓ ଥାନାରେ ଅପେକ୍ଷା କରିଥିଲେ। କିନ୍ତୁ ପୁଲିସ ପହଞ୍ଚିବା ପୂର୍ବରୁ ସେକ ହବିବ ଓ ସେକ କୌଶର ଗ୍ରାମବାସୀଙ୍କୁ ଚକମା ଦେଇ ଫେରାର ହୋଇଯାଇଥିଲେ ବୋଲି ପୁଲିସ କହିଥିଲା। ଏସ୍‌ଆଇ ସରୋଜ ଜେନା ବାକି ଦୁଇ ଅଭିଯୁକ୍ତ କାହ୍ନୁ ହେମ୍ବ୍ରମ ଓ ଶେଖ ୱାସଦଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଉଦ୍ଧାର ହୋଇଥିବା ଗୋରୁ ଦୁଇଟିକୁ ଗୋଶାଳାକୁ ପଠାଇ ଦିଆଯାଇଛି। ଥାନା ପରିସରରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପୁଲିସକୁ ଗୋ-ତସ୍କରୀ ବିରୋଧରେ ଥିବା କଡ଼ା ଆଇନ୍ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ତାଗିଦ କରିଥିଲେ। ବିଧାୟକ ସନାତନ ବିଜୁଳି ମଧ ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କୁ କଠୋର ଶାସ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଚାରିଜଣ ଗୋ ତସ୍କରଙ୍କୁ ଥାନାକୁ ଆଣିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ଦୁଇ ଅଭିଯୁକ୍ତ ଫେରାର ହୋଇଯିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଓ ମନରେ ପ୍ରଶ୍ନ ଉଠିଛି। ଗୋ-ମାଫିଆଙ୍କ ସହିତ ବୈଶିଙ୍ଗା ପୁଲିସ ଓ ସ୍ଥାନୀୟ ବିଧାୟକଙ୍କ କୌଣସି ଭିତରି ବୁଝାମଣା ବା ସମ୍ପର୍କ ଯୋଗୁଁ ଏପରି ଘଟିଥିବ କି ବୋଲି ସ୍ଥାନୀୟ ଲୋକ ନିଜ ନାମ ଗୋପନ ରଖି ପ୍ରଶ୍ନ ଉଠାଇଛନ୍ତି। ପୁଲିସ ଏ ବିଷୟରେ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ଦେଇନାହିଁ। ଘଟଣାର ତଦନ୍ତ ଜାରି ରହିଛି ବୋଲି ଜଣାପଡିଛି।

## ବୈତରଣୀରେ ବୁଡ଼ି ବାଳକର ମୃତ୍ୟୁ

ଆନନ୍ଦପୁର, ୧୪।୫(ସମିସ): ବୈତରଣୀ ନଦୀରେ ବୁଡ଼ିଯାଇ ଅମ୍ରିତ ଭୂୟାଁ (୧୩ ବର୍ଷ) ନାମକ ଜଣେ ବାଳକର ମୃତ୍ୟୁ ହୋଇଯାଇଛି। ଆନନ୍ଦପୁର ଜେଲ୍‌ରେ ଚାକିରି କରୁଥିବା ବସନ୍ତ କୁମାର ଭୂୟାଁଙ୍କ ପୁଅ ଅମ୍ରିତ ଅପରାହ୍ନ ୪ଟା ସମୟରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ଆଜି ସନ୍ଧ୍ୟାରେ ମୃତଦେହ ଉଦ୍ଧାର ହୋଇଛି।

## ବଡ଼ଦେଉଳି ମା' ସନ୍ତୋଷୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ

କରଞ୍ଜିଆ,୧୪।୫(ସମିସ): କରଞ୍ଜିଆ ବ୍ଲକର ବଡ଼ଦେଉଳି ପଞ୍ଚାୟତର ବାଲିପୋଷୀ-ମାନଦେଉଳି ଗ୍ରାମରେ ନୂତନ ଭାବେ ନିର୍ମାଣ କରାଯାଇଥିବା ମା' ସନ୍ତୋଷୀଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୦ ତାରିଖରେ ଏହି ଆଧ୍ୟାତ୍ମିକ ଉତ୍ସବ ଆରମ୍ଭ ହୋଇଥିଲା। ଆଖପାଖ ଗ୍ରାମର ୪୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଭକ୍ତ କଳସ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ପରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ହୋଇଥିଲା। ଅଙ୍କୁରୋପଣ, ଚକ୍ଷୁ ପାଠ, ହନୁମାନ ଚାଳିଶା, ହୋମଯଜ୍ଞ ସହିତ ସଂକୀର୍ତ୍ତନ କରାଯାଇଥିଲା। ମୁଖ୍ୟ ପୂଜକ ନିରଞ୍ଜନ ଷଡ଼ଙ୍ଗୀ ପୂଜାକାର୍ଯ୍ୟ ଦାୟିତ୍ୱ ନିର୍ବାହ କରିଥିବାବେଳେ ସରୋଜ ଷଡ଼ଙ୍ଗୀ, ଭାରତଭୂଷଣ ପଣ୍ଡା, ମହେନ୍ଦ୍ର ପଣ୍ଡା ସହଯୋଗ କରିଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୧୪।୫(ସମିସ): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦରିଦ୍ର ନାରାୟଣ ଯୋଗୀ ଋଷି ଲଛମନ ଶିଶୁ ଆଶ୍ରମରେ କଠିନ ବର୍ଜ୍ୟବସ୍ତୁରୁ କିପରି ବ୍ୟବହାର ଉପଯୋଗୀ ଦ୍ରବ୍ୟମାନ ପ୍ରସ୍ତୁତ ହୋଇପାରିବ ଏବଂ ନାଲ୍‌ସା ଦ୍ୱାରା ଜାରି ହୋଇଥିବା ୧୫୧୦୦ ସମ୍ପୂର୍ଣ୍ଣ ଦେୟମୁକ୍ତ ନମ୍ବରର କିଭଳି ସଠିକ୍ ବ୍ୟବହାର କରିବେ ସେ ସମ୍ପର୍କିତ ସଚେତନ କରାଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଶିଶୁ ଓ ଯତ୍ନ ଅଧିକାରୀ ଅବିନାଶ ମହାନ୍ତି, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ ଡ. ତାପସ କୁମାର ମହାନ୍ତି, ଏହି ଶିଶୁ ଆଶ୍ରମର ସମ୍ପାଦକ ଲୋକନାଥ ପତି ଏବଂ ଆଶ୍ରମର ଅନ୍ୟାନ୍ୟ ସହକର୍ମୀଗଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଚେତନତା କରାଇଥିଲେ। ଏହି ଅବସରରେ ପିଲାମାନଙ୍କୁ ନେଇ ସୁରକ୍ଷିତ ଶୈଶବ, ସୁରକ୍ଷିତ ଭବିଷ୍ୟତ ଉପରେ ଏକ ଶୋଭାଯାତ୍ରା କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିପର୍ଯ୍ୟୟ ପ୍ରଶମନ ସମ୍ପର୍କିତ ସାତଦିନିଆ ତାଲିମ ଶିବିର ଉଦ୍‌ଘାଟିତ

ମହୁଲଡିହା,୧୪।୫(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଆଶ୍ରୟସ୍ଥଳୀ ବିହୀନ ୧୦ଟି ଗ୍ରାମର ଟାସ୍କଫୋର୍ସ ସ୍ୱେଚ୍ଛାସେବୀଙ୍କୁ ନେଇ ୭ ଦିନିଆ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବିଡିଓ ସ୍ୱପ୍ନେଶ୍ୱର ବେହେରା ଯୋଗଦେଇ ବିପର୍ଯ୍ୟୟକୁ କିପରି ଆମେ ନିଜେ ମୁକାବିଲା କରିବା ସେ ସମ୍ପର୍କରେ ନିଜ ଦକ୍ଷତା ବୃଦ୍ଧି କରିବା ସହ ଗାଁରେ ସମସ୍ତଙ୍କୁ ସଚେତନ କରିବା ଓ ସହାୟତା କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ୭ଦିନିଆ ତାଲିମ ଶିବିର ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ ଯୋଗଦେଇ ସବୁ କାମରେ ସରକାରଙ୍କ ଉପରେ ନିର୍ଭରଶୀଳ ନହୋଇ କିପରି ନିଜେ ଆମେ ପ୍ରସ୍ତୁତ ରହିବା ଓ ଅନ୍ୟକୁ ସହାୟତା କରିବାର ମାନସିକତା ରହିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ ଯୋଗଦେଇ





ମହାବାତ୍ୟା ଆମକୁ ବିପର୍ଯ୍ୟୟ ପରିଚାଳନା ଶିକ୍ଷା ଦେଇଛି ଓ ଆମେ ସେ ଦିଗରେ ଉନ୍ନତି କରୁଛନ୍ତି ବୋଲି କହିଥିଲେ। ସରକାର ଗ୍ରାମ ସ୍ତରରେ ମଧ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେଇ କିପରି ବିପର୍ଯ୍ୟୟ ପ୍ରଶମନ ଓ ପରବର୍ତ୍ତୀ ପରିଚାଳନା ହେବ ତା ଉପରେ ଗୁରୁତ୍ୱ ଦେଉଛନ୍ତି।ନୋଡାଲ ଏଜେନ୍ସି ଆରଆରଡିଓ ର ସମ୍ପାଦକ ଶରତ ତ୍ରିପାଠୀ ତାଲିମର ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହିତ ଉଦଘାଟନୀ ସଭା ପରିଚାଳନା କରିଥିଲେ। ଆରଆରଡିଓ ନିର୍ଦ୍ଦେଶକ ମନୋଜ କୁମାର ଜେନା ୭ ଦିନିଆ ତାଲିମ କାର୍ଯ୍ୟକ୍ରମର ରୂପରେଖ ଉପସ୍ଥାପନା କରିବା ସହିତ ସମସ୍ତ ଅତିଥିଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ତାଲିମଦାତ୍ରୀ ଭାବେ ମାନସୀ ମିଶ୍ର, କବିତା ଘଡେଇ ଓ ସରୋଜିନୀ ହାଁସଦା ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି। ପ୍ରଥମ ବୈଠକରେ ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ଗ୍ରହଣ କରୁଛନ୍ତି। ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରିଣୀ ଯଜ୍ଞପ୍ରଭା ମିଶ୍ରଙ୍କ ନେତୃତ୍ୱରେ ତାଲିମ ପରିଚାଳନା କରାଯାଉଛି।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବେତନଟୀ, ୧୪।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମରେ ମଙ୍ଗଳବାର ରାତିରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଘର ପାଖ ଆମ୍ବ ଗଛରେ ବେକରେ ରଶି ଲଗାଇ ଜଣେ ଯୁବକ ଝୁଲିପଡ଼ିଥିବା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି। ପ୍ରେମ ସମ୍ପର୍କକୁ ନେଇ ଏହି ଆତ୍ମହତ୍ୟା ହୋଇଥିବା ସନ୍ଦେହ କରାଯାଉଛି। ମୃତ ଯୁବକ କେନ୍ଦୁଆ ଗ୍ରାମର ବେଣୁଧର ସାହୁଙ୍କ ପୁଅ ରାକେଶ ସାହୁ। ରାତି ପ୍ରାୟ ୧୨ଟା ବେଳେ ସେ ଘରେ ଖାଇପିଇ ଶୋଇବାକୁ ଯାଇଥିଲେ। ସକାଳେ ପରିବାର ଲୋକ ଘର ପାଖ ଆମ୍ବ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ। ବୈଶିଙ୍ଗା ପୁଲିସ ପହଞ୍ଚି ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

### ବନ୍ୟପ୍ରାଣୀ ଅଙ୍ଗ କାରବାର ମାମଲା

# ଅଭିଯୁକ୍ତର ଘରୁ ବଜ୍ରକାପ୍ତା କାତି ଜବତ

କେନ୍ଦୁଝର, ୧୪।୫(ସମିସ):



ସଦର ବନାଞ୍ଚଳରେ ହାତୀ ଦାନ୍ତ କାରବାର ବେଳେ ବନ ବିଭାଗ ଗତକାଲି ହାତୀ ଦାନ୍ତ ସହ ୪ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ସଦର ଥାନା ଅମୃତପଡ଼ା ଗ୍ରାମର ସୁନୀଲ ସୋରେନକୁ ଜେରା ପରେ ଆଜି ତା'ର ଘରୁ ବଜ୍ରକାପ୍ତା କାତି ଜବତ ହୋଇଛି। ସୁନୀଲକୁ ଜେରା ବେଳେ ସେ ବନ୍ୟପ୍ରାଣୀ ହତ୍ୟା କରିଥିବା ସ୍ୱୀକାର କରିଛି। ସଦର ରେଞ୍ଜର ଅଜିତ କୁମାର ଦାସ, ଫରେଷ୍ଟର ଜତିନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ଆଜି ସକାଳୁ ସୁନୀଲ ସୋରେନଙ୍କ ଘରେ ଚଢ଼ଉ କରିଥିଲେ। ଗାଁ ନିକଟ ନୟାଗଡ଼ ଜଙ୍ଗଲ ଭିତରେ ଏକ ଉଈହୁଙ୍କାରେ ବଜ୍ରକାପ୍ତାକୁ ଶିକାର କରି ଖାଇବା ପରେ ଏହାର କାତିକୁ ବିକ୍ରି ଉଦ୍ଦେଶ୍ୟରେ ଘରେ ଲୁଚାଇ ରଖିଥିଲା। ପ୍ରାପ୍ତ ବୟସ୍କ ମାଈ ବଜ୍ରକାପ୍ତା ବୋଲି ଅଭିଯୁକ୍ତ ସୁନୀଲ ବନ ବିଭାଗ ନିକଟରେ କହିଛି। ଜବତ୍ ବଜ୍ରକାପ୍ତା କାତିର ଓଜନ ପ୍ରାୟ ୧ କିଲୋ ହେବ ବୋଲି ଜଣାପଡିଛି। ହାତୀ ଦାନ୍ତ କାରବାରରେ ବନ ବିଭାଗ ଆଜି ପୁଣି ୨ ଜଣଙ୍କୁ ଅଟକ ରଖିଛି। ସଦର ଥାନା କଣ୍ଡରାପଶି ଗ୍ରାମର ଗେଡା ମାଝୀ (୫୦) ଏବଂ ବାମେବାରୀ ଥାନା ସାରୁକୁଦର ଗ୍ରାମର ବିଭିଷଣ ମୁଣ୍ଡା (୨୨)କୁ ଅଟକ ରଖି ଜେରା କରୁଛି। ଏନେଇ ସହକାରୀ ବନ ସଂରକ୍ଷକ ଅଶୋକ କୁମାର ଦାସଙ୍କୁ ପଚାରିବାରୁ ଘଟଣା ତଦନ୍ତ ଚାଲିଥିବା କହିଛନ୍ତି। ତଦନ୍ତ ପରେ କେଉଁ ସ୍ଥାନରୁ ହାତୀ ଦାନ୍ତ ଅଣାଯାଇଛି ଏବଂ କେଉଁ ସ୍ଥାନରେ ହାତୀ ମରାଯାଇଛି ତାହା ଜଣାପଡିବ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ । ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିବ। ଯାନବାହନ କ୍ରୟ କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହଯୋଗ ଲୋଡିବେ। ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହୋଇପାରନ୍ତି।

**ସିଂହ:** ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଅତିଥି ସତ୍କାର କରିପାରନ୍ତି। ଅଯଥା ଖର୍ଚ୍ଚ ବଢ଼ିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ। ଅକସ୍ମାତ ଖୁସି ଖବର ପାଇବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ବ୍ୟବସାୟରୁ ଲାଭ ପାଇବେ। କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି। ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ। ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ। ଆଶା କରିଥିବାରୁ ଦିଗରୁ ନିରାଶ ହୋଇପାରନ୍ତି।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

## ଆଜିର ଇତିହାସ

- ୧୮୧୭- ସମାଜ ସଂସ୍କାରକ ଦେବେନ୍ଦ୍ରନାଥ ଟାଗୋର୍‌ଙ୍କ ଜନ୍ମ।
- ୧୯୩୫- ମସ୍କୋ ମେଟ୍ରୋ ସର୍ବସାଧାରଣଙ୍କ ପାଇଁ ଖୋଲାଗଲା।
- ୧୯୫୮- ସୋଭିଏତ୍ ସଂଘ ସ୍ପୁଟନିକ୍-୩ କୃତ୍ରିମ ଉପଗ୍ରହ ଲଞ୍ଚ୍ କଲା।
- ୧୯୯୫- ଇଂଲଣ୍ଡର ଏଲିସନ୍ ହରଗ୍ରୀଭ୍ସ ବିନା ଅକ୍ସିଜେନ ସିଲିଣ୍ଡରରେ ଏଭରେଷ୍ଟ ଶିଖରରେ ପହଞ୍ଚିବାରେ ପ୍ରଥମ ମହିଳା ହେଲେ।

### ଆଜି ବାହୁଡ଼ିଥିଲେ

# ସାରସ୍ୱତ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀ

ଓଡ଼ିଆ ସାହିତ୍ୟର ସବୁଜ ଗୋଷ୍ଠୀର କବିମାନଙ୍କ ମଧ୍ୟରେ କାଳିନ୍ଦୀ ଚରଣ ପାଣିଗ୍ରାହୀ ଥିଲେ ଅନ୍ୟତମ। ତାଙ୍କ ରଚିତ 'ମାଟିର ମଣିଷ' ଏକ ସଫଳ କାଳଜୟୀ ସୃଷ୍ଟି । 'ମାଂସର ବିଳାପ' ଓ 'ଉପହାର' ଭଳି ଗଳ୍ପ ଓଡ଼ିଆ ସାହିତ୍ୟରେ ଅନନ୍ୟ। ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଏକାଧାରରେ ଜଣେ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ ଭାବେ ସେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। କବିତାରୁ ହିଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା। ମନୋମୁଗ୍ଧକର ଶବ୍ଦ ସଂଯୋଜନା ଓ କବିତାର ସାମାଜିକ ତଥା ନୈତିକ ଆବେଦନ ତାଙ୍କ ଲେଖାର ମୁଖ୍ୟ ଆକର୍ଷଣ ଥିଲା। କାଳିନ୍ଦୀ ଚରଣ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ୧୯୦୧ ମସିହା ଜୁଲାଇ ୨ ତାରିଖରେ ଜନ୍ମ ନେଇଥିଲେ। ପୁରୀରେ ହିଁ କାଳିନ୍ଦୀଚରଣଙ୍କ ବାଲ୍ୟଜୀବନ କଟିଥିଲା ଓ ସେଠାରେ ହିଁ ସେ ତାଙ୍କର ହାଇସ୍କୁଲ ପାଠପଢ଼ା ଶେଷକରି ରେଭେନ୍ସାରେ ନାମ ଲେଖାଇଥିଲେ। କାଳିନ୍ଦୀଚରଣ ଶୈଶବରେ 'ଉତ୍କଳମଣି' ଗୋପବନ୍ଧୁ ଓ 'ଭକ୍ତକବି' ମଧୁସୂଦନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବଢ଼ିଥିଲେ। ପନ୍ଦର ବର୍ଷ ବୟସରେ ସେ ଲେଖିଥିଲେ 'ଅଶାନ୍ତି' ନାମକ କବିତା। ରେଭେନ୍ସା କଲେଜରେ ପଢୁଥିବା ବେଳେ ଚାରି ବନ୍ଧୁ କାଳିନ୍ଦୀଚରଣ, ଅନ୍ନଦାଶଙ୍କର, ଶରତଚନ୍ଦ୍ର ଓ ବୈକୁଣ୍ଠନାଥ (ପରେ ଯୋଗଦେଇଥିଲେ ହରିହର ମହାପାତ୍ର) ସାହିତ୍ୟର ପ୍ରସାର ପାଇଁ ଗଢ଼ିଥିଲେ 'ନନ୍‌ସେନ୍‌ସ କ୍ଲବ୍'। ଏହି ଦଳରେ ଥିବା ନଅ ଜଣ ଲେଖକ-ଲେଖିକା "ଉତ୍କଳ ସାହିତ୍ୟ"



ପତ୍ରିକାରେ "ବାସନ୍ତୀ" ନାମକ ଏକ ଉପନ୍ୟାସ ଧାରାବାହିକ ଭାବରେ ପ୍ରକାଶ କରୁଥିଲେ। ଏହି ସମୟରେ "ସବୁଜ ଗୋଷ୍ଠୀ"ର ମୁଖପତ୍ର "ଯୁଗବୀଣା"ରେ କାଳିନ୍ଦୀ ଚରଣଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା । କାଳିନ୍ଦୀଚରଣ ଥିଲେ ଓଡ଼ିଆ ସାହିତ୍ୟର 'ସବୁଜ ଯୁଗ'ର ସହ-ପ୍ରତିଷ୍ଠାତା। ପରବର୍ତ୍ତୀ ସମୟରେ, ବାଲେଶ୍ୱରରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ଓ ତାଙ୍କ ନିଜ ଓଡ଼ିଆ ପତ୍ରିକାର ସେ ସମ୍ପାଦନା କରିବାକୁ ଲାଗିଲେ । ଓଡ଼ିଆ ଉପନ୍ୟାସ ଜଗତକୁ ସମୃଦ୍ଧ କରିଛି ତାଙ୍କ ରଚିତ 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର ମଣିଷ', 'ଅମର ଚିତା', 'ଅମରାବତୀ' ଓ 'ମୁକ୍ତାଗଡ଼ର କ୍ଷୁଧା' ଭଳି କାଳଜୟୀ ଉପନ୍ୟାସ। ତାଙ୍କ ରଚିତ 'ଦ୍ୱାଦଶୀ', 'ରାଶିଫଳ', 'ଶେଷ ରଶ୍ମି', 'ସାଗରିକା', 'ମୋ କଥା ସରିନାହିଁ' ଇତ୍ୟାଦି କ୍ଷୁଦ୍ରଗଳ୍ପ ସଂକଳନରେ ସ୍ଥାନିତ ଗଳ୍ପସମୂହ ଆବେଗଧର୍ମୀ ଓ ମନନଶୀଳ ବୈଚିତ୍ର୍ୟରେ ପରିପୂର୍ଣ୍ଣ । ବାସ୍ତବବାଦୀ ଓ ଆଦର୍ଶବାଦୀ ସାହିତ୍ୟ ରଚନା ଥିଲା ତାଙ୍କର ଆଭିମୁଖ୍ୟ। ତାଙ୍କ ରଚିତ 'ପଦ୍ମିନୀ', 'ପ୍ରିୟଦର୍ଶୀ', 'ସୌମ୍ୟା' ଆଦି ନାଟକ ଯଥାକ୍ରମେ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ। ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ମଧ୍ୟ ସେ ଅଧିକାରୀ ହୋଇଛନ୍ତି। ସେହିବର୍ଷ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ଉପାଧି ପ୍ରଦାନ କରାଯାଇଥିଲା। ତାଙ୍କର ଆତ୍ମଜୀବନୀ 'ଯାହା ଅଙ୍ଗେ ନିଭେଇଛି' ଓଡ଼ିଶାର ସାହିତ୍ୟ ଭଣ୍ଡାର ପାଇଁ ଏକ ଅବିସ୍ମରଣୀୟ ଅବଦାନ। ୧୯୯୧ ମହିହା ଆଜିର ଦିନରେ ଏହି ମହାନ୍ ଲେଖକ ଦେହତ୍ୟାଗ କରିଥିଲେ।



# ମୁମ୍ବାଇରେ 'ପେଦ୍ଦି'ର ଟ୍ରେଲର୍

ଚଳିତବର୍ଷ ଯେଉଁ କେତୋଟି ଫିଲ୍ମର ରିଲିଜ୍‌କୁ ଦର୍ଶକେ ଅପେକ୍ଷା କରିଛନ୍ତି ତନ୍ମଧ୍ୟରେ ରାମଚରଣଙ୍କ ଅଭିନୀତ 'ପେଦ୍ଦି' ରହିଛି। ଦର୍ଶକେ ଏବେ ରାମଚରଣଙ୍କୁ ଏହି ସ୍ପୋର୍ଟସ୍ ଡ୍ରାମାରେ ଦେଖିବାକୁ ବେଶ୍ ଉତ୍ସାହିତ ଅଛନ୍ତି। ଫିଲ୍ମର 'ଚିକିରି ଚିକିରି' ଓ ' ରାୟ ରାୟ ରା ରା ' ଗୀତ ପୂର୍ବରୁ ହିଟ୍ ହୋଇଛି। ଏବେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହକୁ ଜାଣି ଫିଲ୍ମ ନିର୍ମାତା ଏକ ନୂଆ ଅପଡେଟ୍ ଦେଇଛନ୍ତି। ମେ' ୧୮ ରେ ଏହାର ଟ୍ରେଲର୍ ଆସିବ। ମୁମ୍ବାଇରେ ଏହାର ଭବ୍ୟ ଟ୍ରେଲର୍‌କୁ ଲଞ୍ଚ୍ କରାଯିବ। ନିକଟରେ ଫିଲ୍ମ ନିର୍ମାତା ଏକ ପ୍ରମୋସନାଲ ଭିଡିଓ ସେୟାର୍ କରି ଲେଖିଛନ୍ତି- ମୁମ୍ବାଇ, ତାଙ୍କ ନାମ ମନେ ରଖିଥା, ପେଦ୍ଦି, ଆସୁଛି ।' ମୁମ୍ବାଇ ପରେ ଭୋପାଳରେ ଏହାର ଏକ ଗୀତକୁ ଲଞ୍ଚ୍ କରାଯିବ। ତେବେ ହିନ୍ଦୀଭାଷୀ ଦର୍ଶକଙ୍କୁ ଫିଲ୍ମ ପ୍ରତି ଆକୃଷ୍ଟ କରିବା ପାଇଁ ଫିଲ୍ମ ନିର୍ମାତା ଏପରି ଯୋଜନା କରିଥିବା କୁହାଯାଉଛି। ଏହା ଜୁନ୍ ୪ରେ ସିନେମାହଲ୍‌କୁ ଆସିବ। ବୁଚି ବାବୁ ସନାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ରାମଚରଣଙ୍କ ସହ ଜାହ୍ନବୀ କପୁର, ଶିବା ରାଜକୁମାର, ଜଗପତି ବାବୁ, ଦିବେନ୍ଦୁ ଶର୍ମା ନଜର ଆସିବେ। ଏ.ଆର୍ ରେହମାନ୍ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।

# ଆନ୍ତର୍ଜାତୀୟ ପରିବାର ଦିବସ



ବସୁଧୈବ କୁଟୁମ୍ବକମ୍ ହେଉଛି ଭାରତୀୟ ସଂସ୍କୃତିର ଏକ ମହାନ ସୂକ୍ତି, ଯାହା ସମଗ୍ର ବିଶ୍ୱକୁ ଏକ ପରିବାର ଭାବରେ ଗ୍ରହଣ କରିବାକୁ ଶିକ୍ଷା ଦିଏ। ଏହି ଭାବନା ସହିତ ପ୍ରତିବର୍ଷ ମେ' ୧୫ ତାରିଖରେ ଅନ୍ତର୍ଜାତୀୟ ପରିବାର ଦିବସ ପାଳନ କରାଯାଏ, ଯାହା ପରିବାରର ଗୁରୁତ୍ୱ ଏବଂ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରେ। କେତେ ମତ ପୁଣି କେତେ ବିଚାର। ସମସ୍ତଙ୍କ ପସନ୍ଦ ନାପସନ୍ଦ ବି ଅଲଗା। ଏସବୁ ପରେ ବି ସମସ୍ତେ ଏକ ସୂତ୍ରରେ ବନ୍ଧା। ତାହା ହିଁ ହେଉଛି ପରିବାର। ଆଉ ଏଇ ପରିବାରରୁ ହିଁ ଆରମ୍ଭ ହୋଇଥାଏ ସୁସ୍ଥ ସମାଜର ମୂଳଦୁଆ। ଜୀବନକୁ ନିଜ ଢଙ୍ଗରେ ଆଗେଇ ନେବାର ଚେଷ୍ଟା ତ ସମସ୍ତେ କରନ୍ତି, କିନ୍ତୁ ବାନ୍ଧି ହୋଇଥାନ୍ତି ପରିବାର ରୂପକ ଶୃଙ୍ଖଳାରେ। ପରିବାରର ବନ୍ଧନ ମଜଭୁତ ଥିଲେ ସହଜରେ ବଦଳିପାରେ ନକାରାତ୍ମକ ପରିସ୍ଥିତି। ଲୋକଙ୍କ ମଧ୍ୟରେ ଯୌଥ ପରିବାରର ମହତ୍ତ୍ୱ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଆନ୍ତର୍ଜାତୀୟ ପରିବାର ଦିବସ ପାଳନ କରାଯାଇଥାଏ। ୧୯୯୩ ମସିହାରେ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ଏହି ଦିବସ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ସମାଜର ମେରୁଦଣ୍ଡ ଭାବେ ପରିବାରକୁ ହିଁ ଧରାଯାଇଥାଏ। ଖାଲି ଯେ ଚାରି ପାଞ୍ଚ ଜଣ ମଣିଷଙ୍କୁ ନେଇ ଏକ ପରିବାର ଗଠନ ହୋଇଥାଏ ତାହା ନୁହେଁ। ଗୋଟିଏ ଛାତ ତଳେ ଏକାଠି ରହୁଥିବା ମଣିଷମାନଙ୍କ ଭିତରେ ସ୍ନେହ, ପ୍ରେମ, ପରସ୍ପର ପ୍ରତି ସମ୍ମାନ, ଦାୟିତ୍ୱବୋଧତା ରହିବା ବି ନିହାତି ରହିବା ଆବଶ୍ୟକ । ଭାରତୀୟ ସଂସ୍କୃତିରେ ସାଧାରଣତଃ ପରିବାର ଦୁଇ ପ୍ରକାରର ହୋଇଥାଏ । ଗୋଟିଏ ହେଉଛି ଏକାର୍ଣ୍ଣବର୍ତ୍ତୀ ପରିବାର ଓ ଅନ୍ୟଟି ଯୌଥ ପରିବାର। ଆଜିର ସମୟରେ ହଜିଯାଇଥିବା ଯୌଥ ପରିବାରର ବିଶେଷତ୍ୱ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିବସ ପାଳନର ଆରମ୍ଭ ହୋଇଥିଲା। ସମାଜରେ ମୁଣ୍ଡ ଟେକୁଥିବା ବିଭିନ୍ନ ସମସ୍ୟା, ପ୍ରାକୃତିକ ଦୁର୍ବିପାକର ସାମ୍ନା କରିବା ଓ ସମସ୍ତେ ଏକାଠି ହୋଇ ସହଯୋଗର ହାତ ବଢ଼ାଇବା ଲାଗି ଏହି ଦିବସ ପ୍ରେରଣା ଯୋଗାଇଥାଏ। ପରିବାର ହିଁ ଜଣେ ମଣିଷର ଅବସାଦ ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପରିବାରରେ ପରସ୍ପର ମଧ୍ୟରେ କଥାବାର୍ତ୍ତାର ସୁଯୋଗ ସୃଷ୍ଟି ହୋଇଥାଏ, ଯାହା ମାନସିକ ସ୍ୱାସ୍ଥ୍ୟ ପାଇଁ ନିହାତି ଆବଶ୍ୟକ। ଏହି ଦିବସ ମାଧ୍ୟମରେ, ପାରିବାରିକ ମୂଲ୍ୟବୋଧକୁ ବଜାୟ ରଖିବା ସହିତ ସମଗ୍ର ବିଶ୍ୱରେ ଶାନ୍ତି ଓ ଭ୍ରାତୃଭାବ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି।

## ସଞ୍ଜୀବନୀ

# ଆଇଓଏଲ୍ ଲେନ୍ସରେ ସହଜ ମୋତିଆବିନ୍ଦୁ ଅସ୍ତ୍ରୋପଚାର



ମୋତିଆବିନ୍ଦୁ ହେଉଛି ମୁଖ୍ୟତଃ ବୟସଜନିତ ଚକ୍ଷୁ ରୋଗ। ଯେଉଁଥିରେ ଆଖିର ପ୍ରାକୃତିକ ଲେନ୍ସ ସମୟକ୍ରମେ ପରିପକ୍ୱ (ମେଘୁଆ) ହୋଇଯାଏ, ଫଳରେ ଆଖିକୁ ଝାପ୍ସା ଦେଖାଯାଏ। ବୟସ ବ୍ୟତୀତ ମଧୁମେହ ରୋଗ, ଗ୍ଲୁକୋମା, ଚକ୍ଷୁରେ ଆଘାତ, ଧୂମପାନ, ସଂକ୍ରମଣ, ଷ୍ଟେରଏଡ୍ ଭଳି କିଛି ଔଷଧର ଦୀର୍ଘକାଳୀନ ବ୍ୟବହାର ଏବଂ କେତେକ ବଂଶଗତ ଅବସ୍ଥା ଦ୍ୱାରା ମଧ୍ୟ ମୋତିଆବିନ୍ଦୁ ରୋଗ ଆରମ୍ଭ ହୋଇପାରେ। ସଂକ୍ରମଣ, ଆଘାତ ଏବଂ ଶାରୀରିକ ବିକାଶରେ ସମସ୍ୟା ଯୋଗୁଁ ପିଲାଙ୍କଠାରେ ମଧ୍ୟ ମୋତିଆବିନ୍ଦୁ ରୋଗ ହୋଇପାରେ। ଦୃଷ୍ଟିଶକ୍ତି ଫେରାଇ ଆଣିବା ପାଇଁ କେବଳ ଏକ ଛୋଟ ଅସ୍ତ୍ରୋପଚାର ଆବଶ୍ୟକ। ମୋତିଆବିନ୍ଦୁ ଅସ୍ତ୍ରୋପଚାରର ସଫଳତା ହାର ୯୮% ରୁ ଅଧିକ। ମୋତିଆବିନ୍ଦୁ ଅସ୍ତ୍ରୋପଚାର ଏକ ପ୍ରକ୍ରିୟା ଯେଉଁଥିରେ ଆଖିରୁ ମେଘୁଆ ଲେନ୍ସକୁ ବାହାର କରି ସେଠାରେ ସ୍ୱଚ୍ଛ କୃତ୍ରିମ ଲେନ୍ସ ଲଗାଯାଏ। ଏହି ଅସ୍ତ୍ରୋପଚାର ଶୀଘ୍ର ଓ ଯନ୍ତ୍ରଣାହୀନ ହୋଇଥାଏ ଏବଂ ରୋଗୀ କିଛି ଘଣ୍ଟା ମଧ୍ୟରେ ସ୍ୱଚ୍ଛ ଭାବେ ଦେଖି ପାରନ୍ତି। ପ୍ରିମିୟମ୍ ଇଂଟ୍ରାଅକୁଲାର ଲେନ୍ସ ମୋତିଆବିନ୍ଦୁ ଅସ୍ତ୍ରୋପଚାରରେ ଏକ ପରିବର୍ତ୍ତନଶୀଳ ଅଗ୍ରଗତି। ଏହା ରୋଗୀମାନଙ୍କୁ ବିଭିନ୍ନ ଦୂରତାରେ ଚଷମା-ବିନା ଦେଖିବାକୁ ସଶକ୍ତ କରିଥାଏ, ଅସମଦୃଷ୍ଟିକୁ ସୁଧାରି ଥାଏ ଏବଂ କମ୍ ଆଲୋକରେ ଦେଖିବାର ସାମର୍ଥ୍ୟକୁ ବୃଦ୍ଧି କରିଥାଏ ବୋଲି ଭୁବନେଶ୍ୱରର ମିଠୁ ତୁଳସୀ ଚନରାଇ କ୍ୟାମ୍ପସର ପରାମର୍ଶଦାତା ଚକ୍ଷୁ ରୋଗ ବିଶେଷଜ୍ଞ ଡକ୍ଟର ସୋନାଲି କୁହନ୍ତି।

# ଷ୍ଟେରଏଡ୍ ପାଇଁ ଫିଟ୍‌ନେସ୍ ପ୍ରତି

ରୋଗୀଙ୍କ ଚିକିତ୍ସାରେ ଆବଶ୍ୟକସ୍ଥଳେ ଡାକ୍ତର ଷ୍ଟେରଏଡ୍ ବ୍ୟବହାର କରନ୍ତି। ଏହା ଶରୀରରେ ଅତ୍ୟଧିକ ମାତ୍ରାର ପ୍ରଦାହକୁ ରୋକିଥାଏ। କିନ୍ତୁ ବର୍ତ୍ତମାନ ସୁନ୍ଦର ସ୍ୱାସ୍ଥ୍ୟ ଗଠନ ଉଦ୍ଦେଶ୍ୟରେ ବଡିବିଲ୍ଡର ବା ଜାତୀୟସ୍ତରର ଖେଳାଳି ବେନିୟମ ଭାବେ ଆନାବୋଲିକ୍ ଷ୍ଟେରଏଡ୍ ବ୍ୟବହାର କରୁଛନ୍ତି। ଏହି ଷ୍ଟେରଏଡ୍ ସମ୍ପୂର୍ଣ୍ଣ ନିଷେଧ। କୌଣସି ଅଭିଜ୍ଞତା ନଥାଇ ଦୀର୍ଘ ଦିନ ଧରି ଷ୍ଟେରଏଡ୍ ନେଲେ ଶରୀର ଉପରେ ଏହା ନକାରାତ୍ମକ ପ୍ରଭାବ ପକାଏ।

ଆନାବୋଲିକ୍ ଷ୍ଟେରଏଡ୍ ନେବା ଦ୍ୱାରା ପୁରୁଷ ଏବଂ ମହିଳାଙ୍କର ଶାରୀରିକ ଏବଂ ମାନସିକ ସମସ୍ୟା ହୋଇପାରେ। ଷ୍ଟେରଏଡ୍ ରକ୍ତ ବାହିକାକୁ ପ୍ରଭାବିତ କରିବା ସହ ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ମସ୍ତିଷ୍କାଘାତ, ଯକୃତଜନିତ ସମସ୍ୟା ଆଶଙ୍କାକୁ ବଢ଼ାଇଥାଏ। ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା କ୍ଷମତାକୁ ଏହା ଦୁର୍ବଳ କରିଥାଏ। ପୁରୁଷଙ୍କଠାରେ ଶୁକ୍ରାଣୁ ସଂଖ୍ୟା ହ୍ରାସ, ନଂପୁସକତା, ଅସ୍ଥି ଦୁର୍ବଳ, ମହିଳାଙ୍କ ମାସିକ ଋତୁସ୍ରାବ ସମସ୍ୟା, ବ୍ରଣ, କେଶ ଝଡ଼ିବା, ମାନସିକ ଅବସାଦ, ଅତ୍ୟଧିକ କ୍ରୋଧ, ଅସ୍ଥିର ମନ ଆଦି ହୋଇଥାଏ। ଷ୍ଟେରଏଡ୍ ବ୍ୟବହାର ଅସୁରକ୍ଷିତ ଓ ଅବୈଧ। ଏହାବଦଳରେ ସୁସ୍ଥ ଆହାର, ବ୍ୟାୟାମ ଏବଂ ଦୈନିକ ୭ରୁ ୮ ଘଣ୍ଟା ଶୋଇବା ଜରୁରି।



## 'ସକାଳ'ର ସ୍ୱାସ୍ଥ୍ୟ

# ହନ୍ତା ଭୂତାଣୁ

**କରୋନା ପରେ ଅନେକ ଭୂତାଣୁଜନିତ ରୋଗ ଦେଖାଯାଇଛି। ତନ୍ମଧ୍ୟରୁ କିଛି ଭୂତାଣୁ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଛି। ନିକଟରେ ଆର୍ଜେଣ୍ଟିନାରୁ ବାହାରି ଥିବା ଏକ ଡଚ୍ କ୍ରୁଜ୍ ଶିପ୍‌ରେ ହନ୍ତା ଭୂତାଣୁ ସଂକ୍ରମଣ ମାମଲା ସାରା ବିଶ୍ୱରେ ଚିନ୍ତା ବଢ଼ାଇଛି। ଏହା ଏକ ଗମ୍ଭୀର ସଂକ୍ରାମକ ରୋଗ।**



ସଂକ୍ରମିତ ମୂଷାଙ୍କ ମୂତ୍ର, ଲାଳ କିମ୍ବା ମଳ ସଂସ୍ପର୍ଶରେ ଆସିବା ଦ୍ୱାରା ଏହି ଭୂତାଣୁ ମଣିଷ ଶରୀରକୁ ସଂକ୍ରମିତ ହୋଇଥାଏ। ସଂକ୍ରମଣର ୧ରୁ ୮ ସପ୍ତାହ ପରେ ଜ୍ୱର, ମୁଣ୍ଡବିନ୍ଧା, ଥକ୍କାପଣ, ଶରୀର ଯନ୍ତ୍ରଣା, ପେଟ ସମସ୍ୟା ଆଦି ଲକ୍ଷଣ ଦେଖାଯାଏ। ସଂକ୍ରମଣ ବଢ଼ିଲେ ନିଃଶ୍ୱାସ ନେବାରେ କଷ୍ଟ, ଫୁସ୍‌ଫୁସ୍‌ରେ ପାଣି ଜମିବା, ବୃକ୍କ ସମସ୍ୟା ସୃଷ୍ଟି କରିପାରେ। ଏହି ସମସ୍ୟା ଦୂର କରିବାକୁ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଆବଶ୍ୟକ। ମୂଷାଙ୍କଠାରୁ ଦୂରେଇ ରହିବା, ଘର ସଫା ସମୟରେ ସତର୍କ ରହିବା, ଖାଦ୍ୟକୁ ସର୍ବଦା ଘୋଡ଼ାଇ ରଖିବା ଭଲ। ଏହାସହ ହାତ ଧୋଇବା, ମାସ୍କ ପିନ୍ଧିବା, ଭିଡ଼ ସ୍ଥାନକୁ ଏଡାଇବା ଭଳି ପଦକ୍ଷେପ ଗ୍ରହଣ କରାଯିବା ଉଚିତ। ଏହି ଭୂତାଣୁ ପାଇଁ କୌଣସି ନିର୍ଦ୍ଦିଷ୍ଟ ଆଣ୍ଟି ଭାଇରାଲ୍ ଔଷଧ ନ ଥିବାରୁ ରୋଗୀର ସ୍ୱାସ୍ଥ୍ୟ ସ୍ଥିତି ଅନୁସାରେ ଡାକ୍ତର ଚିକିତ୍ସା ଯୋଗାଇ ଦିଅନ୍ତି।

## ଘର ବଇଦ

# ମଧୁମେହର ଉପଚାର




- ରସ ସିନ୍ଦୂର, ଅର୍ଜ୍ଜୁନ ଛେଲି ଚୂର୍ଣ୍ଣ ଏବଂ ବଙ୍ଗଭସ୍ମ ସମଭାଗ ନେଇ ମର୍ଦ୍ଦନ କରିବେ। ଏହାର ସମଭାଗ ମିଶ୍ରି ମିଶାଇ ଶିମିଳି ଚେର ରସରେ ମର୍ଦ୍ଦନ କରି ବଟିକା କରିବେ। ବଟିକା ମାତ୍ରା ୨ରତିଠାରୁ ୪ରତି। ଦିନକୁ ଦୁଇଟି ବଟିକା ସକାଳ ଓ ସନ୍ଧ୍ୟାରେ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବେ।
- ଶୁଦ୍ଧ ଗନ୍ଧକ, କାନ୍ତ ଲୌହ ଭସ୍ମ ପ୍ରତ୍ୟେକରୁ ଅଧରତି ମିଶ୍ରିତ କରି ତୁଳସୀ ପତ୍ର ରସ ଓ ମହୁରେ ମିଶାଇ ଖାଇଲେ ୩ ଦିନରେ ଉପକାର ପାଇବେ। ଏବଂ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବେ।
- ଆମ୍ବପତ୍ର ଅଥବା ଅଶୋକପତ୍ରର କ୍ୱାଥ ଖାଇଲେ ବହୁମୂତ୍ର ରୋଗର ଉପକାର ହୁଏ ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ଖରାଦିନିଆ ଝାଡ଼ାବାନ୍ତି

**ଖରାଦିନର ପ୍ରଚଣ୍ଡ ରୌଦ୍ରତାପ ମନୁଷ୍ୟ ସ୍ୱାସ୍ଥ୍ୟ ଉପରେ ଗଭୀର କୁପ୍ରଭାବ ପକାଇଥାଏ। ଏହି ଦିନେ ଝାଡ଼ାବାନ୍ତି ଏବଂ ଡିହାଇଡ୍ରେସନ୍ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଥାଏ। ଝାଡ଼ାବାନ୍ତି ପୂର୍ବରୁ ଶରୀରରେ କିଛି ଲକ୍ଷଣ ଦେଖାଯାଇଥାଏ। ଉକ୍ତ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।**

ଗରମ ଦିନେ ପରିବେଶ ଉତ୍ତପ୍ତ ରହୁଥିବାରୁ ଜୀବାଣୁମାନେ ଶୀଘ୍ର ବଂଶବୃଦ୍ଧି କରନ୍ତି, ଖାଦ୍ୟ ଶୀଘ୍ର ନଷ୍ଟ ହୋଇଯାଏ। ଦୂଷିତ ଜଳ, ବାସି ଖାଦ୍ୟ କିମ୍ବା ରାସ୍ତା କଡ଼ର ଖୋଲା ଖାଦ୍ୟ ଖାଇବା ଦ୍ୱାରା ଖାଦ୍ୟ ବିଷାକ୍ତ ହୋଇ ଝାଡ଼ାବାନ୍ତି ଆରମ୍ଭ ହୁଏ। ଏହାଦ୍ୱାରା ଶରୀରରୁ ପାଣି ସହ ଇଲେକ୍ଟ୍ରୋଲାଇଟ୍‌ସ (ସୋଡିୟମ୍, ପୋଟାସିୟମ୍, କ୍ଲୋରାଇଡ) ବାହାରିଯାଇ ରୋଗୀ ଅତ୍ୟନ୍ତ ଦୁର୍ବଳ ହୋଇପଡନ୍ତି। ମୁଣ୍ଡ ବୁଲାଇବା, ରକ୍ତ ଝାଡ଼ା, ପରିସ୍ରା କମ୍ ହେବା, ଓଠ ଶୁଖିଯିବା ଏବଂ ନିମ୍ନ ରକ୍ତଚାପ ଭଳି ସମସ୍ୟା ଦେଖାଯାଏ। ବୟସ୍କ ବ୍ୟକ୍ତି ଏବଂ ଛୋଟ ପିଲାଙ୍କ ପାଇଁ ଏହା ଅଧିକ ବିପଜ୍ଜନକ ହୋଇଥାଏ।

### ଘରୋଇ ଉପଚାର

ଶରୀରକୁ ଡିହାଇଡ୍ରେସନରୁ ରକ୍ଷା କରିବା ପାଇଁ ପ୍ରତି ୧୦ ରୁ ୧୫ ମିନିଟ୍‌ରେ ଥରେ ଅଳ୍ପ ଅଳ୍ପ କରି ଓଆରଏସ୍ ପିଇ ପାରିବେ। ପ୍ରସ୍ତୁତ ଦ୍ରବଣକୁ କେବଳ ୨୪ ଘଣ୍ଟା ମଧ୍ୟରେ ବ୍ୟବହାର କରାଯାଏ। ଏହାସହ ପଇଡ଼ ପାଣି, ଲେମ୍ବୁ ପାଣି, ଘୋଳଦହି, ବେଲ ସର୍ବତ, ପାଣି ପ୍ରଚୁର ପରିମାଣରେ ପିଇ ପାରିବେ। ଝାଡ଼ା ସମୟରେ ଉପବାସ ନ ରହି ଦହି ଭାତ, ସିଝା ଅମୃତଭଣ୍ଡା, ଆଳୁ ଚକଟା ଭଳି ହାଲୁକା ତଥା ସହଜରେ ହଜମ ହେଉଥିବା ଖାଦ୍ୟ ଖାଇବା ଆବଶ୍ୟକ।

### ନିରାକରଣ

ସଂକ୍ରମଣରୁ ବଞ୍ଚିବା ପାଇଁ ଖାଇବା ପୂର୍ବରୁ ଏବଂ ଶୌଚାଳୟରୁ ଆସିବା ପରେ ସାବୁନରେ ହାତ ଧୋଇବା ଜରୁରି। ପିଇବା ପାଇଁ ଫୁଟା କିମ୍ବା ଫିଲ୍ଟର ପାଣି ବ୍ୟବହାର ହିତକର। ପିଲାଙ୍କୁ ପରିଷ୍କାର ରଖିବା ସହ ସେମାନଙ୍କ ବ୍ୟବହାର୍ଯ୍ୟ ଜିନିଷ ସଫା ରଖନ୍ତୁ। ଘର ତିଆରି ସତେଜ ଏବଂ ଗରମ ଖାଦ୍ୟ ଖାଇବା ଭଲ। ଫାଷ୍ଟଫୁଡ୍, ରାସ୍ତାକଡ଼ର କଟା ଫଳ, ଖୋଲା ଖାଦ୍ୟ ଏବଂ ବାସି ଖାଦ୍ୟ ଖାଇବା ଅନୁଚିତ। ଉପଚାର ସତ୍ତ୍ୱେ ଝାଡ଼ା ବାନ୍ତି ନ କମିଲେ, ମଳରେ ରକ୍ତ ପଡିବା ସହ ଜ୍ୱର ଲାଗି ରହିଲେ କିମ୍ବା ରୋଗୀ ଅଧିକ ଦୁର୍ବଳ ଅନୁଭବ କଲେ, ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ସେବନ କରିବା ଅନୁଚିତ।



# ଶାର୍ଦ୍ଦୁଳଙ୍କ ଘାତକ ବୋଲିଂ; ପଞ୍ଜାବର ବିପର୍ଯ୍ୟୟ

ଧର୍ମଶାଳା,୧୪।୫(ଏଜେନ୍ସି):



ଶାର୍ଦ୍ଦୁଳ ଠାକୁରଙ୍କ ଘାତକ ବୋଲିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍‌ର ୫୮ତମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ନୂଆ ଅଧିନାୟକ ଯଶପ୍ରୀତ୍ ବୁମ୍‌ରା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପଞ୍ଜାବ କିଙ୍ଗ୍‌ସ ପାରମ୍ପରିକ ଭଙ୍ଗୀରେ ବ୍ୟାଟିଂ କରି ଦ୍ରୁତ ରନ୍ ସଂଗ୍ରହ କରିଥିଲେ ମଧ୍ୟ କେହି ବେଶି ସମୟ ତିଷ୍ଠି ପାରି ନ ଥିଲେ। ଶେଷ ଖବର ସୁଦ୍ଧା ପଞ୍ଜାବ କିଙ୍ଗ୍‌ସ ୧୫ ଓଭରରେ ୬ ୱିକେଟ ହରାଇ ୧୩୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଆଜମତୁଲ୍ଲା ଓମରଜାଇ ୧୨ ଓ ମାର୍କୋ ଜାନ୍‌ସେନ୍ ୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ କେବଳ ପ୍ରଥମ ୩ଜଣ ବ୍ୟାଟର ଯଥା ପ୍ରଭସିମରନ ସିଂହ ୫୭, ପ୍ରିୟାଂଶ ଆର୍ଯ୍ୟ ୨୨ ଓ କୁପର କନୋଲୀ ୨୧ରନ୍ କରିବାକୁ ସମର୍ଥ ହୋଇଥିଲେ। ୧୨ ଓଭର ଖେଳରେ ପଞ୍ଜାବ ଏକଦା ୧ ୱିକେଟରେ ୧୦୭ ରନ୍ କରିଥିଲାବେଳେ ଦଳ ୧୬ ରନ୍‌ରେ ୫ ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏମାନଙ୍କ ମଧ୍ୟରେ ପ୍ରଭସିମରନ, ଶ୍ରେୟସ ଆୟର (୪), କୁପର କନୋଲୀ, ସୂର୍ଯ୍ୟାଂଶ ଶେଡ୍‌ଗେ (୮) ଓ ଶଶାଙ୍କ ସିଂ ୨ରନ୍‌ରେ ଆଉଟ ହୋଇ ପଞ୍ଜାବକୁ ବିପଦ ମଧ୍ୟକୁ ଠେଲିଦେଇଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ପ୍ରତିପକ୍ଷ ଦଳର ପ୍ରଭସିମରନ, ଶ୍ରେୟସ ଓ ସୂର୍ଯ୍ୟାଂଶଙ୍କ ୱିକେଟ ନେଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ସର୍ବାଧିକ ୩ଟି ୱିକେଟ ପାଇଛନ୍ତି।

ଏହି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ନିୟମିତ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ତାଙ୍କ ଅନୁପସ୍ଥିତିରେ ଦଳର ନେତୃତ୍ୱ ନେଇଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ଏହି ମ୍ୟାଚ୍‌ରେ ସାମିଲ କରାଯାଇ ନ ଥିଲା। ଏମାନଙ୍କ ସ୍ଥାନରେ ଯଶପ୍ରୀତ୍ ବୁମ୍‌ରା ଦଳର ନେତୃତ୍ୱ ନେଇଥିଲେ। ଏହା ଫଳରେ ଚଳିତ ସିଜନରେ ମୁମ୍ବାଇ ଦଳର ନେତୃତ୍ୱ ନେବାରେ ବୁମ୍‌ରା ୩ୟ ଖେଳାଳି ହୋଇଛନ୍ତି। ମୁମ୍ବାଇର ଆଇପିଏଲ୍ ଇତିହାସରେ ୩ଜଣ ଭାରତୀୟ ଗୋଟିଏ ସିଜନରେ ଦଳର ନେତୃତ୍ୱ ନେବାରେ ଏହା ପ୍ରଥମ ଘଟଣା। ପୂର୍ବରୁ ୨୦୦୮ରେ ମୁମ୍ବାଇ ଇଣ୍ଡିଆନ୍ସ, ୨୦୦୩ରେ ପୁଣେ ୱାରିୟର୍ସ, ୨୦୨୧ରେ ସନ୍‌ରାଇଜର୍ସ ହାଇଦରାବାଦ୍ ଓ ୨୦୨୪ରେ ପଞ୍ଜାବ କିଙ୍ଗ୍‌ସର ନେତୃତ୍ୱ ୩ଜଣ ଲେଖାଏଁ ନେଇଥିଲେ। ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିବା ମୁମ୍ବାଇ ୧୧ଟି ମ୍ୟାଚ୍‌ରୁ ମାତ୍ର ୬ ପଏଣ୍ଟ ହାସଲ କରିଛି।

**ଆଇପିଏଲ୍ ପଏଣ୍ଟ ଟେବୁଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆରଆର୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୮ | ୪ | ୦ | ୧୬ | +୦.୫୫୧ |
| ବେଙ୍ଗାଲୁରୁ* | ୧୧ | ୭ | ୪ | ୦ | ୧୪ | +୧.୧୦୩ |
| ହାଇଦରାବାଦ | ୧୨ | ୭ | ୫ | ୦ | ୧୪ | +୦.୩୩୧ |
| ପଞ୍ଜାବ | ୧୧ | ୬ | ୪ | ୧ | ୧୩ | +୦.୪୨୮ |
| ଚେନ୍ନାଇ | ୧୧ | ୬ | ୫ | ୦ | ୧୨ | +୦.୧୮୫ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| କୋଲକାତା* | ୧୦ | ୪ | ୫ | ୧ | ୯ | -୦.୧୬୯ |
| ଦିଲ୍ଲୀ | ୧୨ | ୫ | ୭ | ୦ | ୧୦ | -୦.୯୯୩ |
| ମୁମ୍ବାଇ (ଏ) | ୧୧ | ୩ | ୮ | ୦ | ୬ | -୦.୫୮୫ |
| ଲକ୍ଷ୍ନୌ (ଏ) | ୧୧ | ୩ | ୮ | ୦ | ୬ | -୦.୯୦୭ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## କୋହଲିଙ୍କ ଶତକ; ଶୀର୍ଷରେ ଆରସିବି

ରାୟପୁର: ବିରାଟ କୋହଲିଙ୍କ ୯ମ ଆଇପିଏଲ୍ ଶତକ ବଳରେ ବୁଧବାର ରାତିରେ ଏଠାରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଏକ ମ୍ୟାଚରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ୬ ୱିକେଟରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ କେକେଆର ଅଙ୍ଗକ୍ରୀଷ୍ଣ ରଘୁବଂଶୀ (୪୬ ବଲରେ ସର୍ବାଧିକ ୭୧ ରନ) ଓ ରିଙ୍କୁ ସିଂ (୨୯ ବଲରୁ ଅପରାଜିତ ୪୯ ରନ)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୪ ୱିକେଟ୍‌ରେ ୧୯୨ ରନ ସଂଗ୍ରହ କରିଛି। ଅନ୍ୟମାନଙ୍କ ମଧ୍ୟରେ କାମେରନ ଗ୍ରୀନ ୩୨, ଅଧିନାୟକ ଆଜିଙ୍କ୍ୟ ରାହାଣେ ୧୯ ଓ ଫିନ ଆଲେନ ୧୮ ରନ କରିଥିଲେ। ଜବାବରେ ବେଙ୍ଗାଲୁରୁ ଓପନର୍ ବିରାଟ କୋହଲିଙ୍କ ଅପରାଜିତ ୧୦୫ ରନ ବଳରେ ୫ଟି ବଲ୍ ବାକି ଥାଇ ୪ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। କୋହଲି ତାଙ୍କର ଏହି ୬୦ ବଲ୍ ପାଳିରେ ୧୧ଟି ଚୌକା ଓ ୩ଟି ଛକା ମାରିଥିଲେ। ଆଇପିଏଲ୍ ଇତିହାସରେ ଏହା ତାଙ୍କର ରେକର୍ଡ ୯ମ ଶତକ ଥିଲା। ସେହିଭଳି ଓଭରଅଲ୍ ଟି-୨୦ କ୍ୟାରିୟରରେ ୧୦ମ ଶତକ ହୋଇଛି।

■ ସିଏସ୍‌କେକୁ ଆଉ ଏକ ଧକ୍କା

## ଓଭରଟନ ଆଉଟ, ଫରେଷ୍ଟର ଇନ୍

ନୂଆଦିଲ୍ଲୀ,୧୪।୫(ଏଜେନ୍ସି): ୫ଥରର ଆଇପିଏଲ୍ ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗ୍‌ସକୁ ଚଳିତ ଟୁର୍ଣ୍ଣାମେଣ୍ଟରେ ଆଉ ଏକ ଶକ୍ତ ଧକ୍କା ଲାଗିଛି। ସିଏସ୍‌କେର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଇଂଲଣ୍ଡ ଅଲରାଉଣ୍ଡର ଜାମି ଓଭରଟନ୍ ଆହତ ହୋଇ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ୨୫ ବର୍ଷୀୟ ଅଲରାଉଣ୍ଡର ଡିଆନ ଫରେଷ୍ଟରଙ୍କୁ ସାମିଲ କରିଛି। ଫରେଷ୍ଟରଙ୍କ ମାତ୍ର ୫ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଅଭିଜ୍ଞତା ରହିଛି ଓ ସିଏସ୍‌କେ ତାଙ୍କୁ ୭୫ ଲକ୍ଷ ଟଙ୍କାର ବେସ୍ ପ୍ରାଇସ୍‌ରେ ଦଳରେ ସାମିଲ କରିଛି। ଚଳିତ ଆଇପିଏଲ୍‌ରେ ୧୪ଟି ୱିକେଟ ନେଇଥିବା ଓଭରଟନଙ୍କ ଜଙ୍ଘ ମାଂସପେଶୀରେ ଗଭୀର ଆଘାତ ଲାଗିଛି। ଅଧିକ ଚିକିତ୍ସା ଲାଗି ସେ ଇଂଲଣ୍ଡ ଫେରିଯାଇଛନ୍ତି। ଗତକାଲି ଆହତ ଫାଷ୍ଟ ବୋଲର ରାମକ୍ରିଷ୍ଣା ଘୋଷଙ୍କ ସ୍ଥାନରେ କର୍ଣ୍ଣାଟକ ଅଲରାଉଣ୍ଡର ମ୍ୟାକ୍‌ନେଲ ନୋରୋନାଙ୍କୁ ସାମିଲ କରିବା ଘୋଷଣା କରିବା ପରେ ଓଭରଟନ୍‌ଙ୍କ ଆହତ ସମସ୍ୟାର ରିପୋର୍ଟ ପଦାକୁ ଆସିଥିଲା।

## ବିରାଟ ବୟାନ: ଦିନେ ମୁଁ ଖେଳିବା ଛାଡ଼ିଦେବି...

ରାୟପୁର, ୧୪।୫ (ଏଜେନ୍ସି): ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ତାରକା ବିରାଟ କୋହଲି ଆଇପିଏଲ୍‌ରେ ୯ମ ଶତକ ହାସଲ କରିଛନ୍ତି। ଗତକାଲି ଏଠାରେ କୋଲକାତା ବିପକ୍ଷରେ ଅନୁଷ୍ଠିତ ମ୍ୟାଚରେ କୋହଲି ୧୦୫ ରନର ଅପରାଜିତ ପାଳି ଖେଳି ଆରସିବିକୁ ୬ ୱିକେଟରେ ବିଜୟୀ କରାଇଥିଲେ। ମ୍ୟାଚ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କୋହଲି ଅବସରକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି। କୋହଲି କହିଛନ୍ତି ଯେ କ୍ରମାଗତ ୨ଟି ମ୍ୟାଚରେ 'ଶୂନ'ରେ ଆଉଟ ହେବା ମୋତେ ଚିନ୍ତାରେ ପକାଇଥିଲା। ମୋ ଖେଳରେ କୌଣସି ତ୍ରୁଟି ନ ଥିଲା, କିନ୍ତୁ ଏହା ମୋତେ କଷ୍ଟ ଦେଇଥିଲା। ଏହା ସତ୍ତ୍ୱେ ମୁଁ ବ୍ୟାଟିଂ କରିବାକୁ ଭଲପାଏ। ଏଥିପ୍ରତି ମୋର ଗଭୀର ଆଗ୍ରହ ରହିଛି। ଏହି ସ୍ତରରେ ଆଜି ମଧ୍ୟ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ବିପକ୍ଷରେ ପ୍ରତିଯୋଗିତା କରିବା ମୋ ପାଇଁ ଏକ ବଡ଼ ସମ୍ମାନ। ମୁଁ ପଡ଼ିଆରେ ମୋର ସର୍ବସ୍ୱ ଦେବି। କାରଣ ଦିନେ ନା ଦିନେ ଏହା ଶେଷ ହୋଇଯିବ ବୋଲି କୋହଲି କହିଥିଲେ। କୋହଲି ଏହି ବୟାନରେ ସେ ନିକଟ ଭବିଷ୍ୟତରେ ସମସ୍ତ ଫର୍ମାଟରୁ ଅବସର ନେବାକୁ ସଙ୍କେତ ଦେଇଥିବା ଚର୍ଚ୍ଚା ହେଉଛି।

## ନାହିଦ ଏପ୍ରିଲ ମାସର ଶ୍ରେଷ୍ଠ କ୍ରିକେଟର୍



ଦୁବାଇ, ୧୪।୫ (ଏଜେନ୍ସି): ବାଂଲାଦେଶ ଦ୍ରୁତ ବୋଲର ନାହିଦ ରାଣା ଏପ୍ରିଲ ମାସ ଲାଗି ଆଇସିସିର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ବିବେଚିତ ହୋଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ ଲାଗି ନାହିଦଙ୍କୁ ଏହି ଆଇସିସି ଟ୍ରଫି ମିଳିଛି। ତିନି ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ରାଣା ୮ଟି ୱିକେଟ୍ ନେଇଥିଲେ। ଫଳରେ ବାଂଲାଦେଶ ୨-୧ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଐତିହାସିକ ସିରିଜ ବିଜୟୀ ହୋଇଥିଲା। ୨୩ ବର୍ଷୀୟ ରାଣାଙ୍କ ତାଙ୍କ କ୍ୟାରିୟରରେ ପ୍ରଥମଥର ଲାଗି 'ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ' ଟ୍ରଫି ଜିତିଛନ୍ତି।

## କୋହଲିଙ୍କ ସମକକ୍ଷ ହେଲେ ରୋହିତ୍

ଧର୍ମଶାଳା, ୧୪।୫ (ଏଜେନ୍ସି): ଆଇପିଏଲ୍ ଇତିହାସରେ ସର୍ବାଧିକ ମ୍ୟାଚ୍ ଖେଳିବାରେ ବିରାଟ କୋହଲିଙ୍କ ସହ ସମକକ୍ଷ ହୋଇଛନ୍ତି ରୋହିତ ଶର୍ମା। ଗୁରୁବାର ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍ ଖେଳି ମୁମ୍ବାଇ ଇଣ୍ଡିଆନ୍ସର ରୋହିତ ଶର୍ମା ଏହି କୀର୍ତ୍ତିମାନ କରିଛନ୍ତି। ଆଇପିଏଲ୍‌ରେ ରୋହିତଙ୍କ ଏହା ୨୭୯ତମ ମ୍ୟାଚ୍ ଥିଲା। ଦିନକ ତଳେ ଆରସିବି ତାରକା କୋହଲି କୋଲକାତା ବିପକ୍ଷ ମ୍ୟାଚ୍ ସହ ଆଇପିଏଲ୍‌ରେ ତାଙ୍କର ୨୭୯ତମ ମ୍ୟାଚ୍ ଖେଳିଥିଲେ। ଫଳରେ ଏବେ କୋହଲି ଓ ରୋହିତ ଏହି ତାଲିକାରେ ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ଏହି ତାଲିକାରେ ମହେନ୍ଦ୍ର ସିଂ ଧୋନି (୨୭୮ ମ୍ୟାଚ୍), ଜାଡେଜା (୨୬୫), ଦୀନେଶ କାର୍ତ୍ତିକ (୨୫୭) ଏହି ତାଲିକାରେ ପଛକୁ ପଛ ରହିଛନ୍ତି।

## କ୍ୱାର୍ଟରରେ ସିନ୍ଧୁ, ଲକ୍ଷ୍ୟ, ସାତ୍ୱିକ-ଚିରାଗ

ବ୍ୟାଙ୍କକ, ୧୪।୫ (ଏଜେନ୍ସି): ପାଞ୍ଚ ଲକ୍ଷ ଡଲାର (୪.୭୮ କୋଟି ଟଙ୍କା) ପୁରସ୍କାର ରାଶିବିଶିଷ୍ଟ ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳିଙ୍କ ବିଜୟ ଅଭିଯାନ ଜାରି ରହିଛି। ପିଭି ସିନ୍ଧୁ, ଲକ୍ଷ୍ୟ ସେନ ଓ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ-ଚିରାଗ ସେଟ୍ଟୀ ଯୋଡ଼ି ପ୍ରମୁଖ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଦୁଇଥରର ଅଲିମ୍ପିକ୍ସ ବିଜୟିନୀ ସିନ୍ଧୁ ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ରେ ୨୧-୧୩, ୨୧-୧୫ ସିଧାସଳଖ ଗେମରେ ଡେନମାର୍କର ଆମେଲି ଶ୍ଟୁଲଜଙ୍କୁ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସିନ୍ଧୁ ବିଶ୍ୱର ୩ ନମ୍ବର ଖେଳାଳି ଜାପାନର ଆକାନେ ୟାମାଗୁଚିଙ୍କୁ ଭେଟିବେ। ସେହିଭଳି ପୁରୁଷ ବିଭାଗରେ ଲକ୍ଷ୍ୟ ୨୧-୧୨, ୨୧-୧୩ ସିଧାସଳଖ ଗେମରେ ଚାଇନାର ଝୁ ଜୁଆନଙ୍କୁ ହରାଇଛନ୍ତି। ଅପରପକ୍ଷରେ ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରରେ ସାତ୍ୱିକ-ଚିରାଗ ଯୋଡ଼ି ମାଲେସିଆର ବ୍ରାଏନା ଜେରେମୀଙ୍କୁ ପରାସ୍ତ କରିଥିଲେ।




## ଶ୍ରୀଜେଶଙ୍କ ସ୍ଥାନରେ ସୋୟେଜ୍

ନୂଆଦିଲ୍ଲୀ,୧୪।୫(ଏଜେନ୍ସି): ଅଭିଜ୍ଞତା କିମ୍ବା ସଫଳତା ଭାରତୀୟ ହକି ଦଳ ସହ କାମକରିବା ଯୋଗ୍ୟତାର ମାପକାଠି ନୁହେଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଭାରତୀୟ ଦଳର ପୂର୍ବତନ ଅଧିନାୟକ ତଥା ଗୋଲରକ୍ଷକ ପିଆର୍ ଶ୍ରୀଜେଶ। ଅଲିମ୍ପିକ୍ ପଦକ ବିଜେତା ତଥା ଭାରତକୁ ଦୀର୍ଘଦିନ ପ୍ରତିନିଧିତ୍ୱ କରିଥିବା ଶ୍ରୀଜେଶ ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିବା ପରେ ତାଙ୍କୁ ଭାରତୀୟ କନିଷ୍ଠ ଦଳର ହେଡ୍ କୋଚ୍ ନିଯୁକ୍ତ କରାଯାଇଥିଲା। ସେ ମଧ୍ୟ ତାଙ୍କ ଅଭିଜ୍ଞତାକୁ କାମରେ ଲଗାଇ ଭାରତରେ ଖେଳାଯାଇଥିବା କନିଷ୍ଠ ହକି ବିଶ୍ୱକପ୍‌ରେ ଭାରତକୁ କାଂସ୍ୟ ପଦକ ଜିତାଇଥିଲେ। ୧୭ମାସ ଦାୟିତ୍ୱରେ ରହିବା ପରେ ଏହାର ପୁରସ୍କାର ବିଳମ୍ବରେ ହେଉ ମଧ୍ୟ ଏବେ ମିଳିଛି। ତାଙ୍କ କାର୍ଯ୍ୟକାଳର ରାଜିନାମା ଶେଷ ହେବା ପରେ ହକି ଇଣ୍ଡିଆ ଆଉ ନବିକରଣ କରିନାହିଁ। ଏହାକୁ ନେଇ ଶ୍ରୀଜେଶ କ୍ଷୋଭ ପ୍ରକାଶ କରିବା ପରେ ଆଜି ହକି ଇଣ୍ଡିଆ ପକ୍ଷରୁ ଫ୍ରାନ୍ସର ଫ୍ରେଡରିକ୍ ସୋୟେଜ୍‌ଙ୍କୁ ଭାରତୀୟ କନିଷ୍ଠ ହକି ଦଳର ହେଡ୍ କୋଚ୍ ନିଯୁକ୍ତ ହୋଇଛନ୍ତି। ହକି ଇଣ୍ଡିଆର କହିବା ଅନୁଯାୟୀ ଫରାସୀ ବ୍ୟକ୍ତି ସୋୟେଜଙ୍କର ୩ ଦଶନ୍ଧି ବା ୩୦ ବର୍ଷ ଧରି ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ରହିଛି। ସେ ୧୫ବର୍ଷ ଖେଳିଥିଲାବେଳେ ଫ୍ରାନ୍ସ ଓ ସ୍ପେନ୍ ଜାତୀୟ ସିନିଅର ଦଳର ହେଡ୍ କୋଚ୍ ଭାବେ କାମ କରିଛନ୍ତି। କନିଷ୍ଠ ବିଶ୍ୱକପ୍‌ରେ ଫ୍ରାନ୍ସକୁ ୨୦୧୩ରେ ରୌପ୍ୟ ପଦକ ଜିତାଇଥିଲାବେଳେ ଗତବର୍ଷ ୧୮ ବର୍ଷରୁ କମ୍ ଦଳୁ ୟୁରୋପୀୟ ଚାମ୍ପିଅନସିପ୍‌ରେ ମଧ୍ୟ ଫ୍ରାନ୍ସକୁ କାଂସ୍ୟ ପଦକ ବିଜୟୀ କରାଇଥିଲେ। ଏଭଳି ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ତଥା କୋଚ୍‌ଙ୍କୁ ପାଇ ହକି ଇଣ୍ଡିଆ ଭାରତର କନିଷ୍ଠ ଦଳକୁ ଏକ ବିରାଟ ଉପହାର ଦେଇଛି ବୋଲି ଖୁବ୍ ଆଲୋଚନା ହେଉଛି।


ଭାରତୀୟ କନିଷ୍ଠ ହକି ଦଳର କୋଚ୍




## କ୍ରମାଗତ ମ୍ୟାଚ୍ ଜିତିବାରେ ଜୋକୋଭିଚ୍‌ଙ୍କୁ ଟପିଲେ ସିନ୍ନର

ରୋମ, ୧୪।୫ (ଏଜେନ୍ସି): ଏଟିପି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ମ୍ୟାଚ୍ ଜିତିବାରେ ଇଟାଲୀର ଜାନିକ ସିନ୍ନର ବିଶ୍ୱରେକର୍ଡ କରିଛନ୍ତି। ଏଠାରେ ଚାଲିଥିବା ଇଟାଲିଆନ ଓପନ୍‌ର କ୍ୱାର୍ଟର ଫାଇନାଲ ମୁକାବିଲାରେ ଘରୋଇ ଖେଳାଳି ସିନ୍ନର ୬-୨, ୬-୪ ସିଧାସଳଖ ସେଟରେ ୧୨ତମ ସିଡ୍ ଆନ୍ଦ୍ରେ ରୁବଲେଭଙ୍କୁ ପରାସ୍ତ କରିଥିଲେ। ଏଟିପି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟରେ ସିନ୍ନରଙ୍କ ଏହା କ୍ରମାଗତ ୩୨ତମ ବିଜୟ ଥିଲା। ଗତବର୍ଷ ପ୍ୟାରିସ ମାଷ୍ଟର୍ସ ଦ୍ୱିତୀୟ ରାଉଣ୍ଡରୁ ସିନ୍ନରଙ୍କ ଏହି ବିଜୟ ଅଭିଯାନ ଜାରି ରହିଛି। ଏହାରି ମଧ୍ୟରେ ସେ କ୍ରମାଗତ ୫ଟି ମାଷ୍ଟର୍ସ-୧୦୦୦ ଟାଇଟଲ୍ ଜିତି ବିଶ୍ୱରେକର୍ଡ ମଧ୍ୟ କରିଛନ୍ତି। ସିନ୍ନର ଏହିକ୍ରମରେ ସର୍ବିଆର କିମ୍ବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚଙ୍କୁ ପଛରେ ପକାଇଦେଇଛନ୍ତି। ଜୋକୋଭିଚ୍ କ୍ରମାଗତ ୩୧ ମ୍ୟାଚ୍ ଜିତି ଏହି ରେକର୍ଡର ଅଧିକାରୀ ରହିଥିଲେ। ୨୦୧୧ ମସିହାରେ ଇଣ୍ଡିଆନ ୱେଲ୍ସରୁ ସିନ୍‌ସିନାଟି ଫାଇନାଲ ପର୍ଯ୍ୟନ୍ତ ଜୋକୋଭିଚ୍ କ୍ରମାଗତ ୩୧ଟି ମାଷ୍ଟର୍ସ-୧୦୦୦ ମ୍ୟାଚ ଜିତିଥିଲେ।



## ନିଖତ ନିରାଶ: ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନରେ ବିଫଳ

ପଟିଆଲା, ୧୪।୫ (ଏଜେନ୍ସି): ଦୁଇଥରର ଅଲିମ୍ପିକ ଚାମ୍ପିଅନ ତଥା ଭାରତର ତାରକା ମହିଳା ବକ୍ସର ନିଖତ ଜରୀନଙ୍କୁ ବଡ଼ ଝଟକା ଲାଗିଛି। ଆଗାମୀ ଦୁଇଟି ମେଗା ଇଭେଣ୍ଟ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିବାରେ ନିଖତ୍ ବିଫଳ ହୋଇଛନ୍ତି। ଏଠାରେ ଚାଲିଥିବା ମହିଳା ୫୧ କିଗ୍ରା ଟ୍ରାଏଲ୍ସର ସେମିଫାଇନାଲରେ ଜରୀନ ୧-୪ରେ ସାକ୍ଷୀ ଚୌଧୁରୀଙ୍କଠାରୁ ହାରି ବିଦାୟ ନେଇଛନ୍ତି। ଏହି ପରାଜୟ ସହ ଜରୀନଙ୍କ ଆଗାମୀ ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ ଆଶା ମଉଳି ଯାଇଛି। ଭିୱାନୀ ବକ୍ସର ସାକ୍ଷୀ ଗତବର୍ଷ ଜୁଲାଇରେ ଅଷ୍ଟାନରେ ଅନୁଷ୍ଠିତ ୱାର୍ଲ୍ଡ ବକ୍ସିଂ କପ୍‌ରେ ୫୪ କିଗ୍ରା ବର୍ଗରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସାକ୍ଷୀ ଏବେ ଫାଇନାଲରେ ମୀନାକ୍ଷି ହୁଡାଙ୍କୁ ଭେଟିବେ। ଅନ୍ୟ ଏକ ସେମିଫାଇନାଲରେ ମୀନାକ୍ଷି ୨୦୨୩ ବିଶ୍ୱ ଚାମ୍ପିଅନ ନୀତୁ ଘଙ୍ଗାସଙ୍କୁ ପରାସ୍ତ କରିଥିଲେ। ଫାଇନାଲରେ ସାକ୍ଷୀ ଓ ମୀନାକ୍ଷିଙ୍କ ମଧ୍ୟରୁ ଯିଏ ବିଜୟୀ ହେବ ସେ ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମହିଳା ବକ୍ସିଂର ୫୧ କିଗ୍ରା ବିଭାଗରେ ଭାରତରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବ।

ଶ୍ରୀଲଙ୍କାରେ 'ଏ' ଟିମ୍‌ର ଦିନିକିଆ ସିରିଜ୍

## ତିଲକ ଅଧିନାୟକ, ସୂର୍ଯ୍ୟବଂଶୀ ସାମିଲ

ମୁମ୍ବାଇ,୧୪।୫(ଏଜେନ୍ସି):

ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ 'ଏ' ଟିମ୍ ଦିନିକିଆ ସିରିଜ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଛି। ଭାରତ-ଏ' ଦଳରେ ସୂର୍ଯ୍ୟବଂଶୀଙ୍କ ଏହା ପ୍ରଥମ ପ୍ରବେଶ। ଯୁଥ୍ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଦଳର ସଦସ୍ୟ ସୂର୍ଯ୍ୟବଂଶୀ ଫାଇନାଲରେ ୮୦ବଲ୍‌ରୁ ୧୭୫ରନ୍ କରି ଇଂଲଣ୍ଡକୁ ହରାଇଦେଇଥିଲେ। ଜୁନ୍ ୯ରୁ ୨୧ଯାଏ ଭାରତ-ଏ', ଶ୍ରୀଲଙ୍କା-ଏ' ଓ ଆଫଗାନିସ୍ତାନ-ଏ'କୁ ନେଇ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ତିଲକ ବର୍ମାଙ୍କୁ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ତାଙ୍କ ଡେପୁଟି ଥିବା ରିୟାନ ପରାଗ, ଫାଷ୍ଟ ବୋଲର ଅଂଶୁ କାମ୍ବୋଜ ଏବଂ ତିଳକ କେବଳ ୩ଜଣ ଖେଳାଳି ଭାରତ ସିନିଅର ଦଳ ପକ୍ଷରୁ ଖେଳିବାର ଅଭିଜ୍ଞତା ରହିଛି। ଆଇପିଏଲ୍‌ରେ ବିସ୍ଫୋରକ ଓପନିଂ ଯୋଡି ପଞ୍ଜାବର ପ୍ରଭସିମରନ ସିଂ ଓ ପ୍ରିୟାଂଶ ଆର୍ଯ୍ୟଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଭାରତ-ଏ' ତାହାର ପ୍ରଥମ ମ୍ୟାଚ୍ ଶ୍ରୀଲଙ୍କା-ଏ' ସହ ଜୁନ୍ ୯ରେ ଖେଳିବ। ଜୁନ୍ ୨୧ରେ ଫାଇନାଲ ମୁକାବିଲା ପରେ ଶ୍ରୀଲଙ୍କା-ଏ' ସହ ଭାରତ-ଏ' ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ଟେଷ୍ଟ ସିରିଜ୍ ଲାଗି ପରେ ଭାରତୀୟ ଦଳ ଘୋଷଣା କରାଯିବ।



**ଘୋଷିତ ଦଳ:** ତିଲକ ବର୍ମା (ଅଧିନାୟକ), ପ୍ରିୟାଂଶ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ରିୟାନ ପରାଗ (ଉପଅଧିନାୟକ), ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ, ହର୍ଷ ଦୁବେ, ସୂର୍ଯ୍ୟାଂଶ ଶେଡ୍‌ଗେ, ପ୍ରଭସିମରନ ସିଂହ ଓ କୁମାର କୁଶାଗ୍ର (ଉଭୟ ୱିକେଟରକ୍ଷକ), ବିପରାଜ ନିଗମ, ଯଶ ଠାକୁର, ଯୁଦ୍ଧବୀର ସିଂହ, ଅଂଶୁଲ କାମ୍ବୋଜ ଓ ଅର୍ଶାଦ୍ ଖାନ୍।

**ଖେଳସୂଚୀ:** ୯।୬- ଭାରତ-ଏ ବନାମ ଶ୍ରୀଲଙ୍କା-ଏ, ୧୧।୬- ଭାରତ-ଏ ବନାମ ଶ୍ରୀଲଙ୍କା-ଏ, ୧୩।୬- ଆଫଗାନିସ୍ତାନ-ଏ ବନାମ ଶ୍ରୀଲଙ୍କା-ଏ, ୧୫।୩-ଭାରତ-ଏ ବନାମ ଶ୍ରୀଲଙ୍କା-ଏ, ୧୭।୬- ଭାରତ-ଏ ବନାମ ଆଫଗାନିସ୍ତାନ-ଏ, ୧୯।୬- ଆଫଗାନିସ୍ତାନ-ଏ ବନାମ ଶ୍ରୀଲଙ୍କା-ଏ, ୨୧।୬- ଫାଇନାଲ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS